ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୦୮
୫ ଡିସେମ୍ବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 208
5th December, 2025 Friday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍**
**ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତଦ୍ ସତ୍ୟଂ ଯଚ୍ଛକେନାଭ୍ୟୁପେତମ**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ। ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି । ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ। ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ।

# ଭାରତରେ ରୁଷ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରୁଷ-ୟୁକ୍ରେନ ଯୁଦ୍ଧ ପରେ ଭାରତକୁ ପ୍ରଥମ ଥର ପାଇଁ ଆସିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ୪ ତାରିଖ ସନ୍ଧ୍ୟାରେ ରୁଷ ରାଷ୍ଟ୍ରପତି ନୂଆଦିଲ୍ଲୀର ପାଲାମ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ପୁଟିନ ଓ ମୋଦି ଗୋଟିଏ କାରରେ ବିମାନ ବନ୍ଦରରୁ ବାହାରିଥିଲେ। ଦୁଇଦିନିଆ ଗସ୍ତରେ ଭାରତ ଆସିଛନ୍ତି ରୁଷ ରାଷ୍ଟ୍ରପତି।

ଗୁରୁବାର ରାତିରେ ରୁଷ ରାଷ୍ଟ୍ରପତିଙ୍କ ସମ୍ମାନରେ ପ୍ରଧାନମନ୍ତ୍ରୀ ଏକ ନୈଶ ଭୋଜିର ଆୟୋଜନ କରିଛନ୍ତି।

ଏହି ଗସ୍ତକାଳରେ ପୁଟିନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପୁଟିନଙ୍କ ସହ ରୁଷର ବହୁ ମନ୍ତ୍ରୀ ଓ ଅଧିକାରୀ ଭାରତରେ ଆସିଛନ୍ତି। ପୁଟିନଙ୍କ ରହଣିଠାରୁ ଆରମ୍ଭ କରି ସବୁ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ରୁଷରୁ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ପୂର୍ବରୁ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।

**ଦିଲ୍ଲୀରେ ପୁଟିନ୍ଙ୍କ ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା**



ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତ ଗସ୍ତରେ ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୃଢ଼ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ପୁଟିନ କହିଛନ୍ତି, ମୋଦି ହେଉଛନ୍ତି ସେହି ନେତା ଯିଏ କାହାରି ଚାପରେ ଆସନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଆମେରିକାର ଉଚ୍ଚ ଶୁଳ୍କ ଦେଇ ଚାପ ପକାଇବାର ଚେଷ୍ଟା ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ। ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଗସ୍ତ ଥିଲା ବେଳେ ତାଙ୍କ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ତାଙ୍କର ଘଡି ସୌକ ନେଇ ଚର୍ଚ୍ଚା ହେଉଛି। ତାଙ୍କୁ ମହଙ୍ଗା ଘଣ୍ଟାର ଜଣେ ପ୍ରଶଂସକ କୁହାଯାଉଛି। ମସ୍କୋ ଟାଇମ୍ସର ରିପୋର୍ଟ ଅନୁଯାୟୀ ତାଙ୍କୁ ୧୦ବର୍ଷ ପୂର୍ବେ ଏକ ପାଟେକ୍ ଫିଲିପ୍ ପପେଚୁଆଲ ଘଣ୍ଟା ପିନ୍ଧିଥିବାର ଦେଖାଯାଇଥିଲା। ଯାହାର ବଜାର ମୂଲ୍ୟ ଭାରତୀୟ ଟଙ୍କାରେ ୪୮ ଲକ୍ଷ। ପୁଟିନ୍ କୁମ୍ଭିର ଚମଡା ଥିବା ଘଣ୍ଟା ପିନ୍ଧିବା ପସନ୍ଦ କରନ୍ତି। ଯାହାର ମୂଲ୍ୟ ସାଢେ ୪ କୋଟି ଟଙ୍କା। ଏହା ନୀଳମଣି ରନ୍ ପ୍ଲାଟିନମ ଓ କୁମ୍ଭିର ଚରଡାରେ ତିଆରି ହୋଇଛି।

ପ୍ରଧାନମନ୍ତ୍ରୀ ମୋଦି ୨୦୨୪ରେ ଦୁଇଥର ରୁଷିଆ ଗସ୍ତ କରିଥିଲେ। ବ୍ରିକ୍ସ ସମ୍ମିଳନୀ ପାଇଁ ଅକ୍ଟୋବର ୨୨ରେ ଓ ତା' ପୂର୍ବରୁ ଜୁଲାଇ ମାସରେ ରୁଷିଆ ଗସ୍ତ କରିଥିଲେ ମୋଦି। ସେତେବେଳେ ଭାରତ ଗସ୍ତ ପାଇଁ ସେ ପୁଟିନଙ୍କୁ ନିମନ୍ତ୍ରଣ କରିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦୁଇ ପୋଲିସ ଅଧିକାରୀ ହାତାହାତି

**ଯାଜପୁର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚାର୍ଜସିଟ୍ ରିପୋର୍ଟକୁ ନେଇ ଆଇଆଇସି ଏବଂ ଏଏସଆଇଙ୍କ ମଧ୍ୟରେ ହାତାହାତି ଚର୍ଚ୍ଚାର ବିଷୟ ହୋଇଛି। ଯାଜପୁର ଅଳକୁଣ୍ଡ ଥାନାରେ ଏହି ଅଭାବନୀୟ ଘଟଣା ଘଟିଛି। ଉଭୟଙ୍କ ହାତାହାତି ସମୟର ଭିଡିଓ ପଦାକୁ ଆସିଛି। ତେବେ ଏହି ଘଟଣାର ତଦନ୍ତ ପରେ ଯାଜପୁର ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଭୟଙ୍କୁ ପୁଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି। ଯାଜପୁର ଅଳକୁଣ୍ଡ ଥାନାରେ ଏଏସଆଇଙ୍କୁ ଥାନା ଅଧିକାରୀ ଚାପୁଡା ମାରିବା ନେଇ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଏଏସଆଇ। ବାସୁଦେବପୁର ଗାଁର ଜଣେ ମହିଳା ଓ ବଡ଼ଚଣା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ କିଛିଦିନ ପୂର୍ବରୁ ଏକ ବିବାଦ ହୋଇଥିଲା। ଏହି ବିବାଦରେ ଚାର୍ଜସିଟ ଲେଖାକୁ ନେଇ ଏଏସ୍‌ଆଇ ପ୍ରକାଶ କୁମାର ସିଂହଙ୍କୁ ଥାନା ଅଧିକାରୀ ଦେବାଶିଷ ଶତପଥୀ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି ଅଭିଯୋଗ ପରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଅଳକୁଣ୍ଡ ଥାନାରେ ପହଞ୍ଚି ଥାନାର ସିସିଟିଭି ଚେକ କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଯାଜପୁର ଏସପି। ଉଭୟ ଆଇଆଇସି ଓ ଏଏସଆଇଙ୍କୁ ଯାଜପୁର ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ୍ ମୁଖ୍ୟାଳୟକୁ ବଦଳି କରି ତଦନ୍ତ ଜାରି ରଖିଛନ୍ତି।

## ବାଂଲାଦେଶରେ ଭୂମିକମ୍ପର ଝଟକା



**ଢାକା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶରେ ୪.୧ ତୀବ୍ରତାର ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାର ପ୍ରଭାବ ଢାକା ଏବଂ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ପଡିଥିଲା। ସକାଳ ପ୍ରାୟ ୬:୧୪ ସମୟରେ ଅନୁଭୂତ ହୋଇଥିବା ମୃଦୁ ଭୂମିକମ୍ପର ପ୍ରଭାବ ଅନୁଭବ କରିବାପରେ ଲୋକମାନେ ଘରୁ ବାହାରି ଆସିଥିଲେ। ସୌଭାଗ୍ୟବଶତଃ ଭୂକମ୍ପ ଝଟକାରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇନାହିଁ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆପାର୍ଟମେଣ୍ଟ କିଣାବିକା ଲାଗି ଫିଟିଲା ବାଟ

**ଭୁବନେଶ୍ୱର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆପାର୍ଟମେଣ୍ଟ କିଣାବିକା ପାଇଁ ଫିଟିଲା ବାଟ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ଜାରି ହୋଇଛି ସ୍ୱତନ୍ତ୍ର ନିର୍ଦ୍ଦେଶନାମା। ରେରା ଆଇନ ଆସିବା ପୂର୍ବରୁ କିଣାବିକା ହୋଇଥିବା ଆପର୍ଟମେଣ୍ଟ ହୋଇପାରିବ ଆଉଥରେ ବିକ୍ରି। ୨୦୧୬ ପୂର୍ବ ଆପର୍ଟମେଣ୍ଟ କିଣାବିକା ପାଇଁ ଅକୁପେନ୍ସି ସାର୍ଟିଫିକେଟ ବାଧ୍ୟତାମୂଳକ ଥିଲା। ଦେବାକୁ ପଡୁଥିଲା ରେରା ସାର୍ଟିଫିକେଟ ଓ ମାଲିକ ସଂଘର ପ୍ରମାଣପତ୍ର। ନୂଆ ନିର୍ଦ୍ଦେଶନାମା ଅନୁସାରେ ଏସବୁ ଦେବାକୁ ପଡିବ ନାହିଁ। କେବଳ ପୁରୁଣା ଦଲିଲ ଦେବାକୁ ପଡିବ।

# ବର୍ଷକ ଭିତରେ ବନ୍ଦ ହେବ ଟୋଲ୍ ଗେଟ୍

**ନୂଆଦିଲ୍ଲୀ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଗାମୀ ବର୍ଷରେ, ଆପଣଙ୍କୁ ଟୋଲ ଟ୍ୟାକ୍ସ ନେଇ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବନି। କେନ୍ଦ୍ର ସରକାର ଏଥିପାଇଁ ଏକ ନୂତନ ବ୍ୟବସ୍ଥା ଉପରେ କାମ କରୁଛନ୍ତି। ଏହା କାର୍ଯ୍ୟକାରୀ ହେବା ପରେ, କୌଣସି ଯାନକୁ ଟୋଲ୍ ବୁଥ୍‌ରେ ଟ୍ୟାକ୍ସ ଦେବା ପାଇଁ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡ଼କରୀ ଲୋକସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ଏକ ବର୍ଷ ମଧ୍ୟରେ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ। ଆଗକୁ ଟୋଲ୍ ଟ୍ୟାକ୍ସରେ ଇଲେକ୍ଟ୍ରୋନିକ୍ ପ୍ରଣାଳୀରେ ଦିଆଯାଇ ହେବ। ଏହାଦ୍ୱାରା ଯାନବାହାନ ଚାଳକମାନେ ସର୍ବାଧିକ ଲାଭ ପାଇବେ।





ଶୀତକାଳୀନ ଅଧିବେଶନରେ ଲୋକସଭାରେ ଗୁରୁବାର ନୀତିନ ଗଡକରୀ କହିଥିଲେ, ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ଆରମ୍ଭ ହୋଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ଏହାକୁ ସାରା ଦେଶରେ ବିସ୍ତାର କରାଯିବ। ଏହା ଆସିବା ଦ୍ୱାରା ବର୍ତ୍ତମାନର ଟୋଲ୍ ବ୍ୟବସ୍ଥା ଶେଷ ହୋଇଯିବ। ଟୋଲ୍ ନାମରେ ଆପଣଙ୍କୁ ଅଟକାଇବା ପାଇଁ କେହି ରହିବେ ନାହିଁ। ଗୋଟିଏ ବର୍ଷ ମଧ୍ୟରେ ସାରା ଦେଶରେ 'ଇଲେକ୍ଟ୍ରୋନିକ୍ ଟୋଲ୍ କଲେକ୍ସନ' କାର୍ଯ୍ୟକାରୀ କରାଯିବ। ଗଡକରୀ ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ୧୦ ଲକ୍ଷ କୋଟି ଟଙ୍କାର ୪,୫୦୦ ରାଜପଥ ପ୍ରକଳ୍ପ କାର୍ଯ୍ୟ ଚାଲିଛି।

ନିକଟରେ ଜାରି ସରକାରୀ ବିବୃତ୍ତି ଅନୁଯାୟୀ, ଭାରତର ରାଜପଥରେ ଟୋଲ୍ ସଂଗ୍ରହକୁ ସୁଗମ କରିବା ପାଇଁ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ (ଏନଇଟିସି) କାର୍ଯ୍ୟକ୍ରମ ବିକଶିତ କରିଛି, ଯାହା ଇଲେକ୍ଟ୍ରୋନିକ୍ ଟୋଲ୍ ଟ୍ୟାକ୍ସ ପାଇଁ ଏକ ସମନ୍ୱିତ, ଆନ୍ତଃ-ପରିଚାଳିତ ପ୍ଲାଟଫର୍ମ। ଲୋକସଭାରେ ଭାଷଣ ଦେଇ ନୀତିନ୍ ଗଡ଼କରୀ ଦିଲ୍ଲୀର ପ୍ରଦୂଷଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ କେନ୍ଦ୍ର ସରକାର ବିକଳ୍ପ ଇନ୍ଧନକୁ ପ୍ରାଥମିକତା ଦେଉଛନ୍ତି। ଏପରିକି ସେ ମଧ୍ୟ ଟୟୋଟାର 'ମିରାଇ' ହାଇଡ୍ରୋଜେନ୍ ଇନ୍ଧନ-ସେଲ୍ କାର ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଗଡ଼କରୀ କହିଛନ୍ତି, ହାଇଡ୍ରୋଜେନ୍ ହେଉଛି ଭବିଷ୍ୟତର ଇନ୍ଧନ। ମୋ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗାନ୍ଧିଜୀଙ୍କ ପ୍ରତି ଶାସକ ବିଧାୟକଙ୍କ କଟାକ୍ଷ

### ବିରୋଧୀଙ୍କ ମୌନ ପ୍ରତିବାଦ



**ଭୁବନେଶ୍ୱର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭାରେ କ୍ଷମା ମାଗିବେ ନୀଳଗିରି ବିଧାୟକ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପ୍ରତିଶ୍ରୁତି ପରେ ଗୃହ କାର୍ଯ୍ୟକୁ ଫେରିଲେ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକ। ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ବିଧାୟକଙ୍କ ପାଖକୁ ଆସି ବୁଝାସୁଝା କରିଥିଲେ। ସେ କହିଥିଲେ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେବା ଅଶୋଭନୀୟ। ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ସେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

ସୂଚନା ମୁତାବକ, ବିଧାନସଭା ଶୀତ ଅଧିବେଶନର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଖାଦ୍ୟ ଆୟୋଗଙ୍କ ରାଜନଗର ଗସ୍ତକୁ ନେଇ ଚର୍ଚ୍ଚା

**ରାଜନଗର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଫୁଡ କମିଶନ ଅବନୀକାନ୍ତ ସାହୁ ଗୁରୁବାର ଦିନ ରାଜନଗର ଅଂଚଳ ଗସ୍ତ କରିଛନ୍ତି । ପୂର୍ବାହ୍ନ ପ୍ରାୟ ୧୧ଟା ୪୦ମି. ସମୟରେ ରାଜନଗର ହଂସୁଆ ସେତୁ ଅତିକ୍ରମ କରି ଭିତରକନିକା ଜାତୀୟ ଉଦ୍ୟାନକୁ ଯାଇଥିଲେ । ତାଙ୍କ ସହ ଜିଲ୍ଲା ଯୋଗାଣ ଅଧିକାରୀ, ବେଣୁଧର ପାଣିଗ୍ରାହୀ ଥିଲେ। ସେଠାରେ ରାଜନଗର ବିଡିଓ ତିଲୋତମା ପୃଷ୍ଟି, ବିଇଓ ମନୋରଂଜନ ସେଠୀ, ସିଡିପିଓ ଦିପାଳୀ ମିଶ୍ର ଓ ବ୍ଲକ ଯୋଗାଣ ଅଧିକାରୀ ରବିନ୍ଦ୍ର ସେଠୀ କମିଶନ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଡାଙ୍ଗମାଳସ୍ଥିତ ଜାତୀୟର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ସେଠାରୁ ଫେରି ପେଣ୍ଠ ବେଳାଭୂମିରେ ଜିଓଟ୍ୟୁବ ଦେଖି କେନ୍ଦ୍ରାପଡା ଅଭିମୁଖେ ଫେରି ଯାଇଥିଲେ । ସୂଚନା ଥାଉକି, କେନ୍ଦ୍ରପଡା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ରାତି ପ୍ରାୟ ୧୦ଟା ୪୦ମି. ଓମୟରେ ରାଜନଗର ବ୍ଲକର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟ ଫୁଡ କମିଶନ ରାଜନଗର ଅଂଚଳ ପରିଦର୍ଶନ କରିବା ସହ ଅପରାହ୍ନ ୩ଟାରେ ବ୍ଲକ କାର୍ଯ୍ୟାଳୟରେ ରିଭ୍ୟୁ ମିଟିଙ୍ଗ (ସମୀକ୍ଷା) କରିବେ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ଫୁଡ କମିଶନ ରାଜନଗର ବ୍ଲକ କାର୍ଯ୍ୟାଳୟକୁ ନଯାଇ କେନ୍ଦ୍ରାପଡା ପ୍ରତ୍ୟାବର୍ତ୍ତନ କରିବାରୁ ଅପେକ୍ଷାରତ ଗଣମାଧ୍ୟମ ପ୍ରତିନିଧିମାନେ ଅପେକ୍ଷା କରି ନଆସିବାରୁ ନିରାଶ ହୋଇ ଫେରି ଯାଇଥିଲେ। ଫୁଡ କମିଶନ ଯଦି ଭିତରକନିକା ଜାତୀୟ ଉଦ୍ୟାନ ଓ ପେଣ୍ଠ ବେଳାଭୂମିର ମନୋରମ ଦୃଶ୍ୟକୁ ଉପଭୋଗ କରିବାକୁ ଆସିଥିଲେ, ତାହା ସରକାରୀ ନାଁ ବ୍ୟକ୍ତିଗତ କାର୍ଯ୍ୟକ୍ରମ ଥିଲା। ଯାହାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି ।

## ବାରବାଟୀ ଟି-୨୦: ଆଜିଠାରୁ ଟିକେଟ ବିକ୍ରି



**କଟକ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ ଡିସେମ୍ବର ୯ ତାରିଖରେ ଖେଳାଯିବ। ଏହି ମୁକାବିଲାକୁ ଆଉ ୪ ଦିନ ବାକି ରହିଛି। ଶୁକ୍ରବାର ଅର୍ଥାତ ଡିସେମ୍ବର ୫ ତାରିଖ ଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି । ଯେଉଁ କ୍ରିକେଟ ପ୍ରେମୀ ଅନଲାଇନରେ ଟିକେଟ କିଣି ନପାରି ନିରାଶ ହୋଇଥିଲେ, ସେମାନେ ଷ୍ଟାଡ଼ିୟମ ନିକଟ କାଉଣ୍ଟରରୁ ଟିକେଟ କିଣିପାରିବେ। ବାରବାଟୀ ଟି-୨୦ ପାଇଁ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ନିଜର ପ୍ରିୟ ଖେଳାଳୀଙ୍କୁ ପାଖରେ ଦେଖିବାକୁ ସୁଯୋଗ ପ୍ରଶଂସକମାନେ ହାତଛଡ଼ା କରିବେନି। ତେଣୁ ଟିକେଟ ଖଣ୍ଡେ ପାଇବାକୁ କ୍ରିକେଟ ପ୍ରେମୀମାନେ ଚାତକ ପରି ଚାହିଁ ରହିଛନ୍ତି। ସାଧାରଣ ଦର୍ଶକଙ୍କ ପାଇଁ କାଉଣ୍ଟରରେ ୧୦ହଜାର ଟିକେଟ ଉପଲବ୍ଧ ହେବ । ମୋଟ ୬ଟି କାଉଣ୍ଟରରେ ଟିକେଟ ବିକ୍ରି ହେବ । ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । କାଉଣ୍ଟରରେ ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ କିଣିପାରିବେ। ଟିକେଟ କିଣିବା ପାଇଁ ପରିଚୟପତ୍ର ବାଧ୍ୟତାମୂଳକ ରହିଛି। ଶୁକ୍ରବାର ସକାଳ ୯ଟାରୁ କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ ଉପଲବ୍ଧ ହେବ । ତେଣୁ ସକାଳ ୬ଟାରୁ ଦର୍ଶକ ଧାଡ଼ିରେ ରହିବାକୁ ଅନୁମତି ରହିଛି। ଟିକେଟ କିଣିବା ପାଇଁ କେହି ପୂର୍ବ ରାତ୍ରିରୁ ଧାଡ଼ିରେ ରହିପାରିବେ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସିସିଟିଭି ସର୍ଭେଲାନ୍ସରେ ଟିକେଟ ବିକ୍ରି ପ୍ରକ୍ରିୟା ସଂପନ୍ନ ହେବ।

ବାରବାଟୀରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ଟିକେଟ *(ଶେଷ ପୃଷ୍ଠା ଦେଖନ୍ତୁ)*

**ଓଡିଶା ସପସ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ବିଲ୍ ୨୦୨୫ ଗୃହୀତ**

## ନାଇଟ୍ ସିଫ୍ଟରେ କାମ କରିବେ ମହିଳା

**ଭୁବନେଶ୍ୱର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ବିଧାନସଭାରେ ଓଡିଶା ସପସ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ବିଲ୍ ୨୦୨୫ ଗୃହୀତ ହୋଇଛି। ଏଥିରେ ୧୯୫୬ ମୂଳ ଅଧିନିୟମର ସଂଶୋଧନ କରାଯାଇଛି। ଏଣୁ ସବୁ ଶ୍ରେଣୀର ବ୍ୟବସାୟୀକ ପ୍ରତିଷ୍ଠାନରେ ଦୈନିକ କାର୍ଯ୍ୟଘଣ୍ଟା ୯ରୁ ବଢାଇ ୧୦ ଘଣ୍ଟା କରିଦିଆଯାଇଛି। ସେହିପରି ବିଧେୟକରେ ମହିଳାଙ୍କୁ ରାତ୍ରି ସିଫ୍ଟରେ କାମ କରିବା ଲାଗି ଅନୁମତି ମିଳିଛି, ତେବେ ଏଥି ପାଇଁ ସୁରକ୍ଷା ସର୍ତ୍ତ ମଧ୍ୟ ରହିଛି।

ଶ୍ରମ ଓ ନିୟୋଜନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି ଯେ ଉତ୍ପାଦକତା ବୃଦ୍ଧି କରିବା, ବିଶେଷ କରି ମହିଳା ୱାର୍କ ଫୋର୍ସ ନିମନ୍ତେ ଅଧିକ ରୋଜଗାରର ଅବସର ସୃଷ୍ଟି କରିବା, ଆର୍ଥିକ ଗତିବିଦ୍ଧିକୁ ବଢାଇବା ସହ ରାଜ୍ୟରେ ବ୍ୟବସାୟକୁ ସୁଗମ କରିବା ଏହି ବିଧେୟକର ମୁଖ୍ୟ ଉଦ୍ଦେଶ୍ୟ। ବିଧେୟକ ଉପରେ ଆଲୋଚନା ଆରମ୍ଭ କରି ମନ୍ତ୍ରୀ କହିଛନ୍ତି ଯେ ଏବେ ଦୈନିକ ଅଧିକତମ କାର୍ଯ୍ୟ ସମୟ ୧୦ ଘଣ୍ଟା ହେବ। ସେହି ଅନୁସାରେ ଶ୍ରମିକ ସପ୍ତାହଙ୍କୁ ସର୍ବାଧିକ ୪୮ ଘଣ୍ଟା କାମ କରିବେ। ସଂଶୋଧିତ ପ୍ରାବଧାନ ସେହି ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଉପରେ ଲାଗୁ ହେବ ଯେଉଁଠାରେ ୨୦ ବା ତୁର୍ଦ୍ଧ୍ୱ ଲୋକେ କାମ କରୁଥିବେ।

ସେ କହିଛନ୍ତି ଯେ କୌଣସି ଶ୍ରମିକ/କର୍ମଚାରୀଙ୍କ କାର୍ଯ୍ୟ ଅବଧି ଅନୁନ୍ୟ ଅଧଘଣ୍ଟାର ଅବକାସ ବିନା ସର୍ବାଧିକ ୬ ଘଣ୍ଟା ହେବ। ଏଣୁ ସଂଶୋଧିତ ଶ୍ରମ ଆଇନ କାର୍ଯ୍ୟକାରୀ ହେଲେ କୌଣସି ପ୍ରତିଷ୍ଠାନ ୨୪x୭ ଖୋଲା ରହି ପାରିବ। ତେବେ ଏଥି ପାଇଁ ସଂସ୍ଥାକୁ ଶ୍ରମିକ ଓ କର୍ମଚାରୀଙ୍କୁ ଓଭର ଟାଇମ ବେତନ ଓ ଏକ ସାପ୍ତାହିକ ଅବକାଶ ଦେବାକୁ ପଡିବ। ତେବେ ସାପ୍ତାହିକ ଅବକାଶ ନିମନ୍ତେ ଶ୍ରମିକ ଓ କର୍ମଚାରୀଙ୍କ ବେତନ କାଟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସ୍ମାର୍ଟ ଫୋନର ଚିନ୍ତା ଘାରିଛି ଅଙ୍ଗନୱାଡି କର୍ମୀଙ୍କୁ

**ରାଜନଗର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅଙ୍ଗନୱାଡି କର୍ମୀଙ୍କୁ ଘାରିଛି ସ୍ମାର୍ଟ ଫୋନର ଚିନ୍ତାୟ ଅନଲାଇନରେ କାମ କରିବା ପାଇଁ ଚାପ ପକାଉଛନ୍ତି ଅଧିକାରୀୟ ରାଜନଗର ବ୍ଲକରେ ୨୭୪ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ୨୦୧୯ ମସିହାରେ ସରକାର ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କୁ ଗୋଟିଏ ଲେଖାଏଁ ମୋବାଇଲ୍ ପ୍ରଦାନ କରିଥିଲେ। ସେହି ମୋବାଇଲକୁ କେହି ଜଣେ ବି କର୍ମୀ ଏବେ ବ୍ୟବହାର କରୁନାହାନ୍ତି। କର୍ମୀମାନେ ନିଜ ମୋବାଇଲରେ ମାସକୁ ୨୪୯ଟଙ୍କା ରିଚର୍ଜ କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ସେମାନଙ୍କୁ ଦୁଇ ମାସର ରିଚର୍ଜ ପାଇଁ ୩୯୯ଟଙ୍କା ଦିଅ।ଯାଉଛି। କାର୍ଯ୍ୟଭାର ବୃଦ୍ଧି ସାଙ୍ଗକୁ ମୋବାଇଲର ଅସୁବିଧା, କାର୍ଯ୍ୟ ତୁଲାଇବାକୁ ଯାଇ ପ୍ରାୟ ସବୁ କର୍ମୀ ମୋବାଇଲ କିଣିଛନ୍ତି। ସେହିପରି ମୋବାଇଲ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସୋସିଆଲ ମିଡିଆ ଖର୍ଚ୍ଚ ୫୦ଲକ୍ଷରୁ ଅଧିକ

**ଭୁବନେଶ୍ୱର,୪।୧୨ ତଥ୍ୟ**

ନିଜ ନିଜ ବିଭାଗରେ ସୋସିଆଲ ମିଡିଆ ବ୍ୟବହାର ଲାଗି କେତେକ ବିଭାଗ ବର୍ଷକୁ ୧୭ ଲକ୍ଷ ଟଙ୍କାରୁ ୫୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି । ହେଲେ ଏଭଳି ସୋସିଆଲ ମିଡିଆ ବ୍ୟବହାର ପାଇଁ ସରକାରଙ୍କର କୌଣସି ନିର୍ଦ୍ଦେଶାବଳୀ ନଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଦେଇଛନ୍ତି । ସରକାରୀ ବିଭାଗରେ ସୋସିଆଲ ମିଡିଆର ବ୍ୟବହାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ବିଭିନ୍ନ ବିଭାଗ ଦ୍ୱାରା ସୋସିଆଲ ମିଡିଆ ବ୍ୟବହାର ପାଇଁ ସରକାରଙ୍କ ଦ୍ୱାରା କୌଣସି ଏକାକୀ ନିୟମ କିମ୍ବା ନିର୍ଦ୍ଦେଶାବଳୀ ଜାରି କରାଯାଇନାହିଁ । ବିଭାଗଗୁଡିକ ନିଜସ୍ୱ ଆବଶ୍ୟକତା, ପ୍ରଚାର କାର୍ଯ୍ୟ ଓ ସାମଗ୍ରିକ ଯୋଗ୍ୟତା ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି । କେତେକ ସ୍ଥାନରେ ବିଭାଗ ଦ୍ୱାରା ବେସରକାରୀ ସଂସ୍ଥାକୁ ସୋସିଆଲ ମିଡିଆ ପରିଚାଳନା, ବିଶ୍ଳେଷଣ ଓ ପ୍ରାଯୁକ୍ତିକ ସହାୟତା ପାଇଁ ନିୟୋଜିତ କରାଯାଇଛି । ଏହି ପ୍ରକାର ନିୟୋଜନ ବିଭାଗର ଅର୍ଥନୈତିକ ବ୍ୟବସ୍ଥା ଅନୁସାରେ କରାଯାଇଥାଏ । ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି ଯେ ସୋସିଆଲ ମିଡିଆ ବ୍ୟବହାର ବାବଦରେ ସମବାୟ ବିଭାଗ ସର୍ବାଧିକ ୫୩ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ କରୁଥିବାବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ୪୯ଲକ୍ଷ ୫୬ହଜାର ଟଙ୍କା ଖର୍ଚ୍ଚ କରୁଛି। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୋସିଆଲ ମିଡିଆ ପାଇଁ ୨୬ଲକ୍ଷ ୫୫ହଜାର ଟଙ୍କା ଲେଖାଁଏ ଖର୍ଚ୍ଚ କରୁଛନ୍ତି । ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗ ବିଭାଗ ଏ ବାବଦରେ ୧୭,୬୪,୬୨୪ ଟଙ୍କା ଖର୍ଚ୍ଚ କରୁଛି । ଏଭଳି ସ୍ଥିତିରେ କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ନିଜ କର୍ମଚାରୀଙ୍କ ଦ୍ୱାରା ସୋସିଆଲ ମିଡିଆ ପରିଚାଳନା କରୁଥିବାରୁ ଏ ବାବଦରେ ଟଙ୍କାଟିଏ ଖର୍ଚ୍ଚ କରୁନଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୫ ଡିସେମ୍ବର ୨୦୨୫ । ଶୁକ୍ରବାର




## ସୂଚନା ଅଧିକାର କର୍ମୀଙ୍କୁ ଡିଡବ୍ଲୁଓଙ୍କ ହତ୍ୟା ଧମକ

**ନବରଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**

ନବରଙ୍ଗପୁର ଡିଡବ୍ଲୁଓ ପାଲକା ରବିନ୍ଦ୍ରଙ୍କ ବିରୁଦ୍ଧରେ ହତ୍ୟା ଧମକ ଅଭିଯୋଗକୁ ନେଇ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅଧିକାର କର୍ମୀ ନେତ୍ରା ନନ୍ଦ କଲାର ଏହି ଏତଲା ଦାଏର କରିଛନ୍ତି । ଏତଲା ଅନୁଯାୟୀ, ଗତ ୨ ତାରିଖ ଦିନ ନବରଙ୍ଗପୁର ଦୈନିକ ବଜାର ସାମନା ରାସ୍ତାରେ ଜିଲ୍ଲା ମଙ୍ଗଳ ଅଧିକାରୀ ପଲେକା ରବିନ୍ଦ୍ର ସୁଚନା ଅଧିକାର କର୍ମୀ ନେତ୍ରା ନନ୍ଦ କଲାରଙ୍କୁ ଭେଟିଥିଲେ । ନେତ୍ରାନନ୍ଦଙ୍କୁ ଆରଟିଆଇ ତଥ୍ୟ ମାଗି ବଦନାମ କରୁଛୁ ବୋଲି କହିବା ସହ ଲୋକ ଲଗାଇ ଚୁଟୁକିରେ ଶେଷ କରିଦେବି ବୋଲି ଶ୍ରୀ ପାଲକା ଧମକ ଦେଇଥିଲେ । ଏହା ପର ଠାରୁ ନେତ୍ରାନନ୍ଦ ନିଜକୁ ଅସୁରକ୍ଷିତ ମନେ କରି ଭୟଭିତ ଅବସ୍ଥାରେ ରହିବା ସହ ତାଙ୍କୁ ଯେ କୌଣସି ମୁହୂର୍ତ୍ତରେ ହତ୍ୟା କରାଯାଇ ପାରେ ବୋଲି ଆଶଙ୍କା ପ୍ରକୋଟ କରିଛନ୍ତି । ତେଣୁ ଶ୍ରୀ ପାଲକାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଅନୁରୋଧ କରିଛନ୍ତି । ନେତ୍ରାଙ୍କ କହିବା ଅନୁଯାୟୀ, ଜିଲ୍ଲାରେ ଆଦିବାସୀ ବିଭାଗୀୟ ବିଦ୍ୟାଳୟ ଗୁଡିକରେ ଅନ୍ତେବାସୀଙ୍କ ବ୍ୟବହାର ଉପଯୋଗୀ ସାମଗ୍ରୀ ସରକାର ପ୍ରଚୁର ଅର୍ଥ ଯୋଗେଇ ଦେଉଥିବା ବେଳେ ଡିଡବ୍ଲୁଓ ବାଟ ମାରଣା କରିଥିବା ଅଭିଯୋଗ ହୋଇଥିଲା । ଏହାକୁ କେନ୍ଦ୍ର କରି ଜଣେ ଆରଟିଆଇ କର୍ମୀ ଭାବେ ସେ ଏହି ସମସ୍ତ ସାମଗ୍ରୀର କ୍ରୟ କରାଯାଉଥିବା ପ୍ରକ୍ରୀୟା ତଥା ସଂପୃକ୍ତ ସାମଗ୍ରୀର ସବିଶେଷ ତଥ୍ୟ ଆରଟିଆଇ ମାଧ୍ୟମରେ ସୂଚନା ମାଗିଥିଲେ । ଦୁର୍ନୀତି ପ୍ରଘୋଟ ହେବା ଭୟରେ ତାଙ୍କୁ ହତ୍ୟା କରିବାକୁ ଡିଡବ୍ଲୁଓ ଷଡଯନ୍ତ୍ର କରୁଥିବା ନେତ୍ରାନନ୍ଦ ଗଣମାଧ୍ୟମକୁ କହିଛନ୍ତି ।

## ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ କଲେଜ ଛାତ୍ରୀ ମୃତ । ଛାତ୍ରୀ ଜଣକ ସାଇକେଲରେ କଲେଜ୍ ଯାଉଥିବା ବେଳେ ଧକ୍କା ଦେଲା ବେଆଇନ ବାଲି ବୋଝେଇ ଟ୍ରାକ୍ଟର । ମୃତା ଛାତ୍ରୀ ତାଳପଦା ଅଞ୍ଚଳର ଶ୍ରଦ୍ଧାଞ୍ଜଳି ପଣ୍ଡା ବୋଲି ସୂଚନା ମିଳିଛି ।

ସାଇକେଲରେ କଲେଜ୍ ଯିବା ବେଳେ ପଛ ଆଡୁ ଧକ୍କା ଦେଇଛି ବାଲି ବୋଝେଇ ଟ୍ରାକ୍ଟର । ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଛି । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ବୟାଁବନାପୁର ପଞ୍ଚାୟତ ଅଧୀନ ହଳଦୀଗଡିଆ ଛକଠାରେ ଦୁର୍ଘଟଣା ଘଟିଛି ।

ସୂଚନାଥାଉକି, ସବୁଦିନ ଭଳି ଛାତ୍ରୀ ଜଣଙ୍କ କଲେଜ ଯାଉଥିଲେ । ଗୁରୁବାର ବି ସକାଳୁ ସେ କଲେଜ ଯାଉଥିଲେ ସାଁକେଲ୍‌ରେ । ହେଲେ ଏତିକିବେଳେ ତାଙ୍କୁ ଧକ୍କା ଦେଇଥିଲା ବାଲି ବୋଝେଇ ଟ୍ରାକ୍ଟର । ଫଳରେ ତାଙ୍କର ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସେପଟେ ଅଘଟଣ ପରେ ଛାତ୍ରୀଙ୍କ ସାଙ୍ଗସାଥୀ ଓ ସଂପର୍କୀୟମାନେ ନ୍ୟାୟ ଦାବିରେ ରାସ୍ତାରୋକ କରିଥିଲେ ।

## ନିଶା ମାଫିଆ ଘର ଉପରେ ବୁଲିଲା ବୁଲଡୋଜର

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ନିଶା ମାଫିଆ ଘର ଉପରେ ବୁଲିଲା ବୁଲଡୋଜର । ନିଶା ମାଫିଆ ସୁକାନ୍ତି ପଣ୍ଡା ଘର ଉପରେ ବୁଲିଛି ବୁଲଡୋଜର । ପୁରୀ ସଦର ଥାନା ଅନ୍ତର୍ଗତ ନିଳଚ୍ରକ୍ର ନଗରର ନିଶା ମାଫିଆ ସୁକାନ୍ତି ପଣ୍ଡା ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଜେଲରେ ଥିବାବେଳେ ଆଜି ସଦର ଥାନା ପୋଲିସ ସୁକାନ୍ତିର ଘରକୁ ମାଟିରେ ମିଶେଇଛି ।

ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଆକ୍ସନ ନିଆଯାଇଛି । ଘଟଣାସ୍ଥଳରେ ପୁରୀ ଏସପି, ସଦର ଏସଡିପିଓ, ସଦର ଥାନା ଅଧିକାରୀଙ୍କ ସହିତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ପୁରୀ ସହରରେ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ କଡ଼ା ଆକ୍ସନ ନେବାପାଇଁ ଅଣ୍ଟା ଭିଡିଛି ପୋଲିସ । ଯେଉଁମାନେ ନିଶା କାରବାର ଚ଼ଳାଇ ନିଶା କବଳରେ ସହରକୁ ରଖିଛନ୍ତି ତାଙ୍କ ଉପରେ ମଧ୍ୟ ଏଭଳି ଆକ୍ସନ ନେବ ପୋଲିସ ।

କେବଳ ପୁରୀ ସହର ନୁହେଁ ସମ୍ପୂର୍ଣ୍ଣ ଜିଲ୍ଲାରେ ନିଶା କାରବାର କରୁଥିବା ବ୍ୟକ୍ତିମାନଙ୍କ ଉପରେ କଠୋର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଏସପି । ଏପଟେ ନିଶା ମାଫିଆ ସୁକାନ୍ତି ପଣ୍ଡା ନୀଳଚକ୍ର ନଗରରେ ସରକାରୀ ଜାଗା ଉପରେ ଚ଼ାରୋଟି ଘର କରିଥିବା ବେଳେ ଗୁରୁବାର ଏହାକୁ ମାଟିରେ ମିଶାଇଛି ପୋଲିସ ।

## ନିମ୍ନମାନର ଖାଦ୍ୟକୁ ନେଇ ଅସନ୍ତୋଷ

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**



ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବ 'କୋଣାର୍କ ନୃତ୍ୟ ଉତ୍ସବ'ରେ ଅତିଥିମାନଙ୍କୁ ପରଷା ଯାଉଛି ନିମ୍ନମାନର ଖାଦ୍ୟ । ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଖାଦ୍ୟ । ଏନେଇ ଅଭିଯୋଗ ଆସିଛି । ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

କୋଣାର୍କରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଚ଼ାଲିଥିବା ୫ ଦିନିଆ ୩୬ତମ କୋଣାର୍କ ନୃତ୍ୟ ଉତ୍ସବ ଏବେ ଏକ ପ୍ରହସନରେ ପରିଣତ ହୋଇଛି । ଓଡିଶାର ପର୍ଯ୍ୟଟନ ଶିଳ୍ପକୁ ଗତିଶୀଳ କରିବାକୁ ରାଜ୍ୟ ସରକାର ପ୍ରୟାସ କରିଛନ୍ତି । କିନ୍ତୁ ଖୋଦ ପର୍ଯ୍ୟଟନ ବିଭାଗର କେତେକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହା ଏବେ ପ୍ରହସନରେ ପରିଣତ ହୋଇ ନିନ୍ଦିତ ହେଉଛି ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଅତିଥିମାନଙ୍କ ନିମନ୍ତେ ବିଶେଷ ଭାବେ ପ୍ରଚ଼ାର ଓ ପ୍ରସାର ପାଇଁ ଆସିଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରତେକ ଦିନ ରାତ୍ରୀକାଳୀନ ଖାଦ୍ୟ ମାଗଣାରେ ଦେବାପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ନିଗମକୁ ଦାୟିତ୍ୱ ଦିଆଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ । ମାତ୍ର କେତେକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅତିଥିମାନଙ୍କ ପାଇଁ ଖାଦ୍ୟ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ପର୍ଯ୍ୟଟନ ନିଗମର ଗୀତାଞ୍ଜଳି ରେଷ୍ଟୁରାଣ୍ଟରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ଖୋଲା ସ୍ଥାନରେ ରାତ୍ରୀ ସମୟରେ ଖାଦ୍ୟ ଅତି ନିମ୍ନମାନର ଜିନିଷ ପ୍ରୟୋଗ କରାଯାଇ ଖାଦ୍ୟ ତିଆରି କରାଯାଇ ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଛି ।

ସୂଚ଼ନା ଥାଉକି ନୃତ୍ୟ ଉତ୍ସବର ତୃତୀୟ ଦିବସରେ ପର୍ଯ୍ୟଟନ ନିଗମ ଦ୍ୱାରା ସମସ୍ତ ନୀତିନିୟମକୁ ବଳି ପକାଇ ଅଧିକାରୀମାନେ ସାଧାରଣ ଚ଼ାଉଳରେ ବିରିୟାନି ତିଆରି କରି ଜଣକା ଖାଦ୍ୟ ଟୋକନ ଅନୁଯାୟୀ ଗୋଟେ ଲେଖା ପାର୍ସଲ ବ୍ୟାଗ ଦିଆ ଯାଇଥିଲା । ଯାହାକୁ ଅତିଥିମାନେ ବିନା ଥାଳି ଓ ପିଇବା ପାଣିରେ କିପରି ଖାଇବେ ଉପସ୍ଥିତ କର୍ମଚ଼ାରୀଙ୍କୁ ପଚ଼ାରିବାରେ ସେ ଚୁପ ରହିଥିଲେ । ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ କରାଯାଉଛି ଆମେ କିଛି କହି ପାରିବୁ ନାହିଁ ବୋଲି ସେମାନେ କହିଥିଲେ । ଅନେକ ଅତିଥି ଏପରି ଖାଦ୍ୟକୁ ନ ଖାଇ ଫେରି ଯାଇଥିଲା ବେଳେ ଅନେକ ଏହି ଅଖାଦ୍ୟକୁ ଭୟରେ ନ ଖାଇ ଫିଙ୍ଗି ଦେଇଥିଲେ । ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ନିଗମର ଏପରି ନୀତିକୁ ସାଧାରଣରେ ନିନ୍ଦା କରାଯାଇଛି । ଏନେଇ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ଦାବି ହୋଇଛି ।

## ଦିନକରେ ୨ ସାର୍କ ମୃତଦେହ ଉଦ୍ଧାର

**ଭୋଗରାଇ: ଏକ୍ସପ୍ରେସ ନ୍ୟୁଜ୍**

ବଙ୍ଗୋପସାଗରେ ବିପଦରେ ପଡିଛି କି ସାର୍କ (ତିମି) ମାଛଙ୍କ ପ୍ରଜାତି । ଗୁରୁବାର ଗୋଟିଏ ଦିନରେ ମଝି ସମୁଦ୍ରରୁ ଦୁଇଟି ବିଶାଳ ସାର୍କଙ୍କ ମୃତଦେହ ମିଳିଛି । ବୁଧବାର ସକାଳେ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗୋପସାଗର ଦୀଘା ମୁହାଣରେ ଲାଗିଥିଲା ଏକ ବିଶାଳକାୟ ସାର୍କ । ବୁଧବାର କିଛି ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଟ୍ରଲର୍ ଯୋଗେ ଯାଇଥିବା ବେଳେ ୨ କୁଇଣ୍ଟାଲ ୧୦ କିଲୋ ଓଜନର ଏହି ମୃତ ସାର୍କଟି ଜାଲରେ ପଡିଥିଲା । ସେମାନେ ମାଛଟିକୁ ଟାଣିଆଣି ଗୁରୁବାର ସକାଳେ ମୁହାଣରେ ଲଗାଇଥିଲେ । ଏହାପରେ ମାଛଟିକୁ ବିକ୍ରି କରିବା ପାଇଁ ମୋହନା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଅଣାଯାଇଥିଲା । ଏଠାରେ ସାର୍କ ଦେଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ ଲାଗିଥିଲା । କୋଲକାତାର ଏକ ଘରୋଇ କମ୍ପାନି ଲକ୍ଷାଧିକ ଟଙ୍କାରେ ଏହି ମାଛଟିକୁ କିଣି ନେଇଛି ।

ସେହିପରି, ଭୋଗରାଇ ବ୍ଲକ୍ ତାଳସାରୀ ନିକଟରେ ମଧ୍ୟ ଗୁରୁବାର ଏକ ବିରାଟ ସାର୍କ ଧରାପଡିଛି । କିଛି ମତ୍ସ୍ୟଜୀବୀ ମାଛ ମାରିବା ପାଇଁ ଭୁଟୁଭୁଟିରେ ମଝି ସମୁଦ୍ରକୁ ଯାଇଥିଲେ । ସେଠାରେ ସାର୍କର ମୃତଦେହ ଭାସୁଥିବା ଦେଖି ସେମାନେ ଏହାକୁ ତାଳସାରୀ ବେଳାଭୂମି ନିକଟକୁ ଟାଣି ଆଣିଥିଲେ । ତେବେ ଦୀଘାରେ ଧରାପଡିଥିବା ସାର୍କଠାରୁ ଏହି ସାର୍କଟି ପ୍ରାୟ ୩ ଗୁଣା ବଡ ହୋଇଥିବାରୁ ସେମାନେ ଏହାକୁ ବେଳାଭୂମିରୁ ଆଗକୁ ଆଣିପାରି ନଥିଲେ । ଖବର ପାଇ ସନ୍ଧ୍ୟାରେ ଉଦୟପୁର ଫରେଷ୍ଟର ସଂଜୟ ମହାନ୍ତି ଓ ବନ ବିଭାଗ କର୍ମଚ଼ାରୀ ପହଞ୍ଚି ଏକ ଟ୍ରାକ୍ଟର ଯୋଗେ ସାର୍କଟିକୁ ଆଣିବାର ବ୍ୟବସ୍ଥା କରୁଛନ୍ତି । ଏହି ସାର୍କଟିର ଓଜନ ପ୍ରାୟ ୬ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ଫରେଷ୍ଟର ଶ୍ରୀ ମହାନ୍ତି କହିଛନ୍ତି ।

## ରାଧା ମାଧବ ମନ୍ଦିରରେ ଲାଗି ହେଲା ୧୦୮ ଭୋଗ

**ସୁବର୍ଣ୍ଣପୁର: ଏକ୍ସପ୍ରେସ ନ୍ୟୁଜ୍**

ସୋନପୁର ରାଧା ମାଧବ ଭବବତ ମନ୍ଦିରରେ ମହାସମାରୋହରେ ପାଳିତ ହୋଇଯାଇଛି ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ । ଏହି ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କ ଠାରେ ୧୦୮ ପ୍ରକାର ସୁସ୍ୱାଦୁ ଭୋଗ ଅର୍ପଣ କରାଯାଇଥିଲା । ପୂଜକ ବାସୁଦେବ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିର ପରିଚ଼ାଳନା କମିଟିର ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ସୂର୍ଯ୍ୟ ନାରାୟଣ ଦାଶ, ବ୍ରଜ ଗୋପାଳ ପୁଝାରୀ, ରାଧେ ଶ୍ୟାମ ପୂଜାରୀ, ଗୋପାଳ ପଣ୍ଡା, ତାରା ଭୂଷଣ ସାହୁ, ମୈଥିଳି ସାହୁ, ରାମ ମେହେର, ପ୍ରଫୁଲ୍ଲ ନାଏକ, ବାଣା ନାଏକ, ପରମ ଯୁଗୁନିଆ ସହଯୋଗ କରିଥିଲେ । ଘୋଡ଼ାଘାଟପଡାର ଶହ ଶହ ଭକ୍ତ ଏହି ଉତ୍ସବରେ ସାମିଲ ହୋଇ ପ୍ରଭୁ କୃପା ଲାଭ କରିଥିଲେ । ପ୍ରକାଶ ଥାଉ କି, ଦୀର୍ଘ ୧୨ ବର୍ଷ ଧରି ଭାଗବତ ମନ୍ଦିରରେ ଏହି ଉତ୍ସବ ପାଳନ କରି ଆସୁଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି ।

## ନିଶା କରିଦେଲା ପୁଅକୁ ପିଶାଚ଼, ମା'ଙ୍କୁ ପେଟ୍ରୋଲ ଢ଼ାଳି ଜାଳିଦେଲା

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଗୁରୁବାର ସକାଳୁ ସକାଳୁ ମା'କୁ ଟଙ୍କା ମାଗିଥିଲେ ପୁଅ । ପୁଅ ଟଙ୍କା ନେଇ ମଦ ପିଇବ ବୋଲି ମା' ଜାଣିଥିଲେ । ସେଥିପାଇଁ ପୁଅକୁ ଟଙ୍କା ଦେବାକୁ ମନା କରିଦେଇଥିଲେ । ଏଥିରେ ଉତ୍ୟକ୍ତ ହୋଇ ପୁଅ ମା'କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ଭଳି ଅଭାବନୀୟ ଘଟଣା ଘଟିଛି ତିହିଡ଼ି ଥାନା ବିଲଣା ପଞ୍ଚାୟତ ଅଧୀନ ଗଳଗଣ୍ଡପୁର ଗ୍ରାମରେ । ନିଆଁରେ ମା' ଜ୍ୟୋସ୍ନାରାଣୀ ନାୟକ (୬୫)ଙ୍କ ଦେହର ୭୦ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି । ଗୁରୁତର ଅବସ୍ଥାରେ ଗ୍ରାମବାସୀ ଜ୍ୟୋସ୍ନାରାଣୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚ଼ାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚ଼ଳାଇଥିବା ବେଳେ ଏପରି ନୃଶଂସ କାଣ୍ଡ ଘଟାଇଥିବା ପୁଅ ଦେବାଶିଷ (୪୫) ଫେରାର ହୋଇଯାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଦେବାଶିଷ ମା' ଜ୍ୟୋସ୍ନାରାଣୀଙ୍କୁ ଟଙ୍କା ମାଗିଥିଲେ । ମାତ୍ର ସେ ନଦେବାରୁ ଦେବାଶିଷ ଉତ୍ୟକ୍ତ ହୋଇ ଘରର କବାଟ ଭିତରପଟରୁ ବନ୍ଦ କରି ଦେଇଥିଲେ । ପରେ ସେ ତାଙ୍କ ମା'ଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଜ୍ୟୋସ୍ନାରାଣୀଙ୍କର ଚ଼ିତ୍କାର ଶୁଣି ଗ୍ରାମବାସୀ ଘରର କବାଟ ଭାଙ୍ଗି ତାଙ୍କ ଦେହରୁ ନିଆଁ ଲିଭାଇବା ସହ ଚ଼ିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

## ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବାରୁ ୩୧କୋଟି ଟଙ୍କା କ୍ଷତି

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)ର ପାଉଁଶ ପୋଖରୀ କେବଳ ଥରୁଟିଏ ୨୦୨୩ ମସିହା ସେପ୍ଟେମ୍ବର ୧୨ ତାରିଖରେ ଭାଙ୍ଗିଥିଲା । ଏହି ପାଉଁଶ ପୋଖରୀ ଭାଙ୍ଗିବା ଫଳରେ ଓପିଜିସିର ମୋଟ୍ ୩୧ କୋଟି ୨୭ଲକ୍ଷ ଟଙ୍କାର କ୍ଷତି ହୋଇଛି । ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ପାଉଁଶ ପୋଖରୀ ଭାଙ୍ଗିବାର ବିଫଳତା ପାଇଁ କୌଣି ମାନବୀୟ ହସ୍ତକ୍ଷେପର ପ୍ରମାଣ ମିଳିନଥିଲା । ଏହି ଦୁର୍ଘଟଣା ଯୋଗୁଁ ପ୍ରାୟ ୧୫୪ ଏକର ଚାଷଜମି ଏବଂ ରେଙ୍ଗାଲି ଗାଁର ଏକ ଛୋଟ ପୋଖରୀ ପ୍ରଭାବିତ ହୋଇଛି । ଓପିଜିସି ମୋଟ୍ ୭୧ଲକ୍ଷ ୮୯ ହଜାର ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛି ।

## ଗ୍ୟାସ ଯୋଗାଣରେ ଚରମ ଅବ୍ୟବସ୍ଥା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**




ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳର କୃପାସିନ୍ଧୁ ଏଚପି ଗ୍ୟାସ ଏଜେନ୍ସି ଦ୍ୱାରା ଗ୍ରାହକଙ୍କ ଉପରେ ହେଉଥିବା ଚରମ ଅବହେଳା ଲୋକମାନଙ୍କ ଧୈର୍ଯ୍ୟକୁ ଭାଙ୍ଗିଦେଇଛି । ସକାଳ ୬ଟା ପୂର୍ବରୁ ଲୋକେ ଲାଇନ୍ ଧରିଥିବା ସତ୍ତ୍ୱେ ମଧ୍ୟ, ସମୟରେ ଗ୍ୟାସ ସିଲିଣ୍ଡର ମିଳୁନଥିବା ଗଁଦିଆରେ ବିଶେଷ ସମସ୍ୟା ହୋଇଉଠିଛି । ଗୋଟିଏ ଦିନ ସରିଯାଏ, କିନ୍ତୁ ଗ୍ରାହକଙ୍କ ହାତ ଖାଲି ଫେରୁଛି । ସବୁଠାରୁ ଚିନ୍ତାଜନକ କଥା ଏହି ଅବ୍ୟବସ୍ଥା କେବଳ ଗ୍ୟାସ ଯୋଗାଣରେ ସୀମିତ ନୁହେଁ, ରାସ୍ତା ଚଳାଚଳକୁ ମଧ୍ୟ ଗୁରୁତର ଭାବେ ବାଧା ଦେଉଛି । ସ୍କୁଲ ଗାଡ଼ି ପଡ଼ି ଯାଇଛି, ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ବାଧ୍ୟ ହୋଇ ପାଦରେ ଚାଲି ସ୍କୁଲକୁ ଯାଉଛନ୍ତି । ପ୍ରଶାସନ ଏପର୍ଯ୍ୟନ୍ତ ନୀରବ ଦର୍ଶକ ହୋଇ ରହିଛି । ଏଜେନ୍ସି କର୍ମଚାରୀମାନେ କ୍ୟାମେରା ସାମ୍ନାରେ କୌଣସି ସ୍ପଷ୍ଟ ଉତ୍ତର ଦେବାକୁ ଟାଳୁଛନ୍ତି ଯାହା ଏସବୁ ଅନିୟମିତତା ପଛରେ କିଛି ଲୁଚିଥିବାର ସନ୍ଦେହ ଜନ୍ମାଉଛି । ଅଂଚଳବାସୀଙ୍କ ପ୍ରମୁଖ ପ୍ରଶ୍ନ ଏଜେନ୍ସି ଇଚ୍ଛାମତାବକ ଚାଲିବେ ଜିଲ୍ଲା ପ୍ରଶାସନ କେବେ ଏହି ଅବ୍ୟବସ୍ଥାକୁ ଦେଖିବ । ଗ୍ରାହକଙ୍କ ଦୁଃଖର ଦାୟିତ୍ୱ କିଏ ନେବ । ସ୍ଥାନୀୟ ଲୋକଙ୍କ ମହଲରେ ଭୟଙ୍କର ରୋଷ । ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ଗଁଦିଆର ତୀବ୍ର ଆନ୍ଦୋଳନ ଅନିବାର୍ଯ୍ୟ ହେବ ବୋଲି ଚେତାବନୀ ଜନସାଧାରଣ । କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରନ୍ତୁ । ନହେଲେ ଏହା ଜନଆକ୍ରୋଶରେ ପରିଣତ ହେବ ।

## ଭାଇବୋହୂକୁ ହତ୍ୟା କଲା ଦେଢ଼ଶୂର

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଭାଇବୋହୂକୁ ହାଣି ହତ୍ୟା କରିଛି ଦେଢ଼ଶୂର । କେନ୍ଦୁଝର ଜିଲ୍ଲା ଘଟଗାଁ ଅନ୍ତର୍ଗତ ବାଇଗଣପାଳ ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ହତ୍ୟାର ଶିକାର ହୋଇଛନ୍ତି ହୃଷୀକେଶ ମହାକୁଡ଼ଙ୍କ ସ୍ତ୍ରୀ ନିରୂପମା ମହାକୁଡ଼ ।

ସୂଚନା ଅନୁସାରେ ପାରିବାରିକ ବିବାଦକୁ ନେଇ ନିରୂପମାଙ୍କୁ ତାଙ୍କ ଦେଢ଼ଶୂର ଶୈଳ ମହାକୁଡ଼ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ନିରୂପମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଅଭିଯୁକ୍ତ ଶୈଳଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚ଼ଳାଇଛି ।

## କଳାହାଣ୍ଡିରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ

**କେସିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ଚ଼ଳିତ ଖରିଫ ଋତୁର କଳାହାଣ୍ଡି ଜିଲ୍ଲାରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି । ବରଗଡ଼, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ ଚ଼ଳିତ ଖରିଫ ଋତୁର ମଣ୍ଡି ଖୋଲି ଧାନ ସଂଗ୍ରହ ଆରମ୍ଭ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ପାତ୍ର ଶୀତକାଳୀନ ବିଧାନସଭା ଅଧିବେଶନରେ ବୁଧବାର ସୂଚ଼ନା ଦେଇଥିଲେ । ହେଲେ ବାସ୍ତବରେ ଦେଖିବାକୁ ଗଲେ ଚ଼ଳିତ ବର୍ଷ ଖରିଫ ଋତୁରେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଚ଼ାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇପାରି ନାହିଁ । କଷ୍ଟମ ମିଲିଂ ପାଇଁ ସରକାରଙ୍କ ଠାରେ ମିଲରଙ୍କ ଏଗ୍ରିମେଣ୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରିନାହିଁ । ଯାହା ଫଳରେ କଳାହାଣ୍ଡି ଜିଲ୍ଲାରେ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଜଣାପଡିଛି । ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଯୋଗୁଁ ଚ଼ାଷୀ ମହଲରେ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ ପାଇଛି ।

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ କେସିଙ୍ଗା ବ୍ଲକ୍ ଅଞ୍ଚଳରେ ଥିବା ୭ଟି ପାକ୍ସରେ ଚ଼ଳିତବର୍ଷ ଖରିଫ୍ ଋତୁର ଧାନ ବିକ୍ରି ପାଇଁ ୮,୧୯୭ ଜଣ ଚ଼ାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି । ହେଲେ କେସିଙ୍ଗା ବ୍ଲକ ଅଞ୍ଚଳରେ ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲାଯାଇ ନାହିଁ । ଚ଼ାଷୀଙ୍କ ଅମଳ ଧାନ ଖଳାରେ ପଡ଼ିରହିଥିବା ଦେଖିବାକୁ ମିଳିଛି । ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଯୋଗୁଁ ଧାନ ସଂଗ୍ରହ ହୋଇପାରି ନାହିଁ । ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚ଼ାଷୀମାନେ ନିଜର ନାମ ପଞ୍ଜୀକରଣ କରିଛନ୍ତି ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କେସିଙ୍ଗା ବ୍ଲକ ଅଞ୍ଚଳରେ ମଣ୍ଡି ଆରମ୍ଭ ହୋଇନାହିଁ । ମଣ୍ଡି କେବେ ଖୋଲିବ ସେ ନେଇ ଚ଼ାଷୀମାନେ ଅପେକ୍ଷା କରିଛନ୍ତି । ଚ଼ାଷୀ ନିଜର ପରିବାର ପୋଷଣ, ପିଲାଙ୍କ ପାଠପଢ଼ା, ଋଣ ସୁଝା ଆଦି ପାଇଁ ଟଙ୍କା ଦରକାର ପଡୁଥିବା ବେଳେ ଅମଳ ହୋଇଥିବା ଧାନକୁ ବିକ୍ରି କରିନପାରି ଚ଼ାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଚ଼ାଷୀମାନଙ୍କ ସୁବିଧା ଦୃଷ୍ଟିରୁ ବିଳମ୍ବ ନକରି ଯଥାଶୀଘ୍ର ମଣ୍ଡି ଖୋଲି ଧାନ ସଂଗ୍ରହ କରିବା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ କେସିଙ୍ଗା ବ୍ଲକ୍ ଅଞ୍ଚଳର ଚ଼ାଷୀ ମହଲରେ ଦାବି ହେଉଛି ।

## ପୋଲିସ ପଞ୍ଝାରେ ୧୪ ଜଣିଆ ଡକାୟତ ଗ୍ୟାଙ୍ଗ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ପୋଲିସ କବଜାରେ ଧରାପଡ଼ିଛି ଏକ ୧୪ ଜଣିଆ ଡକାୟତ ଗ୍ୟାଙ୍ଗ । ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଉଥିବା ଏଭଳି ଏକ ଗ୍ୟାଙ୍ଗକୁ ଧରିଛି ଯାଜପୁର ପୋଲିସ । ପୋଲିସ ୧୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଏବଂ ପ୍ରାୟ ୬ ଲକ୍ଷ ଟଙ୍କା ଜବତ କରିଛି । ଏହା ସହିତ ସେମାନଙ୍କଠାରୁ ୨୨୫ ଗ୍ରାମର ସୁନା ଅଳଙ୍କାର, ୧୫ଟି ମୋବାଇଲ ଫୋନ ଏବଂ ୩ଟି ବାଇକ ମଧ୍ୟ ଜବତ ହୋଇଛି । ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛନ୍ତି । ଅଭିଯୁକ୍ତମାନଙ୍କ ନାମରେ ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ପୋଲିସ ତାହାର ଯାଞ୍ଚ କରୁଛି ।

### ବାଣିଜ୍ୟ

## ବଦଳିବ ବ୍ୟାଙ୍କିଂ ସମୟ !

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଆଜିକାଲି କାର୍ଯ୍ୟ-ଜୀବନ ସନ୍ତୁଳନ ଏକ ପ୍ରମୁଖ ସମସ୍ୟା । ବ୍ୟାଙ୍କ କର୍ମଚ଼ାରୀମାନେ ମଧ୍ୟ ଏହାର ବ୍ୟତିକ୍ରମ ନୁହଁନ୍ତି । ୟୁନିଅନଗୁଡ଼ିକ ବହୁ ଦିନ ଧରି ବ୍ୟାଙ୍କଗୁଡ଼ିକ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ପାଳନ କରିବାକୁ ଦାବି କରିଆସୁଛନ୍ତି । ଏବେ, ସେମାନେ ସରକାରୀ ଭାବରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରିଛନ୍ତି ।

ସେମାନେ ପ୍ରତି ଶନିବାର ଏବଂ ରବିବାରକୁ ବ୍ୟାଙ୍କ ଛୁଟି ଘୋଷଣା କରିବାକୁ ଦାବି କରୁଛନ୍ତି । ଯଦି ଏହା ଘଟେ, ତେବେ ବ୍ୟାଙ୍କିଂ କ୍ଷେତ୍ରରେ କେବଳ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୱାର୍କିଂ ଡେ ରହିବ । ବର୍ତ୍ତମାନ, ଦ୍ୱିତୀୟ ଏବଂ ଚ଼ତୁର୍ଥ ଶନିବାରରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥାଏ । ଏହାର ଅର୍ଥ ହେଉଛି ବ୍ୟାଙ୍କ କର୍ମଚ଼ାରୀମାନେ ମାସର ଦୁଇ ସପ୍ତାହରେ ପାଞ୍ଚ ଦିନ କାମ କରନ୍ତି ।

ପ୍ରସ୍ତାବରେ ଏହା ମଧ୍ୟ କୁହାଯାଇଛି ଯେ ବ୍ୟାଙ୍କ କର୍ମଚ଼ାରୀମାନଙ୍କୁ ସେମାନଙ୍କର କାର୍ଯ୍ୟ ଘଣ୍ଟାକୁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହରେ ସଜାଡ଼ିବା ପାଇଁ ପ୍ରତିଦିନ ପ୍ରାୟ ୪୦ ମିନିଟ୍ ଅଧିକ କାମ କରିବାକୁ ପଡିବ । ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେସନ (ଏଆଇବିଓସି) କହିଛି ଯେ ଏହି ପରିବର୍ତ୍ତନ କର୍ମଚ଼ାରୀଙ୍କ ମନୋବଳକୁ ବୃଦ୍ଧି କରିବ, ପ୍ରଡକ୍ଟିଭିଟିରେ ଉନ୍ନତି ଆଣିବ ଏବଂ ବ୍ୟାଙ୍କିଂ ସେକ୍ଟର ମଡର୍ଣ୍ଣ ୱାର୍କିଂ ପାଇଁ ବ୍ୟାଙ୍କିଂ କ୍ଷେତ୍ରକୁ ପରିବର୍ତ୍ତନ କରିବ ।

ବର୍ତ୍ତମାନ ସୁଦ୍ଧା, ପାଞ୍ଚ ଦିନିଆ ବ୍ୟାଙ୍କିଂ ସପ୍ତାହ କେବେ ଆରମ୍ଭ ହେବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ । ପ୍ରସ୍ତାବଟି ଏପର୍ଯ୍ୟନ୍ତ ବିଚ଼ାରାଧୀନ ଅଛି । ଅର୍ଥ ମନ୍ତ୍ରଣାଳୟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଉଭୟଙ୍କୁ ସେମାନଙ୍କର ଚୂଡ଼ାନ୍ତ ଅନୁମୋଦନ ଦେବାକୁ ପଡିବ । ଯଦି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଏ, ତେବେ ଏହା କେବଳ ପରବର୍ତ୍ତୀ ଆର୍ଥିକ ବର୍ଷରେ ହେବ । ଏହାର ଅର୍ଥ ହେଉଛି ସରକାର କେବଳ ଏପ୍ରିଲ ୨୦୨୬ ପରେ ନିଷ୍ପତ୍ତି ନେଇପାରିବେ ।



### ସିନେମାଫିନେମା ଟିଭିଫିବି

## ରଣବୀରଙ୍କ ବିରୋଧରେ ମାମଲା ରୁଜୁ



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଅଡୁଆରେ ଫସିଛନ୍ତି ବଲିଉଡ୍ ଅଭିନେତା ରଣବୀର ସିଂହ । ନିକଟରେ ଏକ ଫିଲ୍ମ ସମାରୋହରେ ସାଉଥ୍ ଷ୍ଟାର୍ ଋଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା ଚ଼ାପ୍ଟର-୧' ଉପରେ ସେ ଟିପ୍ପଣୀ ଦେଇଥିଲେ । ଋଷଭ ଫିଲ୍ମରେ ଦେବୀ ଚ଼ାମୁଣ୍ଡେଶ୍ୱରୀ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର ଦୈବ ଦୃଶ୍ୟରେ ଋଷଭଙ୍କ ଚ଼ରିତ୍ରକୁ ରଣବୀର ଥଟ୍ଟା କରିଥିଲେ । ଏଥିପାଇଁ ତାଙ୍କୁ ସମାଲୋଚ଼ନାର ଶିକାର ହେବାକୁ ପଡିଲା । ମାମଲାର ଗମ୍ଭୀରତାକୁ ଦେଖି ରଣବୀର ସୋସିଆଲ ମିଡିଆ ମାଧ୍ୟମରେ କ୍ଷମା ମାଗିଲେ । କିନ୍ତୁ ଅଡୁଆ ତାଙ୍କ ପିଛା ଛାଡିନି । ଧାର୍ମିକ ଭାବନାକୁ ଆହତ କରିବା, ଦୈବ ପରମ୍ପରାର ଅପମାନ ଏବଂ ହିନ୍ଦୁ ବିଶ୍ୱାସର ଉପହାସ ପାଇଁ ପ୍ରଶାନ୍ତ ମେଥଲ ନାମକ ଜଣେ ବ୍ୟକ୍ତି ରଣବୀରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ।

ପ୍ରଶାନ୍ତ ମେଥଲ ବେଙ୍ଗାଲୁରୁର ହାଇ ଗ୍ରାଉଣ୍ଡ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୨୯୯, ୩୦୨ ତଥା ୧୯୬ ଅନ୍ତର୍ଗତ ରଣବୀରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ସେ ନିଜ ଅଭିଯୋଗରେ ଲେଖିଛନ୍ତି, ମୁଁ ଉପରୋକ୍ତ ଠିକଣାର ବାସିନ୍ଦା ଏବଂ ଭାରତର ଆଇନ ପାଳନ କରୁଥିବା ଜଣେ ନାଗରିକ ଓ ଅଧିବକ୍ତା । ବଲିଉଡ୍ ଅଭିନେତା ରଣବୀର ସିଂହଙ୍କର ଅବୈଧ ଏବଂ ଆପତ୍ତିଜନକ କାର୍ଯ୍ୟକୁ ତତ୍କାଳ ସଂଜ୍ଞାନକୁ ଆଣିବା ପାଇଁ ମୁଁ ଏହି ମାମଲା ରୁଜୁ କରିଛି । ସେ ମୋର ତଥା କୋଟି କୋଟି ହିନ୍ଦୁଙ୍କର, ବିଶେଷକରି କର୍ଣ୍ଣାଟକର ତୁଳୁ ଭାଷୀ ସମୁଦାୟର ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛନ୍ତି ।

ସେ ଆହୁରି ଅଭିଯୋଗ କରିଛନ୍ତି, ଗତ କିଛି ଦିନରେ ବିଭିନ୍ନ ଖବରସଂସ୍ଥା ମାଧ୍ୟମରେ ତଥା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରୁ ଜଣାପଡିଲା ଯେ ଗତ ୨୮ ନଭେମ୍ବର ଗୋଆରେ ଆୟୋଜିତ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ (ଇଫି)ର ଉଦ୍‌ଯାପନ ସମାରୋହରେ ଅଭିଯୁକ୍ତ ରଣବୀର ସିଂହ ଫିଲ୍ମ 'କାନ୍ତାରା'ରେ ପ୍ରଦର୍ଶିତ ପବିତ୍ର ଦୈବ (ଭୂତକୋଲା) ପରମ୍ପରାକୁ ସର୍ବସମ୍ମୁଖରେ ଉପହାସ ଓ ଅପମାନ କରିଥିଲେ । ମଞ୍ଚରେ ରଣବୀର ତଟୀୟ କର୍ଣ୍ଣାଟକରେ ପୂଜା ହେଉଥିବା ପବିତ୍ର ପଞ୍ଜୁରଲୀ/ ଗୁଲିଗା ଦୈବଙ୍କ ଦିବ୍ୟ ଭାବଭଙ୍ଗୀର ନକଲ ଅଶ୍ଳୀଳ, ଅପମାନଜନକ ଏବଂ ହାସ୍ୟାସ୍ପଦ ଢଙ୍ଗରେ କଲେ । ପବିତ୍ର ଦୈବଙ୍କୁ ସେ ଭୂତ ମଧ୍ୟ କହିଲେ । କିନ୍ତୁ ଫିଲ୍ମରେ ଆମ ରାଜ୍ୟର ଅଧିଶ୍ୱରୀ ଚ଼ାମୁଣ୍ଡେଶ୍ୱରୀ ଥିଲେ । ଆମ ସଂସ୍କୃତି ଏବଂ ଧାର୍ମିକ ମାନ୍ୟତାରେ ଦୈବ ଭୂତ ନୁହନ୍ତି, ବରଂ ପୂଜନୀୟ ଦେବତା ବା ଅଧିଶ୍ୱର । କୌଣସି ଦେବତାଙ୍କୁ ଭୂତ କହିବା ଅତ୍ୟନ୍ତ ଲଜ୍ଜାଜନକ । ହିନ୍ଦୁ ବିଶ୍ୱାସ ପ୍ରତି ଜାଣିଶୁଣି ଅନାଦର କରାଯାଇଛି । ଅଭିଯୁକ୍ତ ଜଣେ ଜଣାଶୁଣା ବ୍ୟକ୍ତି, ଯାହାଙ୍କର ଲକ୍ଷାଧିକ ଫଲୋଅର୍ ଅଛନ୍ତି । ଅନ୍ତର୍ଜାତୀୟ ମଞ୍ଚରେ ଏଭଳି କାର୍ଟୁନ୍ କରି ସେ କେବଳ 'କାନ୍ତାରା' ଫିଲ୍ମର ଅପମାନ କରିନାହାନ୍ତି, ବରଂ ତୁଳୁ ପରମ୍ପରାର ଗଭୀର ଆଧ୍ୟାତ୍ମିକ ବିଶ୍ୱାସର ଉପହାସ କରିଛନ୍ତି । ଏହା ଦ୍ୱାରା ଦୈବ ଭକ୍ତ ତଥା ସାଧାରଣ ଜନତାଙ୍କ ମଧ୍ୟରେ ଗମ୍ଭୀର ମାନସିକ ପୀଡା, ଆକ୍ରୋଶ ଏବଂ ଅସନ୍ତୋଷ ଦେଖାଦେଇଛି ।

# ମୃତ୍ୟୁ ପରେ ବି ଯନ୍ତ୍ରଣା : ପୋଷ୍ଟମର୍ଟମ ପାଇଁ ଯିବାକୁ ପଡୁଛି ୭୦ କିମି



**୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ଅଞ୍ଚଳରେ ଶବକୁ ଯନ୍ତ୍ରଣା । ଖବରଟି କାନକୁ ଅଡୁଆ ଲାଗୁଥିଲେ ବି ସତ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ କିଛି ସପ୍ତାହ ହେବ ଶବ ବ୍ୟବଚ୍ଛେଦ ହେଉନାହିଁ । ସଂପର୍କୀୟଙ୍କୁ ଶବ ନେଇ ୭୦ କିଲୋମିଟର ଦୂର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି । ଆତ୍ମୀୟଙ୍କୁ ହରାଇବାର ଯନ୍ତ୍ରଣାଠାରୁ ଏହା ବଳିପଡୁଛି । ଅଯଥା ଖର୍ଚ୍ଚାନ୍ତ ଓ ମାନସିକ ଉତ୍ପୀଡ଼ନରେ ଲୋକେ ଜର୍ଜରିତ ହେଉଛନ୍ତି । ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ଅଛି । ହେଲେ ୪୦ ବର୍ଷ ତଳର ଏହି ଗୃହ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହା ବିଷଧର ସରୀସୃପଙ୍କ ଆବାସ ପାଲଟିଛି । ପାଣି ଓ ବିଦ୍ୟୁତ୍ ସଂଯୋଗ ନାହିଁ । କାନ୍ଥ ଫାଟି ଆଁ କରିଛି । ଏଭଳି ବିପଜ୍ଜନକ ଘରେ ଶବ ବ୍ୟବଚ୍ଛେଦ ନ କରିବା ଲାଗି ମାସେ ପୂର୍ବରୁ ଡାକ୍ତରମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ଡାକ୍ତରମାନେ ଶବ ବ୍ୟବଚ୍ଛେଦ କରୁନଥିବାରୁ ଏପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଶବ ବ୍ୟବଚ୍ଛେଦ ପାଇଁ ୭୦ କିମି ଦୂର କେନ୍ଦୁଝର ଗଲାଣି । ସେଠାକୁ ଗାଡ଼ିରେ ଶବ ବୋହିକି ନେବା କେବଳ ସମୟ ସାପେକ୍ଷ ନୁହେଁ, ବରଂ ମୃତକଙ୍କ ପରିବାର ଲୋକଙ୍କ ଉପରେ ଅତିରିକ୍ତ ୧୦/୧୨ ହଜାର ଟଙ୍କାର ଆର୍ଥିକ ବୋଝ ମଧ୍ୟ ପଡୁଛି । ଗରିବ ଲୋକମାନେ ଏଭଳି ଆର୍ଥିକ ବୋଝ ବୋହିବାକୁ ଅସମର୍ଥ । ସଡ଼କ ଦୁର୍ଘଟଣା, ନଦୀନାଳରେ ବୁଡ଼ି ତଥା ବନ୍ୟପ୍ରାଣୀ ଆକ୍ରମଣ, ହତ୍ୟା କିମ୍ବା ଆତ୍ମହତ୍ୟାଜନିତ ଅପମୃତ୍ୟୁ ଘଟଣାରେ ପରିବାର ସଦସ୍ୟ ଭାଙ୍ଗି ପଡୁଥିବା ବେଳେ ଶବ ବ୍ୟବଚ୍ଛେଦ ଯନ୍ତ୍ରଣା ଅଧିକ କଷ୍ଟ ଦେଉଛି ବୋଲି ଜଣେ ସଂପର୍କୀୟ କହିଛନ୍ତି । ବୁଧବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହେବା ପରେ ମୃତଦେହ କେନ୍ଦୁଝର ନିଆଯାଇଥିଲା । ନୂତନ ଶବ ବ୍ୟବଚ୍ଛେଦ ଗୃହ ତୁରନ୍ତ ନିର୍ମାଣ ସାଙ୍ଗକୁ ଅସ୍ଥାୟୀ ସେଡ୍ ନିର୍ମାଣ କରି ଶବ ବ୍ୟବଚ୍ଛେଦ କରିବାକୁ ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ସରପଞ୍ଚ ପାଙ୍ଗେଲା ମୁଣ୍ଡା, ବୁଦ୍ଧିଜୀବୀ ଦିଲୀପ କୁମାର ସାହୁ, ଗୌରୀ ପେଣ୍ଟେଇ, ଇନ୍ଦ୍ରମଣି ସାହୁ, ସୁରେଶ ଚନ୍ଦ୍ର ସାହୁ ଦାବି କରିଛନ୍ତି । ଏ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ମୌସୁମ ମାଝୀଙ୍କୁ ପଚାରିବାରୁ, ବିପଦସଙ୍କୁଳ ଗୃହରେ ଶବ ବ୍ୟବଚ୍ଛେଦ କରିବା ସମ୍ଭବ ନୁହେଁ । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ତଥା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ପ୍ରତିପଦା |
|---|---|
| ୫.୧୨.୨୦୨୫ | ନକ୍ଷତ୍ର– ରୋହିଣୀ, ବୃଷଚନ୍ଦ୍ର |

| | |
|---|---|
| **ମେଷ** | : କର୍ମକ୍ଷେତ୍ରରେ ବାଧାବିଘ୍ନ ଦେଇ କଟିବ । |
| **ବୃଷ** | : ଦ୍ରବ୍ୟଲାଭ ଯୋଗ ରହିଛି । |
| **ମିଥୁନ** | : ଦ୍ରବ୍ୟ ଚୋରୀ ହେବାର ଭୟ ରହିଛି । |
| **କର୍କଟ** | : ହସଖୁସିରେ ଦିନଟି କଟିବ । |
| **ସିଂହ** | : ନୂତନ ନିଯୁକ୍ତିରେ ଯୋଗ ଦେବେ । |
| **କନ୍ୟା** | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| **ତୁଳା** | : ଶତ୍ରୁ କଷ୍ଟ ବୃଦ୍ଧି ପାଇବ । |
| **ବିଛା** | : ସୁଖବୃଦ୍ଧି ପାଇବ । |
| **ଧନୁ** | : ତୀର୍ଥାଟନରେ ଖୁସି ପାଇବେ । |
| **ମକର** | : ପୁତ୍ର ଚିନ୍ତାରେ ଦିନଟି କଟିବ । |
| **କୁମ୍ଭ** | : ସାମାନ୍ୟ ଅସନ୍ତୋଷଲାଭ କରିବେ । |
| **ମୀନ** | : କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । |

## ଦୁର୍ଘଟଣାରେ ଯୁବକ ମୃତ

**ପିପିଲି, ୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥର ମଙ୍ଗଳପୁର ପେଟ୍ରୋଲ ଟାଙ୍କି ନିକଟରେ ବୁଧବାର ରାତିରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଜଣେ ୨୪ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ବିଷ୍ଣୁପ୍ରସାଦ ବରାଳ ଓ ତାଙ୍କ ଘର ନିକଟବର୍ତ୍ତୀ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ସାନ ସରଗାଇଲୋ ଗ୍ରାମରେ ହୋଇଥିବା ସୂଚନା ମିଳିଛି । ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ତ୍ୟକ୍ତଲୋକେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜାତୀୟ ରାଜପଥ ଉପରେ ମୃତଦେହକୁ ରଖି ରାଜପଥ ଅବରୋଧ କରିଥିଲେ । ଫଳରେ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିବା ସହ ଯାତାୟତ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା ।

ସୂଚନା ଅନୁଯାଇ, ବିଷ୍ଣୁପ୍ରସାଦ ଏବଂ ଅନ୍ୟ ଜଣେ ବ୍ୟକ୍ତି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବାବେଳେ ପୁରୀରୁ ପିପିଲି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଗାଡି ଭାରସାମ୍ୟ ହରାଇ ଉଭୟଙ୍କୁ ଧକ୍କା ଦେଇଥିଲା । ଫଳରେ ବିଷ୍ଣୁପ୍ରସାଦ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜାତୀୟ ରାଜପଥ ପିସିଆର୍ ଭ୍ୟାନ୍ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣାରେ ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଏହାକୁ ନେଇ ଡାକ୍ତରଖାନା ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ତ୍ୟକ୍ତଲୋକେ ଡାକ୍ତରଖାନା ସମ୍ମୁଖ ଜାତୀୟ ରାଜପଥ ଉପରେ ମୃତଦେହକୁ ରଖି ରାଜପଥ ଅବରୋଧ କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସେମାନେ ଦାବି କରିଥିଲେ । ଖବର ପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବାପରେ ରାସ୍ତାରୋକ ହଟିଥିଲା ଓ ଯାତାୟତ ସଂପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା । ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ପୁଲିସ ଘଟଣାର ତଦନ୍ତ ଜାରିରଖିଛି ।

## ଛାତ୍ରୀଙ୍କୁ ଅସଦାଚରଣ କରି ଜେଲ୍ ଗଲେ ଶିକ୍ଷକ

**ପାଟଣାଗଡ଼, ୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ଲରମ୍ଭା ଥାନା ଅଞ୍ଚଳରେ ଥିବା ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଛାତ୍ରୀଙ୍କ ମା' ଲରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ କେସ୍ ନଂ ୨୭୯ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଅଭିଯୁକ୍ତ ଶିକ୍ଷକ ତ୍ରିଲୋଚନ ମେହେରଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଭାନୁପ୍ରସାଦ ଯାଦବ ସୂଚନା ଦେଇଛନ୍ତି ।

ସୁଚନାନୁସାରେ, ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରୀ କୋଠରୀରେ ଏକୁଟିଆ ଥିବାର ସୁଯୋଗ ନେଇ ଶିକ୍ଷକ ଜଣଙ୍କ ଅସଦାଚରଣ କରିଥିଲେ । ଛାତ୍ରୀ ଜଣକ କୋଠରୀ ଭିତରେ କାନ୍ଦୁଥିବା ଦେଖି ସହପାଠୀମାନେ ଏହି ଘଟଣାକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପରେ ଘଟଣା ସମ୍ପର୍କରେ ଛାତ୍ରୀଙ୍କ ବାପାମା' ଜାଣିବା ପରେ ସ୍କୁଲକୁ ଆସିଥିଲେ । ଏହାପରେ ଗ୍ରାମବାସୀ ତାତି ଯାଇ ସ୍କୁଲ ପରିସରକୁ ଆସି ସଂପୃକ୍ତ ଶିକ୍ଷକଙ୍କୁ ସ୍କୁଲ କୋଠରିରେ ତାଲା ପକାଇ ରଖିବାକୁ ଯୋଜନା କରୁଥିଲେ । କିନ୍ତୁ ଛାତ୍ରୀର ବାପାମା' ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା ।

# ବୁରାଙ୍ଗିଆ-ଡାବରବାନ୍ଧା ରାସ୍ତା ନିମ୍ନମାନର

**କନ୍ଧମାଳ, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଶା ଥିଲା ଗାଁକୁ ପକ୍କା ରାସ୍ତା ନିର୍ମାଣ ହେବ ଆଉ ଗାଁର ଅନେକ ସମସ୍ୟା ସମାଧାନ ହୋଇପାରିବ । କିନ୍ତୁ ଲୋକଙ୍କ ସ୍ୱପ୍ନ ପୁରଣ ହେଲା ପକ୍କା ରାସ୍ତା ନିର୍ମାଣ ହେଲା କିନ୍ତୁ ତାହା ନିମ୍ନମାନର କାର୍ଯ୍ୟ ଅଭିଯୋଗ କରି ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି ।



ପ୍ରକାଶ ଯେ, କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ ଦୁର୍ଗମ ବୁରାଙ୍ଗିଆ ଗ୍ରାମଠାରୁ ଡାବରବାନ୍ଧା ଗ୍ରାମକୁ ପ୍ରାୟ ୪ କିମି ଖରାପ ରାସ୍ତାକୁ ପୁନଃମରାମତି କରାଯାଉଛି । ମେଟାଲ ପକାଯିବା ସହ ଗୋଡି ଓ ପିଚୁ ମଧ୍ୟ ଦିଆଯାଇଛି । କିନ୍ତୁ ଅଞ୍ଚଳବାସୀଙ୍କ ଅଭିଯୋଗ ପିଚୁ ପକାଯିବାର ଏକ ସପ୍ତାହ ହୋଇଗଲାଣି କିନ୍ତୁ ଏକାଧିକ ସ୍ଥାନରେ ପିଚୁ ଉଠିଯାଉଛି । ଏମିତି କି ହାତରେ ଛୁଇଁଲେ ମଧ୍ୟ ପିଚୁ ଉଠିଯାଉଛି । ଟ୍ରାକ୍ଟର, ଅଟୋ ଏମିତି ଚାଲିକି ଯିବା ସମୟରେ ମଧ୍ୟ ମରାମତି ରାସ୍ତାରୁ ପିଚୁ ଉଠିଯାଉଥିବା ଗ୍ରାମର ପୂର୍ବତନ ସରପଞ୍ଚ ବାଳକୃଷ୍ଣ ମଲିକ, ସାଗର ପ୍ରଧାନ, ଅର୍ଜୁନ ପ୍ରଧାନ ପ୍ରମୁଖ କହିଛନ୍ତି । ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଗ୍ରାମବାସୀ, ବିଭାଗ ଏବଂ ଠିକା ସଂସ୍ଥା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା କହିଛନ୍ତି ଯେ, ପିଚୁ ପଡିବାର ୧ ମାସ ପର୍ଯ୍ୟନ୍ତ ଉକ୍ତ ପିଚୁରେ ହାତରେ ଉଠାଇବା ଅନୁଚିତ କିନ୍ତୁ ଉକ୍ତ ଅଞ୍ଚଳରେ ଏହା ନିମ୍ନମାନର କାର୍ଯ୍ୟ କହିକି କିଛି ଲୋକ ପିଚୁ ଉଠାଇ ଦେଖୁଥିବା ସେ କହିଛନ୍ତି । ଗୋଟିଏ ମାସ ପରେ ଆଉ ପିଚୁ ଉଠିବନି ସେ ଷ୍ଟ୍ରଙ୍ଗ ହେବାକୁ ସମୟ ଲାଗିବ ବୋଲି କହିଛନ୍ତି । ସେପଟେ ବୁରାଙ୍ଗିଆ,ଡାବରବାନ୍ଧା ଏବଂ ଝାରୁମୁଣ୍ଡା ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି ଯେ, ଗତ ୫ ବର୍ଷ ପୂର୍ବରୁ ଉକ୍ତ ରାସ୍ତା ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ସମ୍ପ୍ରସାରଣ କରାଯାଇଥିଲା, ମାତ୍ର ୬ ମାସ ମଧ୍ୟରେ ରାସ୍ତାରୁ ପିଚୁ ଉଠି ରାସ୍ତା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଥିଲା । ପୁଣି ବିଭାଗ ପଦକ୍ଷେପ ନେଇ ଦୀର୍ଘ ୫ ବର୍ଷ ପରେ ପ୍ରାୟ ୪୦ଲକ୍ଷ ଟଙ୍କା ବିନିମୟରେ ମରାମତି କାର୍ଯ୍ୟ ଚାଲିଛି । କିନ୍ତୁ ଅତି ନିମ୍ନମାନର କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଆମେ କ'ଣ ଆଉ ଭଲ ରାସ୍ତାରେ ଯାତାୟାତ କରିପାରିବୁନି କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ରାସ୍ତା ମରାମତି କାର୍ଯ୍ୟ ଏବେ ଚାଲିଛି କୌଣସି ନିମ୍ନମାନର ହୋଇ ନ ଥିବା କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା କହିଛନ୍ତି । ଏନେଇ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ କହିଛନ୍ତି ଯେ, ସେ ଏବେ ଶୁଣିଲେ ଘଟଣାର ତଦନ୍ତ କରିବେ ଓ ଲୋକ କେଉଁ ପରିସ୍ଥିତିରେ ରାସ୍ତାରୁ ପିଚୁ ଉଠାଉଛନ୍ତି ତାଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି ।

## ଅଭିନବ ଉପାୟରେ ବ୍ୟାଙ୍କରୁ ଠକେଇ, ଯୁବକ ଗିରଫ

**ମାଲକାନଗିରି, ୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାଙ୍କରେ ନୂଆ ଆକାଉଣ୍ଟ ଖୋଲିବ କହି ଠକେଇ । ଏଭଳି ଏକ ଘଟଣା ମାଲକାନଗିରି ଅଞ୍ଚଳରେ ଦେଖିବାକୁ ମିଳିଛି ଚଅଭିଯୁକ୍ତ ହେଲା ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାସ୍ଥ ଖଲିଆପାଲି ଗ୍ରାମର ହରେଶ କୁମ୍ଭାର (୩୩) । ସରକାରଙ୍କ ନୂଆ ଯୋଜନା ଆସିଛି କହି ଗ୍ରାମାଞ୍ଚଳ ଲୋକଙ୍କ ନାଁରେ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲି ଅଭିନବ ଉପାୟରେ ସାଇବରକ୍ରାଇମରେ ସହଯୋଗ କରୁଥିଲା । ପୁଲିସ ତାକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

ସୂଚନା ଅନୁସାରେ, ୨୦୨୪ ମସିହାରେ ବୌଦ୍ଧ ଅଞ୍ଚଳରୁ ହରେଶ ମାଲକାନଗିରି ଥାନାସ୍ଥ କୁକୁଡ଼ାଗୁଡା ଗ୍ରାମକୁ ଆସିଥିଲେ । ନିରୀହ ଗ୍ରାମବାସୀମାନଙ୍କୁ ପ୍ରଲୋଭିତ କରି କହିଥିଲା ରାଜ୍ୟ ସରକାରଙ୍କ ଦ୍ୱାରା ସୁଭଦ୍ରା ଯୋଜନା ଭଳି ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି ଏବଂ ପ୍ରତି ମାସରେ ସେମାନଙ୍କ ଆକାଉଣ୍ଟରେ ଦୁଇ ହଜାର ଟଙ୍କା ନଗଦ ଜମା ହେବ । ତେଣୁ ନୂଆ ଆକାଉଣ୍ଟ ଖୋଲି ନୂଆ ଫୋନ ନମ୍ବର ଦେବାକୁ ପଡ଼ିବ ଚ ସେମାନେ ଗ୍ରାମବାସୀଙ୍କୁ ନୂତନ ସିମ୍ କାର୍ଡ ପାଇବା ପାଇଁ, ପ୍ରତି ମାସରେ ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ପ୍ରଲୋଭିତ କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୂତନ ଆକାଉଣ୍ଟ ଖୋଲିବା ପାଇଁ ଏବଂ ନୂତନ ସିମ୍ କାର୍ଡ ପାଇବା ପାଇଁ ଏକ ହଜାର ଟଙ୍କା ନଗଦ ଦେଇଥିଲେ ।




ଗ୍ରାମବାସୀମାନେ ନୂତନ ସିମ୍ କାର୍ଡ କିଣିଥିଲେ, ବିଭିନ୍ନ ବ୍ୟାଙ୍କରେ ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ ଏବଂ ସମ୍ପୃକ୍ତ ଆକାଉଣ୍ଟରେ ନୂତନ ମୋବାଇଲ୍ ନମ୍ବର ପଞ୍ଜିକୃତ କରିଥିଲେ ଚକିଛିଦିନ ପରେ ସେ ବ୍ୟକ୍ତି ଗ୍ରାମବାସୀଙ୍କଠାରୁ ଆକାଉଣ୍ଟ, ଏଟିଏମ, ସିମ କାର୍ଡ ଯାଞ୍ଚ କରାଯିବ କହିଥିଲେ ଓ ଯାଞ୍ଚର ୧୫ଦିନ ପରେ ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ଯାଞ୍ଚ ପାଇଁ ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ଏଟିଏମ କାର୍ଡ ଏବଂ ମୋବାଇଲ୍ ନମ୍ବର ଦେବାକୁ କହିଥିଲେ । ସରକାରଙ୍କଠାରୁ ଟଙ୍କା ପାଇବା ଆଶା ଓ ବିଶ୍ୱାସରେ ଗ୍ରାମବାସୀ ଅଭିଯୁକ୍ତ ହରେଶ କୁମ୍ଭାରଙ୍କୁ ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ଏଟିଏମ କାର୍ଡ ଏବଂ ମୋବାଇଲ୍ ନମ୍ବର (ସିମ୍ କାର୍ଡ) ଦେଇଥିଲେ । ଏହାପରେ ହରେଶ ସେହି ଆକାଉଣ୍ଟଗୁଡ଼ିକୁ ବିହାରର ରାହୁଲ କୁମାର, ବିପିନ୍ କୁମାର ଏବଂ ଦିବାକର କୁମାରଙ୍କୁ ହସ୍ତାନ୍ତର କରିଥିଲେ ଏବଂ ପ୍ରତ୍ୟେକ ଆକାଉଣ୍ଟ ପାଇଁ ୧୦ହଜାର ଲେଖା ଟଙ୍କା ନଗଦ ପାଇଥିଲେ । ତା'ପରେ ଉକ୍ତ ଆକାଉଣ୍ଟ, ସିମ, ଏଟିଏମ କାର୍ଡଗୁଡ଼ିକୁ ବିଭିନ୍ନ ଠକେଇ କାରବାରରେ ବ୍ୟବହାର କରାଯାଇଥିଲା । ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଛି ଯେ ଅଭିଯୁକ୍ତ ବ୍ୟକ୍ତି ଆକାଉଣ୍ଟଧାରୀଙ୍କୁ କିଛି ଟଙ୍କା ଦେଇଛନ୍ତି, କିନ୍ତୁ ଆକାଉଣ୍ଟଧାରୀମାନେ ସରକାରଙ୍କଠାରୁ ଟଙ୍କା ପାଇଛନ୍ତି ବୋଲି ବିଶ୍ୱାସ କରିଛନ୍ତି । ସେମାନଙ୍କ ଆକାଉଣ୍ଟ ଦ୍ୱାରା ସାଇବର ଅପରାଧ ହେଉଥିବା ବିଷୟରେ ଜାଣିପାରି ନାହାଁନ୍ତି । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ସ୍ଥ ଖଲିଆପାଲି ଗ୍ରାମର ହରେଶଙ୍କୁ ମାଲକାନଗିରି ଆଦର୍ଶ ଥାନାର ସ୍ୱତନ୍ତ୍ର ପୁଲିସ ଟିମ ଯାଇ ୧ତାରିଖରେ ଗିରଫ କରି ମାଲକାନଗିରି ଆଣିଥିଲେ । ସାକ୍ଷୀ ପ୍ରମାଣ ତଦନ୍ତ ପରେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ମାଲକାନଗିରି ଜିଲ୍ଲାର କୁକୁଡ଼ାଗୁଡା, ଜିଲେନିଗୁଡା, ଏରାକୁସମୀ, ଗଡିଆପୁଟ ଗ୍ରାମର ୨୦ଜଣ ପୁରୁଷ ଓ ମହିଳାଙ୍କ ନାମରେ ସାଇବର ଠକମାନେ ଖୋଲିଥିବା ୨୦ଟି ଆକାଉଣ୍ଟକୁ ବ୍ୟାଙ୍କକୁ ସୂଚନା ଦିଆଯାଇ ଲକ କରିଦିଆଯାଇଛି । ଏହି ସାଇବର ଅପରାଧରେ ଆଉ କିଏ ସମ୍ପୃକ୍ତି ଥିବାର ସନ୍ଦେହରେ ତଦନ୍ତ ଜାରି ରହିଛି ବୋଲି ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

## ଟ୍ରକ୍ ଧକ୍କାରେ ଯୁବତୀ ମୃତ

**ଛତ୍ରପୁର, ୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ଜାତୀୟ ରାଜପଥ ଡିଆରଡିଏ ଛକ ନିକଟରେ ସଡ଼କ ଦୁର୍ଘଟଣା ଜଣଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ବ୍ରହ୍ମପୁର ଅଞ୍ଚଳର ଜେ. ସ୍ୱାତୀ । ଛତ୍ରପୁର ଆରଟିଓ ଅଫିସକୁ ଗାଡ଼ି ଲାଇସେନ୍ସ ପାଇଁ ଆସି ସ୍କୁଟିରେ ବାପ ଓ ଝିଅ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହ ଦୁର୍ଘଟଣା ଘଟିଥିଲା । ଫଳରେ ବାପାଙ୍କ ଆଖି ସାମ୍ନାରେ ଚାଲିଗଲା ଝିଅର ଜୀବନ । ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

# ଛାତ୍ରଙ୍କ ଗୋଡ଼ରେ ଶିକୁଳି ପକାଇଲେ ପ୍ରଧାନଶିକ୍ଷକ

**ନୀଳଗିରି, ୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଶିକ୍ଷ୍ୟାବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲ ଦଣ୍ଡ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିବା ବେଳେ ଯଦି ଏହାକୁ କେହି ଉଲ୍ଲଂଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିୟମ ପ୍ରଣୟନ ହୋଇଛି । ମାତ୍ର ଏହି ନିୟମ ଧଜ୍ଜିଆ ଉଡାଇଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ ଥିବା ବେଗୁନିଆ ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ହଷ୍ଟେଲ ଅଧିକ୍ଷକ ରଘୁନାଥ ବୁଗୁଡ଼ାଇ ।



ସୂଚନା ମୁତାବକ ଉକ୍ତ ସ୍କୁଲରେ କମାରଖାଲିଆ ଅଞ୍ଚଳର ୪ର୍ଥ ବର୍ଷର ଛାତ୍ର ମଳୟ ସିଂ ପାଠ ପଢିବା ସହିତ ସ୍କୁଲ୍ ଅଧୀନରେ ଥିବା ହଷ୍ଟେଲରେ ରହି ପାଠପଢୁଥିଲା । ମାତ୍ର ସ୍କୁଲ ଓ ହଷ୍ଟେଲରେ ନ ରହି ବାରମ୍ବାର ଘରକୁ ଚାଲିଯାଉ ଥିବାରୁ ପିଲା ଉପସ୍ଥାନ ବଢ଼ାଇ ଅର୍ଥ ଆତ୍ମସାତ କରିବା ପାଇଁ ମଳୟକୁ ହଷ୍ଟେଲର କର୍ମଚାରୀଙ୍କ ଦ୍ୱାରା ଗୋଡ଼ରେ ଶିକୁଳି ପକାଇ ଆଜକୁ ପ୍ରାୟ ୧୫ଦିନ ହେବ ରଖାଯାଇଛି ବୋଲି କହିଛନ୍ତି ସଂପୃକ୍ତ ଛାତ୍ର । ଯାହାଫଳରେ ସ୍କୁଲକୁ ଯାଇ ନ ପାରି ପାଠ ପଢିବାରୁ ବଞ୍ଚିତ ହେବା ସହିତ ବନ୍ଦୀ ଜୀବନ ବିତାଉଛି ମଳୟ । ମାତ୍ର ଚୋର ଘରେ ନ ଥାଏ ଚାନ୍ଦନୀ ରାତି ଭଳି ଉକ୍ତ ହଷ୍ଟେଲରେ ରହୁଥିବା ଅନ୍ୟ ଜଣେ ଛାତ୍ର ଖେଳୁଖେଳୁ ଆହାତ ହୋଇଥିଲେ । ପ୍ରଧାନଶିକ୍ଷକ ଅନ୍ୟ ଜଣେ ଶିକ୍ଷକଙ୍କୁ ଆହତ ଛାତ୍ରଙ୍କ ଚିକିତ୍ସା କରିବା ପାଇଁ ହଷ୍ଟେଲକୁ ପଠାଇଥିଲେ । ଉକ୍ତ ଶିକ୍ଷକ ହଷ୍ଟେଲରେ ପହଞ୍ଚି ମଳୟ ଗୋଡ଼ରେ ଶିକୁଳି ପଡ଼ିଥିବାର ଦେଖି ଆଶ୍ଚର୍ଯ୍ୟ ହେବା ସହିତ ହତବାକ ହୋଇଯାଇଥିଲେ । ଧୀରେ ଧୀରେ ଉକ୍ତ ଘଟଣା ପ୍ରଘଟ ହେବା ପରେ ଲୋକଲୋଚନକୁ ଆସିଥିଲା । ଅଳ୍ପ କେତେ ଅର୍ଥ ଆତ୍ମସାତ ପାଇଁ ପ୍ରଧାନଶିକ୍ଷକଙ୍କ ଏପରି ଅମାନୁଷିକ ବର୍ବରତା ଓ ହୀନକାର୍ଯ୍ୟକୁ ନେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଅବଗତ କରାଇବା ପରେ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏପରି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି । ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଛାତ୍ର ଜଣକ ବାରମ୍ବାର ଘରକୁ ପଳାଇ ଯାଉଥିବାରୁ ତା'ର ଅଭିଭାବକ ମଳୟ ଗୋଡ଼ରେ ଶିକୁଳି ପକାଇଛନ୍ତି । ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି କହିଛନ୍ତି ଶ୍ରୀ ବାଗୁଡ଼ାଇ । ସରକାରଙ୍କ ଦଣ୍ଡ ମୁକ୍ତ ଅଞ୍ଚଳରେ ଅଭିଭାବକଙ୍କୁ କାହା ନିର୍ଦ୍ଦେଶରେ ଛାତ୍ରଙ୍କ ଗୋଡ଼ରେ ଶିକୁଳି ପକାଇବାକୁ ପ୍ରଧାନଶିକ୍ଷକ ଅନୁମତି ଦେଲେ କିପରି ବୋଲି ବେଶ ଚର୍ଚ୍ଚା ହେଉଛି ସ୍ଥାନୀୟ ଅଞ୍ଚଳରେ । ପୂର୍ବରୁ ମଧ୍ୟ ପ୍ରଧାନଶିକ୍ଷକ ବିରୁଦ୍ଧରେ ଅର୍ଥ ଆତ୍ମସାତର ଅଭିଯୋଗ ହୋଇଥିବାର ଜଣାପଡିଛି ।

## ମହୁମାଛି ଆକ୍ରମଣରେ ୨ ଆହତ

**ବୁଗୁଡ଼ା, ୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଳସାହି ଗାଁ ଛକରେ ମହୁମାଛି ଆକ୍ରମଣରେ ଦୁଇ ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଆହତ ଦ୍ୱୟ ହେଲେ ପଙ୍କଳସାହି ଗ୍ରାମର ଦିପକ ସ୍ୱାଇଁ (୨୬) ଓ ପିଣ୍ଟୁ ପ୍ରଧାନ (୩୪) । ଘଟଣାରୁ ପ୍ରକାଶ ଯେ, ଦିପକ ଓ ପିଣ୍ଟୁ ବାଇକ୍ ଯୋଗେ ଗାଁକୁ ଯାଉଥିବା ବେଳେ ହଠାତ ମହୁମାଛି ଦଳ ଆକ୍ରମଣ କରିଥିଲେ । ଆକ୍ରମଣରୁ ବର୍ତ୍ତିବା ପାଇଁ ସେ ଦୁହେଁ ଗାଡି ଛାଡି ଦୌଡିଥିଲେ ହେଁ ମହୁମାଛିଙ୍କ ଦଂଶନରେ ଦେହ ଓ ମୁହଁ ଫୁଲି ଯାଇଥିଲା । ଯନ୍ତ୍ରଣା ଉପଶମ ପାଇଁ ସେ ଦୁହେଁ ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ପରେ ସେମାନଙ୍କ ଅବସ୍ଥାରେ ସୁଧାର ଆସିଥିବା ଜଣାଯାଇଛି ।

## ବଙ୍ଗାଳିଡାହି ଅଞ୍ଚଳରେ ଷଣ୍ଢ ଚୋରି ବୃଦ୍ଧି

**ବୈଶିଙ୍ଗା, ୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ବେତନଟୀ ବ୍ଲକର ବଙ୍ଗାଳିଡାହି ଅଞ୍ଚଳରେ ଦିନକୁଦିନ ଷଣ୍ଢ ଚୋରୀ ବୃଦ୍ଧି ପାଇବାରେ ଲାଗିଛି ପୂର୍ବରୁ ଏହି ଅଞ୍ଚଳରେ ଅନେକ ଷଣ୍ଢ ବିଚରଣ କରୁଥିବାବେଳେ ଏବେ ଷଣ୍ଢ ଗୁଡିକ ଆଉ ଦେଖିବାକୁ ମିଳୁନାହିଁ । ଏବେ ଗାଁରେ ରହୁଥିବା ଏକମାତ୍ର ଷଣ୍ଢଟିକୁ ବିଳମ୍ବିତ ରାତ୍ରୀରେ ପ୍ରାୟ ୬ଜଣ ଚୋର ଏକ ପିକଅପ୍ ଯୋଗେ ନେଇଯିବାକୁ ଚେଷ୍ଟା କରିଥିଲେ । ବଙ୍ଗାଳିଡାହି ହନୁମାନ ଛକ ନିକଟରୁ ମାତ୍ର ୧୦୦ମିଟର ଦୂରରେ ଷଣ୍ଢଟିକୁ ପିକଅପରେ ଲଦିବା ବେଳେ ପାଖ ଲୋକମାନେ ଶବ୍ଦ ପାଇ ଉଠିବା ସହିତ ପାଟି କରିବାରୁ ଅନ୍ୟମାନେ ଉଠିପଡିଥିଲେ । ଗାଁର ଅର୍ଦ୍ଧାଧିକ ଲୋକ ଉଠିବା ସତ୍ତ୍ୱେ ଚୋର ଦଳ ପଳାଇନଯାଇ ଓଲଟି ଗ୍ରାମବାସୀଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା । ପରେ ଅବଶ୍ୟ ପଛଘୁଞ୍ଚା ଦେଇ ଜୋରରେ ପିକଅପ ନେଇ ରୁପସା ଦିଗରେ ପଳାଇଥିଲେ ଚୋର ଦଳଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ୨ଟି ମକଟ ସାଇକଲ ମଧ୍ୟ ପିକଅପ ପଛରେ ଦ୍ରୁତଗତିରେ ପଳେଇଥିଲା । ଷଣ୍ଢଟିକୁ ଲଦିବାରେ ଚୋରମାନେ ସଫଳ ହୋଇନଥିବାବେଳେ ଷଣ୍ଢଟି ରାସ୍ତାରେ ପଡି ରହିଥିଲା ଗ୍ରାମବାସୀ ଏହାକୁ ସ୍ଥାନାନ୍ତରିତ କରିବାବେଳେ ଷଣ୍ଢ ଉଠି ପାରୁନଥିବା ଦେଖାଯାଇଥିଲା ।

## ବିନା ଲାଇସେନ୍ସରେ ଔଷଧ ଦୋକାନ କରିଥିବା ୨ଜଣଙ୍କ ନାଁରେ ମାମଲା

**ବୈଶିଙ୍ଗା, ୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିନା ଲାଇସେନ୍ସରେ ବେନାମୀ କମ୍ପାନୀର ଔଷଧ ବିକ୍ରି କରିବା ମାମଲାରେ ଦୁଇଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ ନିକଟରୁ ଜଣାଯାଇଛି । ଘଟଣାରୁ ପ୍ରକାଶ ବୈଶିଙ୍ଗା ବଜାରରେ ମା ଦୁର୍ଗା ଫିଡସ୍ ନାମରେ ଏକ ଗୋଦାନା ଦୋକାନ କରିଥିବା ରଞ୍ଜନ ନାୟକ ନାମକ ବ୍ୟକ୍ତି ବହୁଦିନ ଧରି ବିନା ଲାଇସେନ୍ସ ରେ କୁକୁଡ଼ା, ଛେଳି, ଘୁଷୁରି ଓ ଗୋ ଜାତୀୟ ପଶୁମାନଙ୍କ ପାଇଁ ମେଡିସିନ୍ ବିକ୍ରୟ କରି ଅରୁଥିଲେ । ଏହି ଖବର ପାଇ ଡ୍ରଗ୍ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ସଦଳବଳେ ମଙ୍ଗଳବାର ଚଢାଉ କରିଥିଲେ । ଏହି ସମୟରେ ଭଡା ଦେଇଥିବା ଘର ମାଲିକ ଉର୍ସଗ ନେହେରା ପହଞ୍ଚି ଡ୍ରଗ୍ସ ଅଧିକାରୀଙ୍କୁ ଗାଳି ଗୁଲଜ କରିବା ସହିତ ଧକ୍କା ମାରି ବାହାର କରିଦେଇଥିଲେ । ବୈଶିଙ୍ଗା ଥାନାରୁ ସହଯୋଗ ଆଣିବା ପରେ ମଧ ସୁଫଳ ମିଳିପାରିନ ଥିଲା । ବୁଧବାର ବେତନଟୀ ତହସିଲଦାରଙ୍କ ଜରିଆରେ ପୁଣି ଚଢାଉ କରିଥିଲେ । ସେତେବେଳକୁ ଉସର୍ଗ ବେହେରା ଏବଂ ରଞ୍ଜନ ନାୟକ ଖସି ପଳାଇଥିଲେ । ଏନେଇ ବୈଶିଙ୍ଗା ଥାନାରେ ୬୧୨/୨୫ ମୂଳେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଅଭିଯୋଗ କରିବା ସମୟରେ ଡ୍ରଗ ' କଣ୍ଟ୍ରୋଲର ଉଦୟ ନାରାୟଣ ସାହୁ ଏବଂ ବାରିପଦା କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ରାକେଶ ନାଥ ଓ ଅନ୍ତର୍ଯ୍ୟାମୀ ନାଥ ଉପସ୍ଥିତ ରହିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖାଲିପଡ଼ିଛି ୨୪୬୭ ଶିକ୍ଷକ ପଦ

**ସମ୍ବଲପୁର, ୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗରିବ ପିଲାଙ୍କୁ ସିବିଏସ୍‌ଇ ପାଠ ପାଇବାର ସୁନ୍ଦର ଯୋଜନା ହେଉଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) । ମାତ୍ର ଏହି ସ୍କୁଲକୁ ବିକଳାଙ୍ଗ କରିବା ପାଇଁ ଚାଲିଛି ଷଡଯନ୍ତ୍ର । କେବଳ ଏହାର ଛାତ୍ରବୃତ୍ତି ବନ୍ଦ ହୋଇନାହିଁ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ହେଉନାହିଁ । ଫଳସ୍ୱରୂପ ରାଜ୍ୟର ୩୧୫ ଆଦର୍ଶ ସ୍କୁଲରେ ୨୪୬୭ ଶିକ୍ଷକ ପଦ ଖାଲି ପଡ଼ିଛି ।

ସୂଚନା ଅନୁଯାୟୀ, ୨୦୧୬ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ଭାବେ ଗୋଟିଏ ଏପରି ମୋଟ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଯେଉଁଠି ବର୍ତ୍ତମାନ ସମୁଦାୟ ୧ ଲକ୍ଷ ୨୪ ହଜାର ୦୫୯ ବିଦ୍ୟାର୍ଥୀ ପାଠ ପଢୁଛନ୍ତି । ସରକାରୀ ସ୍କୁଲରେ ପିଲା ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ନେଇ ସାଧାରଣରେ ଧାରଣା ରହିଛି । ମାତ୍ର ଓଏଭିରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ଏଠାରେ ପ୍ରତିବର୍ଷ ସିଟ୍ ସଂଖ୍ୟାଠାରୁ ଢେର ଅଧିକ ପିଲା ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଆବଶ୍ୟକ ଧ୍ୟାନ ଦିଆଯାଉ ନଥିବା ନେଇ ମନ୍ତ୍ରୀଙ୍କ ତଥ୍ୟରୁ ସ୍ପଷ୍ଟ ହୋଇଛି । ଏଠାରେ ସମୁଦାୟ



୭୦୩୬ ଶିକ୍ଷକ ପଦରୁ ୪୫୬୯ ପଦରେ ନିଯୁକ୍ତି ହୋଇଛି ।

ଆଶ୍ଚର୍ଯ୍ୟଜନକ ଭାବେ ୨୬୧ ସ୍କୁଲରେ ଅଧ୍ୟକ୍ଷ, ୧୮୫ରେ ଉପାଧ୍ୟକ୍ଷ ନାହାନ୍ତି । ଅର୍ଥାତ ବିନା ମୁଖିଆରେ ଏତେ ସଂଖ୍ୟାରେ ସ୍କୁଲ ଚାଲିଛି । ସ୍ନାତକୋତ୍ତର ଶିକ୍ଷକ ପଦ ମଧ୍ୟରୁ ଜୀବବିଜ୍ଞାନରେ ୩୨୧ରୁ ୧୦୨, ରସାୟନ ବିଜ୍ଞାନରେ ୩୨୧ରୁ ୧୭୩, ବାଣିଜ୍ୟରେ ୬୦ରୁ ୧୨, କମ୍ପ୍ୟୁଟର ବିଜ୍ଞାନରେ ୩୧୬ରୁ ୧୭୨, ଅର୍ଥଶାସ୍ତ୍ରରେ ୩୦ରୁ ୧୦, ଇଂରାଜୀରେ ୩୧୯ରୁ ୯୭, ଗଣିତରେ ୩୨୧ରୁ ୧୫୫, ପଦାର୍ଥବିଜ୍ଞାନରେ ୩୨୧ରୁ ୧୬୨, ପ୍ରଶିକ୍ଷଣପ୍ରାପ୍ତ ସ୍ନାତକ ଶିକ୍ଷକ ପଦ ମଧ୍ୟରୁ ଇଂରାଜୀରେ ୬୨୮ରୁ ୧୪୮, ହିନ୍ଦୀରେ ୩୧୪ରୁ ୧୭୩, ଗଣିତରେ ୬୨୮ରୁ ୫୩, ଓଡ଼ିଆରେ ୩୧୪ରୁ ୨୬, ସଂସ୍କୃତରେ ୩୧୪ରୁ ୩୬, ଏସ୍‌ଏସ୍‌ଟିରେ ୬୨୮ରୁ ୫୭, କଳା ଶିକ୍ଷକ ୩୧୪ରୁ ୧୦୦, କମ୍ପ୍ୟୁଟର ଶିକ୍ଷକ ୩୧୪ରୁ ୨୩୨, ଖେଳ ଶିକ୍ଷକ ୩୧୫ରୁ ୮୦ ପଦ ଖାଲି ରହିଛିଛ ୨୦୧୬ ମସିହାରୁ ହିନ୍ଦୀ, ସଂସ୍କୃତ ଏବଂ ସଙ୍ଗୀତ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇନାହିଁ । ଫଳରେ ଓଏଭିରେ ଖାଲି ପଦ ସଂଖ୍ୟା ବଢ଼ିବାରେ ଲାଗିଛି । ବିଜ୍ଞାନଠାରୁ ଭାଷାଭିତ୍ତିକ କୌଣସି ବିଷୟରେ ଶିକ୍ଷକ ନିଯୁକ୍ତିରେ ଗୁରୁତ୍ୱ ଦିଆଯାଉ ନାହିଁ । ଅଣଶିକ୍ଷା କ୍ଷେତ୍ର ନିଯୁକ୍ତିରେ ବି ସମାନ ସ୍ଥିତି । କନିଷ୍ଠ କିରାଣି ୩୧୫ରୁ ୧୭୯ ପଦ ଖାଲି ରହିଛ । ଗ୍ରନ୍ଥାଗାରିକ ସମସ୍ତ ୩୧୫ ପଦ ଖାଲିରହିଛିଛ ଏହି ଖାଲି ପଦଗୁଡ଼ିକରେ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ଏବେ ବାହାରୁ ବାର୍ଷିକ ୩ କୋଟି ଲିଟରରୁ ଅଧିକ ମଦ ଆମଦାନୀ କରୁଛି । ଓଡ଼ିଶା ସରକାର ୩ଟି ନୂଆ ମଦ କାରଖାନା ପ୍ରତିଷ୍ଠା କରିବା ଲାଗି ଯେଉଁ ଯୋଜନା କରିଛନ୍ତି ତାହା କାର୍ଯ୍ୟକାରୀ ହେଲେ ଅନ୍ତତଃ ପକ୍ଷେ ମଦ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା କରାଯାଉଛି । ଏଠାରେ ଉଲ୍ଲେଖନୀୟ ଯେ, ଗତ ୫ ବର୍ଷ ଭିତରେ ଓଡ଼ିଶାର ମଦ ଆବଶ୍ୟକତା ପ୍ରାୟ ଦୁଇଗୁଣା ବଢ଼ିଛି । ତେଣୁ ମଦ ବିରୋଧୀ ଅଭିଯାନର ପ୍ରଭାବ କେତେ ପଡ଼ିଛି ତା' ବେଶ୍ ଅନୁମାନ କରିହୁଏ । ନିଶାମୁକ୍ତ ଭାରତ ଅଭିଯାନରେ କେନ୍ଦ୍ର ସରକାର ଓଡ଼ିଶାର ୩୦ଟି ଯାକ ଜିଲ୍ଲାକୁ ସାମିଲ କରି ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି- ଏହା ନିଶ୍ଚିତ ଭାବରେ ଏକ ଦୁର୍ଭାଗ୍ୟଜନକ ଖବର ଓଡ଼ିଶାବାସୀଙ୍କ ପାଇଁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୫ ଡିସେମ୍ବର, ୨୦୨୫ | ଶୁକ୍ରବାର

# ଓଡ଼ିଶା ଏକ୍ସପ୍ରେସ୍

## ଚିନ୍ତାକଲା ଭଳି ଦୁଇଟି ଖବର

ଗୁରୁବାର ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଏବଂ ପ୍ରସାରିତ ଦୁଇଟି ଖବର ଚିନ୍ତାଶୀଳ ଏବଂ ସଚେତନ ଲୋକଙ୍କୁ ନିଶ୍ଚେ ଟିକେ ଅଧିକ ଚିନ୍ତା କରିବାକୁ ବାଧ୍ୟ କରିବ ।

ଗୋଟିଏ ଖବର ହେଲା- ମୁମ୍ବାଇ ନାୟିକା ମାଧୁରୀ ଦୀକ୍ଷିତ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ର ହେବା ପାଇଁ ନେଇଛନ୍ତି ୧କୋଟିଏ ୬୦ ଲକ୍ଷ ଟଙ୍କା । ଏହା ସହିତ ଯିବା ଆସିବା ବିମାନ ଟିକେଟ୍, ରହିବା ଏବଂ ଖାଇବା ବ୍ୟବସ୍ଥା ମଧ୍ୟ କରିଥିଲେ ରାଜ୍ୟ ସରକାର । ବିଧାନସଭାରେ ଏଭଳି ଉତ୍ତର ରଖିଛନ୍ତି ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ।

ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି- ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ର ଭାବେ ୨୦୨୫ ପାଇଁ ନିଯୁକ୍ତ କରାଯାଇଛି ।

ଏ ଖବରଟିକୁ ଯଦି ଆମେ ବିଶ୍ଳେଷଣ କରିବା ଦେଖିବା ଏକ ମହତ୍ତ୍ୱ ଉଦ୍ଦେଶ୍ୟରେ ହିଁ ମାଧୁରୀଙ୍କ ଭଳି ଜଣେ ଲୋକପ୍ରିୟ ନାୟିକାଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ର କରାଯାଇଛି । ସେ ୧ କୋଟି ୬୦ ଲକ୍ଷ ଟଙ୍କା ନେଇଥିଲେ ମଧ୍ୟ ଏହାର କେଇଗୁଣା ଲାଭ ବିକ୍ରିରୁ ପାଇଯିବ ଓଡ଼ିଶା ହସ୍ତତନ୍ତ । ଏଥିସହିତ ଓଡ଼ିଶା ହସ୍ତତନ୍ତର ଲୋକପ୍ରିୟତା ମଧ୍ୟ ବଢ଼ିବ । ଆଜିକାଲି ଲୋକେ ସିନେ ତାରକାଙ୍କୁ ଖୁବ୍ ଅନୁକରଣ କରନ୍ତି । ସିନେ ତାରକା ମାନେ ଲୋକଙ୍କୁ ସହଜରେ ପ୍ରଭାବିତ କରିପାରନ୍ତି । ସେମାନଙ୍କ ଅନୁଗାମୀଙ୍କ ସଂଖ୍ୟା ପ୍ରଚୁର । ତେଣୁ ମାଧୁରୀ ନିଶ୍ଚିତ ଭାବେ ଓଡ଼ିଶା ହସ୍ତତନ୍ତର ଲୋକପ୍ରିୟତା ଦେଶ ଏବଂ ଦେଶ ବାହାରେ ମଧ୍ୟ ବଢ଼ାଇପାରିବେ । ୧ କୋଟି ୬୦ ଲକ୍ଷ ଟଙ୍କା ପାଣିରେ ପଡ଼ିବନି ବୋଲି ଆଶା ।

ସିନେତାରକା ଏବଂ କ୍ରିକେଟ ତାରକାମାନଙ୍କୁ ଆମ ଦେଶର ସବୁବୟସର ଲୋକେ ଅନୁକରଣ କରିଥାନ୍ତି । ସେମାନେ ଯେମିତି ପୋଷାକ ପିନ୍ଧନ୍ତି, ଯାହା ଯାହା ଖାଆନ୍ତି, ଯେମିତି ମୁଣ୍ଡ କୁଣ୍ଡାନ୍ତି ସେସବୁକୁ ତାଙ୍କ ଅନୁଗାମୀମାନେ ଅନୁକରଣ କରିଥାନ୍ତି । ଏମାନେ ଗୋଟିଏ ଜିନିଷକୁ ଖରାପ କହିଦେଲେ ଏହାର ଅନେକ ପ୍ରଭାବ ପଡ଼ିଥାଏ । ତେଣୁ ଏଇଭଳି ଲୋକପ୍ରିୟ ତାରକାଙ୍କୁ ଦୁର୍ନୀତିମୁକ୍ତ ଭାରତ ଗଢ଼ିବାର ଅଭିଯାନର ବ୍ରାଣ୍ଡ ଆମ୍ବାସଡ଼ର ଯଦି କରାଯାଆନ୍ତା ତା'ହେଲେ ଏହାର ଏକ ସକରାତ୍ମକ ପ୍ରଭାବ ନିଶ୍ଚିତ ଭାବରେ ଲୋକଙ୍କ ଉପରେ ପଡ଼ନ୍ତା । କିନ୍ତୁ ଦେଖାଯାଇଛି ଏମାନେ ମଦ ଏବଂ ଗୁଟ୍‌ଖାର ମଡେଲ ହୋଇ ଏସବୁର ବିକ୍ରି ବଢ଼ାଇବାରେ ସହାୟକ ହୋଇଥାନ୍ତି ।

ସମ୍ବିଧାନର ୪୭ ଧାରାରେ ରହିଛି ସରକାର ମାଦକ ଦ୍ରବ୍ୟ ଏବଂ ମଦ ନ ପିଇବାକୁ ଲୋକଙ୍କୁ ସଚେତନ କରାଇବେ । ଆମ ସରକାର ଏ ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ କିନ୍ତୁ ଅନ୍ୟପଟେ ମଦ ଦୋକାନ ଏବଂ ମଦ କାରଖାନାକୁ ଅନୁମତି ଦେଉଛନ୍ତି । ଏହା ପରୋକ୍ଷରେ ଏ ବ୍ୟବସାୟକୁ ଯେ ପ୍ରୋତ୍ସାହିତ କରୁଛି ଏକଥା ନ କହିବା ଭଲ ।

ତେଣୁ ଖବର ପ୍ରକାଶ ପାଇଛି- ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ଏବେ ବାହାରୁ ବାର୍ଷିକ ୩ କୋଟି ଲିଟରରୁ ଅଧିକ ମଦ ଆମଦାନୀ କରୁଛି । ଓଡ଼ିଶା ସରକାର ୩ଟି ନୂଆ ମଦ କାରଖାନା ପ୍ରତିଷ୍ଠା କରିବା ଲାଗି ଯେଉଁ ଯୋଜନା କରିଛନ୍ତି ତାହା କାର୍ଯ୍ୟକାରୀ ହେଲେ ଅନ୍ତତଃ ପକ୍ଷେ ମଦ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା କରାଯାଉଛି । ଏଠାରେ ଉଲ୍ଲେଖନୀୟ ଯେ, ଗତ ୫ ବର୍ଷ ଭିତରେ ଓଡ଼ିଶାର ମଦ ଆବଶ୍ୟକତା ପ୍ରାୟ ଦୁଇଗୁଣା ବଢ଼ିଛି । ତେଣୁ ମଦ ବିରୋଧୀ ଅଭିଯାନର ପ୍ରଭାବ କେତେ ପଡ଼ିଛି ତା' ବେଶ୍ ଅନୁମାନ କରିହୁଏ । ନିଶାମୁକ୍ତ ଭାରତ ଅଭିଯାନରେ କେନ୍ଦ୍ର ସରକାର ଓଡ଼ିଶାର ୩୦ଟି ଯାକ ଜିଲ୍ଲାକୁ ସାମିଲ କରି ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି- ଏହା ନିଶ୍ଚିତ ଭାବରେ ଏକ ଦୁର୍ଭାଗ୍ୟଜନକ ଖବର ଓଡ଼ିଶାବାସୀଙ୍କ ପାଇଁ ।

# ମହାନ ଦେଶଭକ୍ତ ଶହୀଦ ଜୟୀ ରାଜଗୁରୁ



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ଆମ ଦେଶରେ ଅନେକ ବୀର ପୁରୁଷ ଜନ୍ମଗ୍ରହଣ କରି ଦେଶ ପାଇଁ ହସି ହସି ନିଜର ଜୀବନକୁ ଉତ୍ସର୍ଗ କରି ଶହୀଦ ହୋଇଯାଇଛନ୍ତି । ବର୍ତ୍ତମାନ ଆମ ଦେଶ ସେମାନଙ୍କ ଗୁଣକୀର୍ତ୍ତନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ସେମାନଙ୍କର ବୀରତ୍ୱ ଓ ଦେଶସେବାର କାହାଣୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଛି । ଆମ ଦେଶର ରାଜନୈତିକ ସଂଗ୍ରାମରେ ଓଡ଼ିଶାର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଓଡ଼ିଶାର ଅନେକ ଦେଶଭକ୍ତମାନେ ଦେଶ ପାଇଁ ଯେଉଁ ତ୍ୟାଗ କରିଯାଇଛନ୍ତି ତାହା କେହି କେବେ ଭୁଲିପାରିବେ ନାହିଁ । ଆମ ଓଡ଼ିଶାର ଦେଶଭକ୍ତମାନଙ୍କ ମଧ୍ୟରୁ ଜୟୀ ରାଜଗୁରୁ ଥିଲେ ଅନ୍ୟତମ । ଏହି ଦେଶମାତୃକାର ସେବା ଥିଲା ତାଙ୍କର ସର୍ବଶ୍ରେଷ୍ଠ ଧର୍ମ ଓ କର୍ମ । ସେ ସାଧାରଣ ବ୍ୟକ୍ତି ନଥିଲେ । ସେ ଥିଲେ ଏ ଦେଶର ଜଣେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ। ସେ ଧର୍ମଶାସ୍ତ୍ରୀ, ନୀତିଶାସ୍ତ୍ର ଏବଂ ଯୁଦ୍ଧବିଦ୍ୟା ଶିକ୍ଷା ଲାଭ କରି ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ । ସମଗ୍ର ଦେଶରେ ସେ ଜଣେ ଅସାମାନ୍ୟ ଯୋଦ୍ଧା ଭାବରେ ପରିଚିତ ଥିଲେ। ଦେଶ ପାଇଁ ତାଙ୍କର ଦାନ ଅତୁଳନୀୟ। ସେ ଶେଷରେ ଅତ୍ୟାଚାରୀ ଇଂରେଜମାନଙ୍କ ଦ୍ୱାରା ଫାଶୀଦଣ୍ଡରେ ଦଣ୍ଡିତ ହୋଇ ଶହୀଦ ହୋଇଗଲେ। ସେ ସମଗ୍ର ଦେଶରେ ଖୁବ୍ ଜଣାଶୁଣା ଥିଲେ ।

ଜୟୀ ରାଜଗୁରୁଙ୍କ ପିଲାଦିନର ନାମ ଥିଲା ଜୟୀକୃଷ୍ଣ ରାଜଗୁରୁ ମହାପାତ୍ର । ପରବର୍ତ୍ତୀ ସମୟରେ ସେ କେବଳ ସମଗ୍ର ଦେଶରେ ଜୟୀ ରାଜଗୁରୁ ଭାବରେ ପରିଚିତ ହେଲେ। ସେ ଏକ ସଦ୍‌ବଂଶ ଜାତ ସନ୍ତାନ । ସେ ୧୭୩୯ ଖ୍ରୀଷ୍ଟାବ୍ଦ କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ପୁରୀ ଜିଲ୍ଲାର ବୀର ହରେକୃଷ୍ଣପୁର ଶାସନ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ରବର୍ଟ ସେୱେଲ ଏବଂ ଶଙ୍କର ବାଳକୃଷ୍ଣ ଦୀକ୍ଷିତଙ୍କ ବିବରଣୀ ଅନୁସାରେ ପ୍ରଫେସର ପ୍ରହ୍ଲାଦ ଚନ୍ଦ୍ର ନାୟକ ତାଙ୍କର ଜନ୍ମ ତାରିଖ ୧୭୩୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୨୯ ତାରିଖକୁ ଗଣନା କରିଥିଲେ। ପୁରୀ ଶ୍ରୀଜଗନ୍ନାଥ ଧାମରେ ୧୬ଟି ବ୍ରାହ୍ମଣ ଶାସନ ମଧ୍ୟରୁ ଏହି ବୀରହରେକୃଷ୍ଣପୁର ଶାସନ ସର୍ବଶ୍ରେଷ୍ଠ ଶାସନ ଭାବରେ ପରିଚିତ ଥିଲା। ସେ ଏହି ଶାସନର ଏକ କୁଳିନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ ଏବଂ ମାତାଙ୍କ ନାମ ହାରାମଣି ଦେବୀ । ପିତା ଚନ୍ଦ୍ରଶେଖର ରାଜଗୁରୁ ମଧ୍ୟ ଚାନ୍ଦ ମହାପାତ୍ର ନାମରେ ପରିଚିତ ଥିଲେ। ଜୟୀ ରାଜଗୁରୁ ଯେତେବେଳେ ୯ ବର୍ଷ ବୟସରେ ଉପନୀତ ହୋଇଥିଲେ ସେତେବେଳେ ତାଙ୍କର ବ୍ରତୋପନୟନ ହୋଇଥିଲା । ଏହି ଉପନୟନ ବେଳେ ତାଙ୍କର ନାମର ପରିବର୍ତ୍ତନ ହୋଇ ଜୟୀ କୃଷ୍ଣ ହୋଇଥିଲା। ତାଙ୍କ ମାଆ ଅତି ଶ୍ରଦ୍ଧାରେ ତାଙ୍କ ଜୟୀ ବୋଲି ଡାକୁଥିଲେ । ସେ ପ୍ରଥମେ ପୁରୀଠାରେ ଥିବା ପ୍ରସିଦ୍ଧ ଏମାର ମଠ ଓ ପରେ ଗୋବର୍ଦ୍ଧନ ପୀଠ ସଂସ୍କୃତ ଟୋଲରେ ସଂସ୍କୃତ ଓ ଧର୍ମଗ୍ରନ୍ଥ ଅଧ୍ୟୟନ କରିଥିଲେ । ସେତେବେଳେ ସଂସ୍କୃତ ଭାଷାର ଗୁରୁତ୍ୱ ବୃଦ୍ଧି ପାଇଥିଲା । ସେତେବେଳେ ଯେଉଁମାନେ ଶହେଟି ସଂସ୍କୃତ ଶ୍ଳୋକ ଆବୃତ୍ତି ସହିତ ତାହା ଅର୍ଥ ବୁଝାଇ ପାରୁଥିଲେ ସେମାନଙ୍କୁ ପଣ୍ଡିତ ବୋଲି କୁହାଯାଉଥିଲା। ଜୟୀକୃଷ୍ଣ ନିଜେ ଶ୍ଳୋକଗୁଡ଼ିକ ରଚନା କରି ବ୍ୟାଖ୍ୟା କରିପାରୁଥିଲେ। ତେଣୁ ସମାଜରେ ତାଙ୍କର ଆଦର ବୃଦ୍ଧି ପାଇଥିଲା । ଏହାଛଡ଼ା ଅଶ୍ୱାରୋହଣ ଏବଂ ଯୁଦ୍ଧ ବିଦ୍ୟା ମଧ୍ୟ ଶିକ୍ଷା ଲାଭ କରିଥିଲେ । ସେ ଦୈନିକ ଦେବଦେବୀ ପୂଜା, ହୋମଯଜ୍ଞ ଇତ୍ୟାଦି ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ତାଙ୍କର ପିତା ଖୋର୍ଦ୍ଧା ରାଜାଙ୍କର ମୁଖ୍ୟ ପୁରୋହିତ ଭାବରେ କାର୍ଯ୍ୟ କରୁଥିଲେ। ସେ ମଧ୍ୟ ଥିଲେ ଦେଶ ଭକ୍ତ। ସମାଜରେ ଲୋକମାନେ ତାଙ୍କୁ ଗଭୀର ଶ୍ରଦ୍ଧା, ଭକ୍ତି ଓ ସମ୍ମାନ କରୁଥିଲେ । ପିତାମାତାଙ୍କ ପ୍ରଭାବ ଜୟୀକୃଷ୍ଣଙ୍କ ଉପରେ ପଡ଼ିଥିଲା। ସେ ପିତାଙ୍କ ପରି ହେବାକୁ ଚେଷ୍ଟା କରୁଥିଲେ ।

ଧୀରେ ଜୟୀ କୃଷ୍ଣଙ୍କ ବୟସ ବୃଦ୍ଧି ପାଇବାକୁ ବସିଲା। ବିବାହ ବୟସ ହେବା ପରେ ତାଙ୍କର ବିବାହ ପାଇଁ ଉପଯୁକ୍ତ କନ୍ୟା ଖୋଜା ଚାଲିଲା। ଇତ୍ୟବସରେ ପିତା ରୋଗଶଯ୍ୟାରେ ପଡ଼ି ମୃତ୍ୟୁବରଣ କଲେ । ଫଳରେ ଏକବର୍ଷ ପର୍ଯ୍ୟନ୍ତ ତାଙ୍କର ବିବାହ ପ୍ରସ୍ତାବ ସ୍ଥଗିତ ରହିଥିଲା । ପରବର୍ତ୍ତୀ ସମୟରେ ସେ ଆଉ ବିବାହ କରିନଥିଲେ । ପିତାଙ୍କ ମୃତ୍ୟୁ ପରେ ତାଙ୍କର ମାତା ଶୋକରେ ମୁହ୍ୟମାନ ହୋଇପଡ଼ିଥିବା ବେଳେ ଜୟୀକୃଷ୍ଣ ତାଙ୍କୁ ଶାନ୍ତ୍ୱନା ବାଣୀ ଶୁଣାଇ ତାଙ୍କ ନିକଟରେ ସବୁ ସମୟ ରହିବେ ବୋଲି କହିଥିଲେ। ତାଙ୍କର ବିବାହ ପାଇଁ ମାଆ ବ୍ୟସ୍ତ ହୋଇପଡ଼ିଲେ । ଆଠଗଡ଼ର ରାଜା ରାଜଗୁରୁ ବାସୁଦେବ ରଥଙ୍କ କନ୍ୟା ସହିତ ବିବାହ ପାଇଁ ସ୍ଥିର ହେଲା । କିନ୍ତୁ ସେ ବିବାହ ନକରି ପିତାଙ୍କ ଅସ୍ଥି ବିସର୍ଜନ କରିବା ପାଇଁ କାଶୀ ଏବଂ ଗୟା ଯାତ୍ରା କରିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ମିଳନ ସ୍ଥଳରେ ଅସ୍ଥି ବିସର୍ଜନ କରି ଗୟାଠାରେ ପିଣ୍ଡଦାନ କରିଥିଲେ ।

ଗୟାରେ ପିଣ୍ଡଦାନ ପରେ ବନାରସର ପଣ୍ଡିତମାନଙ୍କଠାରୁ ଜ୍ଞାନ ଲାଭ କରିଥିଲେ । ଏହାପରେ ଆହୁରି ଅଧିକ ଜ୍ଞାନ ଆହରଣ କରିବା ନିମିତ୍ତ ଗୟା ଯାତ୍ରା କରି ସେଠାରେ ଥିବା ପଣ୍ଡିତମାନଙ୍କ ଠାରୁ ମଧ୍ୟ ଜ୍ଞାନ ଲାଭ କରିଥିଲେ। ଏହାପରେ ଆହୁରି ଅଧିକ ଜ୍ଞାନ ଲାଭ କରିବା ପାଇଁ ତାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା । ଫଳରେ ସେ କାଶୀ ଯାତ୍ରା କରି ସେଠାରେ ଜଣେ ମହାନ ପଣ୍ଡିତଙ୍କ ନିକଟରେ ଜ୍ଞାନ ଲାଭ କରିବାକୁ ଲାଗିଲେ। ସେଠାରେ ସେ ଶକ୍ତିପୂଜା ବିଷୟରେ ଜ୍ଞାନଲାଭ କରିଥିଲେ। ଧର୍ମଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ବନାରସରେ ଦୀର୍ଘ ଚାରିମାସ ଅତିବାହିତ କରିଥିଲେ । ସେ ଦୀର୍ଘଦିନ ଧରି ଘରେ ଅନୁପସ୍ଥିତି ରହିବା ଫଳରେ ତାଙ୍କର ମାଆ ଅସୁସ୍ଥ ହୋଇପଡ଼ିଲେ । ଏହି ସମ୍ବାଦ ପାଇ ଜୟୀକୃଷ୍ଣ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ମାଆଙ୍କ ନିର୍ଦ୍ଦେଶରେ ସେ ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନ ମନ୍ତ୍ରୀ ଭାବେ ଯୋଗଦାନ କରିଥିଲେ ଏବଂ ଦେଶ ଓ ଲୋକମାନଙ୍କର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ସମୟରେ ମରହଟ୍ଟା ସୈନ୍ୟମାନେ ସେ ରାଜ୍ୟର ସରଳ ନିରୀହ ଲୋକମାନଙ୍କ ଉପରେ ଆକ୍ରମଣ କରି ବହୁ ଧନଜୀବନ ନେଇଯାଉଥିଲେ । ବହୁ ଝିଅ ବୋହୂମାନେ ମଧ୍ୟ ସେମାନଙ୍କ ଅତ୍ୟାଚାରର ଶିକାର ହେଉଥିଲେ । ଅଧିକାଂଶ ଲୋକ ଭୟଭୀତ ହୋଇ ନିଜ ଜୀବନ ରକ୍ଷା ନିମିତ୍ତ ଗୃହ ତ୍ୟାଗ କରି ଅରଣ୍ୟ ମଧ୍ୟରେ ଆଶ୍ରୟ ନେଉଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜାଙ୍କୁ ଦୃଢ଼ ସମର୍ଥନ କରି ଓ ଶ୍ରୀଜଗନ୍ନାଥଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଏହି ଅସହାୟ ଲୋକମାନଙ୍କର ଧନଜୀବନ ସୁରକ୍ଷା କରିବା ପାଇଁ ଜୟୀକୃଷ୍ଣଙ୍କୁ ମାଆ ଉପଦେଶ ପ୍ରଦାନ କରୁଥିଲେ । ସେ ଆଉ ବିବାହ ନକରି ବ୍ରହ୍ମଚାରୀ ବ୍ରତ ପାଳନ କଲେ ଓ ଲୋକମାନଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କଲେ। ସେ ମାତୃଭୂମିର ସେବା କରିବା ପାଇଁ ତାଙ୍କ ହୃଦୟରେ ଯଥେଷ୍ଟ ଶକ୍ତି ପ୍ରଦାନ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନାଞ୍ଜଳି ନିବେଦନ କଲେ।

୧୭୮୦ ମସିହାରେ ଜୟୀକୃଷ୍ଣ ଖୋର୍ଦ୍ଧା ରାଜାଙ୍କ ରାଜଗୁରୁ ପଦବୀ ଗ୍ରହଣ କରିଥିଲେ । ସେହି ସମୟରେ ପ୍ରଥମ ଦିବ୍ୟସିଂହ ଦେବ ଖୋର୍ଦ୍ଧାର ଶାସନଭାର ଗ୍ରହଣ କରିଥାନ୍ତି । ସେ ମାତ୍ର ଅଳ୍ପ ବୟସରେ ମୃତ୍ୟୁବରଣ କରିବା ପରେ ତାଙ୍କ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବ ସିଂହାସନ ଆରୋହଣ କରିଥିଲେ । ସେ ନାବାଳକ ଥିବାରୁ ତାଙ୍କ ତତ୍ତ୍ୱାବଧାନରେ ଜୟୀକୃଷ୍ଣ (ଜୟୀ ରାଜଗୁରୁ) ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଜୟୀ ରାଜଗୁରୁ ଡମପଡ଼ା ଆକ୍ରମଣ କରି ବିଜୟ ଲାଭ କରିଥିଲେ ଓ ଡମପଡ଼ା ଦଖଲ କଲେ। ଏହି ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ସମୟରେ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ବିରାଟ ପରିବର୍ତ୍ତନ ଦେଖାଦେଇଥିଲା । ଖୋର୍ଦ୍ଧା ଏକ ଶକ୍ତିଶାଳୀ ତଥା ସ୍ୱାଧୀନ ରାଜ୍ୟ ଭାବେ ପରିଚିତ ଥିଲା । ଇଂରେଜମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରି ଓଡ଼ିଶାକୁ ଅଧିକାର କରିବା ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କରିଥାନ୍ତି । ଇଂରେଜମାନେ ବିଭିନ୍ନ ରାଜ୍ୟର ରାଜାମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜର ସ୍ୱାର୍ଥ ହାସଲ କରିବାକୁ ଉଦ୍ୟମ କରୁଥିଲେ । ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣେଲ ହାରକୋର୍ଟ ଖୋର୍ଦ୍ଧା ରାଜାଙ୍କୁ କହିଥିଲେ ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନକରି ଇଂରେଜମାନଙ୍କୁ ସାହାଯ୍ୟ କଲେ ଓଡ଼ିଶା ଅଧିକାର କରିସାରିବା ପରେ ପରେ ଏକ ଲକ୍ଷ ଟଙ୍କା ସହିତ ହରାଇଥିବା ଚାରୋଟି ପ୍ରଗଣା ଫେରସ୍ତ ଦେବାର ବ୍ୟବସ୍ଥା କରିବେ । କିନ୍ତୁ ଇଂରେଜମାନେ ସର୍ତ୍ତ ମୁତାବକ ଓଡ଼ିଶା ଦଖଲ ପରେ ତାହା କଲେନାହିଁ । ଏକଲକ୍ଷ ପରିବର୍ତ୍ତେ ମାତ୍ର ୧୦ ହଜାର ଟଙ୍କା ଦେଲେ । କେବଳ ଜୟୀ ରାଜଗୁରୁଙ୍କୁ ସର୍ତ୍ତ ମୁତାବକ ୯୦ ହଜାରରୁ ମାତ୍ର ୪୦ ହଜାର ଟଙ୍କା ଦେଲେ ଫଳରେ ଖୋର୍ଦ୍ଧା ରାଜା ଓ ଜୟୀ ରାଜଗୁରୁ ଇଂରେଜମାନଙ୍କୁ ଅସହଯୋଗ କଲେ । ଇଂରେଜମାନଙ୍କ ଆଦେଶ ଅମାନ୍ୟ କରି ରାଜସ୍ୱ ଦେଲେ ନାହିଁ । ଫଳରେ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ଦାୟୀ କରି ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଚଳାଇଲେ । ଜୟୀ ରାଜଗୁରୁ ଇଂରେଜ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ରାଜାଙ୍କ ଅନୁମତି ନେଇ ପ୍ରସ୍ତୁତ ହେଲେ । କନିକା, ଖୋରଧା, କୁଜଙ୍ଗ ପ୍ରଭୃତି ରାଜ୍ୟ ଓ ଜମିଦାରମାନେ ସହଯୋଗର ହାତ ବଢ଼ାଇଦେଲେ । ସୈନ୍ୟ ସଂଖ୍ୟା ବୃଦ୍ଧି ସହିତ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାର ମଧ୍ୟ ବ୍ୟବସ୍ଥା କରାଗଲା । ଜୟୀ ରାଜଗୁରୁ ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାସ୍ତାଘାଟ ମରାମତି ଓ ପାଇକମାନଙ୍କ ଦରମାରେ ଖର୍ଚ୍ଚ କଲେ । ସେ ନାଗପୁରର ଭୋନ୍‌ସଲେ ମଧ୍ୟ ତାଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ପ୍ରଦାନ କଲେ । ଇଂରେଜ ଅଧିକୃତ ପିପିଲି ଉପରେ ଜୟୀ ରାଜଗୁରୁ ପାଇକମାନଙ୍କ ସହାୟତାରେ ଆକ୍ରମଣ କରି ଦଖଲ କରିଥିଲେ । ଇଂରେଜମାନେ ପାଇକମାନଙ୍କୁ ଯୁଦ୍ଧରେ ପରାସ୍ତ କରିବାକୁ ସଫଳ ହେଲେ ।

୧୮୦୪ ମସିହା ନଭେମ୍ବର ମାସରେ ଇଂରେଜମାନଙ୍କ ସହିତ ଖୋର୍ଦ୍ଧାର ଯୁଦ୍ଧ ହେଲା । ଏହି ଯୁଦ୍ଧରେ ଖୋର୍ଦ୍ଧା ପରାଜୟବରଣ କଲା ଓ ଖୋର୍ଦ୍ଧାକୁ ବ୍ରିଟିଶ ସାମ୍ରାଜ୍ୟ ମଧ୍ୟରେ ମିଶାଇ ଦିଆଗଲା । ଜୟୀ ରାଜଗୁରୁ ରଣପୁର ଜଙ୍ଗଲରେ ଅବସ୍ଥାନ କରୁଥିବା ବେଳେ ଇଂରେଜମାନେ ସମ୍ବାଦ ପାଇ ତାଙ୍କୁ ଏହି ଜଙ୍ଗଲରୁ ଧରି କଟକରେ ବନ୍ଦୀ କରି ରଖିଲେ । ଏହା ପୂର୍ବରୁ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ଇଂରେଜମାନଙ୍କ ହାତରେ ଧରାନପଡ଼ି ନିରାପଦରେ ରହିବା ପାଇଁ ଜୟୀ ରାଜଗୁରୁ ସମସ୍ତ ପ୍ରକାର ଯୋଜନା କରିଥିଲେ ମଧ୍ୟ ତାହା ସଫଳ ହୋଇପାରିନଥିଲା । ରାଜାଙ୍କୁ ଧରିବା ପାଇଁ ଇଂରେଜମାନେ ଜୋରଦାର ଉଦ୍ୟମ ଚଳାଇଥିଲେ । ଶେଷରେ ୧୮୦୫ ମସିହା ଜାନୁଆରୀ ୩ ତାରିଖ ଦିନ ରାଜାଙ୍କୁ ଧରି କଟକର ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖିଲେ । ସମଗ୍ର ଓଡ଼ିଶାରେ ମାତୃଭୂମିର ସୁରକ୍ଷା ପାଇଁ ଜୟୀ ରାଜଗୁରୁ ଯେଉଁ ପ୍ରାଣଘାତ ଉଦ୍ୟମ ଜାରି ରଖିଥିଲେ ଲୋକମାନେ କେବେ ଭୁଲିପାରିବେ ନାହିଁ । ରାଜା କିଛିଦିନ ବନ୍ଦୀ ଜୀବନ କଟାଇବା ପରେ ଇଂରେଜମାନେ ଜାଣିଲେ ଯେ ରାଜାଙ୍କର କିଛି କ୍ଷମତା ନଥିଲା । ଜୟୀ ରାଜଗୁରୁ ସମସ୍ତ କ୍ଷମତାର ଅଧିକାରୀ ହୋଇ ରାଜ୍ୟ ପରିଚାଳନା କରୁଥିଲେ ଏହାପରେ ରାଜାଙ୍କୁ ମୁକ୍ତ କରାଯାଇ ପୁରୀଠାରେ ଏକ ରାଜପ୍ରସାଦ ନିର୍ମାଣ କରାଯାଇ ସେଠାରେ ତାଙ୍କୁ ରଖାଗଲା । ଇଂରେଜମାନେ ରାଜାଙ୍କ ଭରଣପୋଷଣ ନିମନ୍ତେ ବାର୍ଷିକ ଏକଲକ୍ଷ ଟଙ୍କା ପେନସନ ବାବଦକୁ ପ୍ରଦାନ କରିବା ସହିତ ଶ୍ରୀଜଗନ୍ନାଥ ମନ୍ଦିରର ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ପ୍ରଦାନ କଲେ । ଜୟୀ ରାଜଗୁରୁଙ୍କର ବିଚାର ଚାଲିଥିବା ବେଳେ ସେ ନିଜେ ସମସ୍ତ କଥା ସ୍ୱୀକାର କରିଥିଲେ । ସେ କହିଥିଲେ ରାଜା ଯେତେବେଳେ ଖୋର୍ଦ୍ଧାର ରାଜସିଂହାସନ ଗ୍ରହଣ କରିଥିଲେ ସେତେବେଳେ ସେ ନାବାଳକ ଥିବାରୁ ସେ (ଜୟୀ ରାଜଗୁରୁ) ରାଜ୍ୟର ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ରାଜ୍ୟର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ତାଙ୍କର ପ୍ରଧାନ କର୍ତ୍ତବ୍ୟ । ସେ ନିଜର ମାତୃଭୂମି ପାଇଁ ଇଂରେଜମାନଙ୍କ ସହିତ ଦୃଢ଼ତାର ସହିତ ଯୁଦ୍ଧ କରିଥିଲେ । ସେତେବେଳେ ଓଡ଼ିଆ ପାଇକମାନେ ତରବାରୀ ସାହାଯ୍ୟରେ ଯୁଦ୍ଧ କରୁଥିବା ବେଳେ ଇଂରେଜମାନେ ବନ୍ଧୁକ ସାହାଯ୍ୟରେ ଯୁଦ୍ଧ କରୁଥିଲେ । ଜୟୀ ରାଜଗୁରୁଙ୍କର ବିଚାରର ପରିସମାପ୍ତି ଘଟିଲା । ଜୟୀ ରାଜଗୁରୁଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା । ଶେଷରେ ୧୮୦୬ ମସିହା ଡିସେମ୍ବର ୬ ତାରିଖ ଦିନ ମିଦିନାପୁର ବାଘିତୋଟାରେ ଫାଶୀ ଦିଆଗଲା । ନିଜ ଜନ୍ମଭୂମି ପାଇଁ ଜୀବନ ଦେଇ ଶହୀଦ ହୋଇଗଲେ ।

*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

# ସମାଜସେବାରେ ଭିନ୍ନ ଦିଗନ୍ତ

**ଡଃ. ଅରୁନ୍ଧତୀ ଦେବୀ**

ଆଜି ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ । ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜସେବାର ଗୁରୁଦାୟିତ୍ୱକୁ ମନେପକାଇବାର ସ୍ମରଣୀୟ ଦିନ । ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି । ଆଜିକାଲି କିଛି ଆଧ୍ୟାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି । ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି । ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି । ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋଲେ ପିଇ ଦଣ୍ଡେ ଜିଇଁ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ବା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଞ୍ଚିତ ହୋଇଥାଏ । ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ୍ୟ ହୋଇଥାନ୍ତି । ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଇଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ ।

ସମାଜ ସେବା ପାଇଁ ଆଜିର ଯୁବପିଢ଼ିମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି । ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ'ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ । ଦେଖାଯାଉଛି ଜଣଙ୍କ ହାତପାହାନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି । ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ ଛଟ୍ଟୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜ ସେବାରେ ନିୟୋଜିତ ରୁହନ୍ତି । ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ । ନର ସେବା ହିଁ ନାରାୟଣଙ୍କ ସେବା । ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନୈବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ । ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା ।

### ବିଶ୍ୱ ସ୍ୱେଚ୍ଛାସେବୀ ଦିବସ

ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତିଗତ ସ୍ୱେଚ୍ଛାସେବୀ ମାନଙ୍କ ଅବଦାନକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଜାତିସଂଘ ପକ୍ଷରୁ ଡିସେମ୍ବର ୫ ତାରିଖକୁ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଏ। ରେଡ଼କ୍ରସ, ସ୍କାଉଟ ଭଳି ଅନେକ ବେସରକାରୀ ସଂଗଠନ ଦ୍ୱାରା ଏହି ଦିବସ ପରିଚିତ। ପ୍ରତ୍ୟେକ ଦେଶରେ ସ୍ୱେଚ୍ଛାସେବୀ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ହଜାର ହଜାର ସ୍ୱେଚ୍ଛାସେବୀଙ୍କ ସାମିଲ କରିବା ବ୍ୟତୀତ ଜାତିସଙ୍ଘ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ସରକାର ଓ ସହଭାଗୀଙ୍କ ସହ ମିଶି ବିଭିନ୍ନ ବିକାଶମୂଳକ କାମ କରେ। ଏବେ ଅନ୍‌ଲାଇନ ସ୍ୱେଚ୍ଛାସେବୀ ସେବା ମଧ୍ୟ ବେଶ୍ ଲୋକପ୍ରିୟ ହୋଇଛି। ଏହା ମାଧ୍ୟମରେ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିବା ସହ ଲୋକଙ୍କୁ ଉତ୍ସାହିତ କରିବାର ସୁଯୋଗ ବି ପାଉଛନ୍ତି।

ମୋ. ୯୯୩୭୧୭୨୮୧୦

# ୭୭ତମ ଏନସିସି ଦିବସ ଏବଂ ପ୍ରାଣନାଥ କଲେଜ



**ଦୁନିଆର ହାଲ୍**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ପ୍ରୀତି, ସେଦିନ ଏନସିସି ଦିବସର ପାଳନ ଏବଂ ଏନସିସିର ପୁରାତନ ଛାତ୍ର_ଛାତ୍ର_1ଙ୍କ ସମାବେଶରେ ଯୋଗଦେବା ପାଇଁ ପ୍ରାଣନାଥ କଲେଜ ପଡିଆରେ ପହଞ୍ଚିଥିଲା । ତା'ପରି ଅନେକ ପୁରାତନ ଛାତ୍ରଛାତ୍ରୀ ଆସିଥିଲେ । ତାକୁ ଆସିବା ପାଇଁ ତା'ର ଅତୀତର ଏନସିସି ଶିକ୍ଷୟିତ୍ରୀ କ୍ୟାପଟେନ ମିନତୀ ପଟ୍ଟନାୟକ, ପୁରାତନ ଛାତ୍ରଛାତ୍ରୀଙ୍କ ସଭାପତି ଦେବୀପ୍ରସାଦ ମଜୁମଦାର ଓ ସହଶିକ୍ଷାର୍ଥୀ ଶମ୍ଭୁଦତ୍ତ ସ୍ୱାଇଁ ପ୍ରମୁଖ ଅନୁରୋଧ ଜଣାଇଥିଲେ । ସେ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଯାଇଛି, ତଥାପି ପ୍ରାଣନାଥ କଲେଜର ଏନସିସି ପ୍ରାଙ୍ଗଣର ପ୍ରଶିକ୍ଷଣ ଭୁଲିନାହିଁ । ଅନେକ ସ୍ମୃତି ଉଜ୍ଜୀବିତ ହୋଇ ରହିଛି । ଯେତେବେଳେ ସୁବିଧା ସୁଯୋଗ ଆସିଥାଏ, ସେ ଏନସିସି ଦିବସକୁ ଆସିଥାଏ । ଏଥରକ ପ୍ରୀତି ହାଇଦ୍ରାବାଦରୁ ଆସିଥିଲା, ଖାସ ତା'ର ଏନସିସି ଅଫିସର ଓ ସହପାଠୀ ଓ ପାଠିନୀଙ୍କୁ ଭେଟିବା ପାଇଁ । ଇଏ ଗୋଟିଏ ବିସ୍ମୟ କଳାପରି ଅନୁଭବ । ଏଇ ଏନସିସିରେ ପୁରାତନ ଛାତ୍ରଛାତ୍ରୀମାନେ ଅତୀତକୁ ମନେକାଇ ଲୁହ ଗଡାନ୍ତି । ଅତୀତର ଏନସିସି ଶିକ୍ଷାର୍ଥୀ ଅରବିନ୍ଦ ନାଥ ମିତ୍ର ପୁରାତନ ଛାତ୍ର ଛାତ୍ରୀଙ୍କର ଏପରି ସଙ୍ଗଠନ କରିବା ପାଇଁ ଉଦ୍ୟମ କରିଥିଲେ । ଏବେ ସେ ଆସିପାରୁ ନାହାନ୍ତି । କିନ୍ତୁ ତାଙ୍କ ପ୍ରାଣ ଏଥିପାଇଁ ସମର୍ପିତ । ମେଜର ଦୁଷ୍ମନ୍ତ ରାଉତରାୟଙ୍କ ଉଦ୍ୟମ ସବୁ ସମୟରେ ପ୍ରଶଂସନୀୟ ଥିଲା । ମେଜର ଦେବାଶିଷ ଦାସ ବିଦାୟ ନେଇଗଲେଣି । ତାଙ୍କର ଏନସିସି ପାଇଁ ସମର୍ପିତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ପ୍ରୀତି ଏଥରକ ଆସି ଦୃଷ୍ଟାନ୍ତ ସୃଷ୍ଟି କରିଛି । ଏ ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଏନସିସି ବର୍ତ୍ତମାନର ପିଢି ସହିତ ପୁରାତନଙ୍କର ହାର୍ଦ୍ଦିକ ମିଳନରେ ନିଜକୁ ସାମିଲ କରେ । ସେମାନେ ସେଦିନ ଏକାଠି ହୋଇ ନାଚନ୍ତି, ଗାଆନ୍ତି, ଭାତଗୁଣ୍ଡାକୁ ପରସ୍ପରକୁ ଖୁଆଇ ଦିଅନ୍ତି । ଏନସିସିର ପ୍ରେରଣାଦାୟୀ ଅଫିସର କ୍ୟାପଟେନ ମିନତୀ ପଟ୍ଟନାୟକ, ଲେପ୍ଟନାଣ୍ଟ ଅସୀମା ଶତପଥିଙ୍କ ଅବଦାନକୁ ଛାତ୍ରଛାତ୍ରୀ ମନେପକାନ୍ତି । ଜଣେ ଅତୀତର ଏନସିସି ଛାତ୍ରଟିଏ ଦେଖାହେଲେ । ସେ ଏନସିସିରେ ଯୋଗ ଦେଇଥିଲେ । ପ୍ରଥମ କରି ଓଡ଼ିଶାର ପାରାଟ୍ରୁପର ପ୍ରଶିକ୍ଷଣରେ ଭାଗ ନେଇଥିଲେ । ଏବେ କିଛିଦିନ ତଳେ ନିଆଳୀ କଲେଜରୁ ପ୍ରାଧ୍ୟାପକ, ହିନ୍ଦୀ, ପଦରୁ ଅବସର ନେଇଛନ୍ତି । ପ୍ରାଣନାଥ କଲେଜରେ ହିନ୍ଦୀ ପଢାଇବେ । ମୁଁ ତାଙ୍କୁ ଦେଖିଥିଲି ପ୍ରାୟ ପାଖାପାଖି ପଚାଶ ବର୍ଷ ତଳେ । କଲେଜରେ ସେ ତାଙ୍କ ଏନସିସ ଜୀବନର ସ୍ମୃତି କହୁଥିଲେ ।

ସେଦିନ ୨୩ ନଭେମ୍ବରରେ ଅନେକଗୁଡ଼ିଏ ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତୀୟ ସଂଗୀତ ଗାନ ପରେ ପରେ ଛାତ୍ରଛାତ୍ରୀମାନେ ଅତି ଚିତାକର୍ଷକ ମାର୍ଚ୍ଚ ଫାଷ୍ଟ ପ୍ରଦର୍ଶିତ କରିଥିଲେ । ଏଥରକ ବକ୍ସିଜଗବନ୍ଧୁ ହାଇସ୍କୁଲ ଓ ବଣିଆଟାଙ୍ଗି ଇଞ୍ଜିନିୟରିଂ କଲେଜର ଛାତ୍ରଛାତ୍ରୀମାନେ ପରେଡ଼ରେ ଅଂଶଗ୍ରହଣ କରିଥିଲେ । ମହିଳାମାନଙ୍କର ନିର୍ଯାତନା ବିଷୟବସ୍ତୁ ଉପରେ ଏନସିସି ଛାତ୍ରଛାତ୍ରୀ ଅତି ସୁନ୍ଦର ଫ୍ଲାଗ ଏରିଆ ପ୍ରସ୍ତୁତ କରି ସେମାନଙ୍କର ଅନୁଭବ କହିଥିଲେ । ଏନସିସି ଛାତ୍ରଛାତ୍ରୀମାନେ ଏହି ଦିବସରେ ଭେଟି ଦେଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଚମତ୍କାର ହୋଇଥିଲା । ସମ୍ବଲପୁରୀ ନୃତ୍ୟ, ଦକ୍ଷିଣ ଓଡ଼ିଶାର ଆଦିବାସୀ ନୃତ୍ୟ, ଓଡ଼ିଶୀ ନୃତ ଓ ପାଇକ ଆଖଡ଼ା ଏନସିସିର ପ୍ରାଙ୍ଗଣରେ ପ୍ରଦର୍ଶିତ ହୋଇଥିଲା । ଏନେଇ ପୁରାତନ ଛାତ୍ର ଶମ୍ଭୁଦତ୍ତ ଓ କବିଙ୍କ ସାଙ୍ଗଠନିକ ଦକ୍ଷତାକୁ କେବଳ ସାବାସୀ ଦେଲେ ଯଥେଷ୍ଟ ହେବନାହିଁ ।

ଏଇ ଅବସରରେ ପୁରାତନ ଛାତ୍ରଛାତ୍ରୀକୁ ଭେଟି ସେମାନଙ୍କ ସହିତ ଅନୁଭବ ବାଣ୍ଟିବା ଅତି ଉତ୍ସାହ ସୃଷ୍ଟି କରିଥିଲା । ହଠାତ ସଂଯୋଜକ ଶମ୍ଭୁ ଘୋଷଣା କଲେ ଯେ ପ୍ରୀତି ତାଙ୍କର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିବେ । ବିଷୟ ବସ୍ତୁ ଥିଲା, କୈବର୍ତ୍ତର ଭଗବାନ ସେବା ପ୍ରୀତିଙ୍କର ପୁରା ବିଷୟବସ୍ତୁକୁ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟର ନାନାପ୍ରକାର ଶୈଳୀକୁ ପ୍ରୟୋଗ କରି ଏପରି ପ୍ରଦର୍ଶନ କରିଥିଲେ ଯେ ଉପସ୍ଥିତ ସମସ୍ତେ ମନ୍ତ୍ରମୁଗ୍ଧ ହେଲାପରି ଅନୁଭବ ଆସିଲା । ପ୍ରୀତି ଆମର ଜଣେ ପୂର୍ବତନ ଏନସିସି ଶିକ୍ଷାର୍ଥୀ ଏପରି ନୃତ୍ୟ ପ୍ରଦର୍ଶିତ କରିବେ ଏହା କେହି ଆଶା କରିନଥିଲେ । ସମସ୍ତଙ୍କ ହୃଦୟକୁ ଛୁଇଁଲା ଯେ ପ୍ରୀତି ଘର ଜଞ୍ଜାଳକୁ ପଛରେ ପକାଇ ଏତେ ବାଟ ଆସିଛନ୍ତି ସମସ୍ତଙ୍କ ସହିତ ମିଶିବେ ଓ ସାଥୀ ଓ ସାଥିନୀମାନଙ୍କ ଅନୁରୋଧରେ ସଂଗୀତର ତାଳେ ତାଳେ ନାଚିବେ । ନୃତ୍ୟର ଭଗବାନଙ୍କୁ ନିବେଦନ ଜଣାଇ କୈବର୍ତ୍ତ ତାଙ୍କର ପାଦ ସେବା ଅନନ୍ୟ ଦୃଶ୍ୟ ସୃଷ୍ଟି କରିଥିଲା । ଓଡ଼ିଶା ଛାଡିଲା ବେଳକୁ ପ୍ରୀତି ତା'ର ସାଥୀମାନଙ୍କୁ କହିଯାଇଛି ସେ ପୁଣି ଆସିବ ଓ ଯେତେବେଳେ ଆସିବ ସେ ତାଙ୍କ ସହ ନୃତ୍ୟ ପ୍ରଦର୍ଶନ କରିବ ।

ଅନେକ ଅନୁଷ୍ଠାନ ନୂତନ ଓ ପୁରାତନର ପୁର୍ନମିଳନ ଅନୁଷ୍ଠିତ କରାଇ ଥାଆନ୍ତି । ଏପରି ଉତ୍ସବମାନଙ୍କରେ ଅନେକ ସମୟରେ ଯୋଗ ଦେଇଛି । ଏଥିରେ ସଂପୃକ୍ତ ଥିବା ସମସ୍ତଙ୍କୁ ମୁଗ୍ଧ କରିଥାଏ ପ୍ରାଣନାଥ କଲେଜରେ ଏନସିସି ଦିବସ ଓ ଏନସିସି ସମାବେଶ ସବୁପ୍ରକାରର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହି ଆସିଛି । ସେମାନଙ୍କୁ ଏଥିପାଇଁ ସଙ୍ଗଠିତ କରିଛନ୍ତି ସିଟିଓ ଭଗବାନ ଖିଲାର ଓ ସିଟିଓ ସ୍ୱାତୀ ମୁର୍ମୁ ଆଜି ଏହି ଅଗ୍ରଲେଖାଟି ସମସ୍ତଙ୍କ ସମ୍ମୁଖକୁ ଆଣିବା ପୂର୍ବରୁ ମୁଁ ଏନସିସି ଦିବସରେ ଉପସ୍ଥିତ ଥିବା ଦୁଇଜଣ ବ୍ୟକ୍ତି ବିଶେଷଙ୍କ ନାମ ନେବି । ଉତ୍ସବର ଯିଏ ମୁଖ୍ୟଅତିଥି ଥିଲେ ସେ ହେଉଛନ୍ତି ଷଷ୍ଠ ଓଡ଼ିଶା ରିଜର୍ଭ ବାଟାଲିଅନର କମାଣ୍ଡର ବସନ୍ତ କୁମାର ନାୟକ ଓ କଲେଜର ଅଧ୍ୟକ୍ଷା ଡ.ଶ୍ରୀମତୀ ବିନ୍ଦୁ ମିଶ୍ର । ସେମାନେ ଉତ୍ସବ ସହିତ ସେମାନଙ୍କର ନିବିଡ଼ତା ପ୍ରତ୍ୟେକ କଥାରେ ଦୃଢ କରିଥିଲେ । ଅଧ୍ୟକ୍ଷା ବିନ୍ଦୁ ମିଶ୍ର ଏନସିସି ଛାତ୍ରଛାତ୍ରୀଙ୍କ ସହିତ ଘନିଷ୍ଠ ହୋଇଛନ୍ତି । ସମସ୍ତଙ୍କୁ ଭଲ ପାଆନ୍ତି ଓ ଆଦର କରନ୍ତି । ସାଗର ତ ଅନେକ ଦିନରୁ ଚାଲିଯାଇଛି । କିନ୍ତୁ ତାଙ୍କର ପିତା ମାତା ଆସି ସାଗର ମେମୋରିଆଲ ପ୍ରାଇଜ ପ୍ରତ୍ୟେକ ବର୍ଷ ଶ୍ରେଷ୍ଠ ଶିକ୍ଷାର୍ଥୀକୁ ଦେବା ଗୋଟିଏ ଏପରି ପରମ୍ପରା, ଏନସିସି ଛାତ୍ରଛାତ୍ରୀକୁ ଆଶ୍ୱସ୍ତ କରିଥାଏ । ସମସ୍ତେ ଯୋଡି ହୋଇଛନ୍ତି । ମୃତ୍ୟୁରେ ମଧ୍ୟ କେହି କାହାକୁ ଛାଡିବେ ନାହିଁ । ମୃତ ଏନସିସି ଛାତ୍ରଙ୍କୁ ମନେ ପକାଇଥାନ୍ତି ।

ଏବେକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନସିସି ଶିକ୍ଷାର୍ଥୀ ଥିଲେ । ସେ ଯେବେଠୁ ପ୍ରଧାନମନ୍ତ୍ରୀ ହେଲେଣି ତାଙ୍କର ଆଗ୍ରହ ପାଇଁ ତାଙ୍କୁ ନେଇ ଏନସିସିର ସଂଘ ସୃଷ୍ଟି ହୋଇଛି । ଏନସିସି ସମସ୍ତଙ୍କ ହୃଦୟରେ ରହିବ ବୋଲି କାମନା କରିବା । ସେମିତି ଅତୀତରେ ୧୯୪୮ରେ ସେତେବେଳକାର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ କାର୍ଯ୍ୟକାଳ ସମୟରେ ଏନସିସି ସୃଷ୍ଟି ହୋଇଥିଲା । ସେ ଏଥିପାଇଁ ଆନ୍ତରିକତାର ସହିତ ଉଦ୍ୟମ କରିଥିଲେ । ଆମ ଦେଶ ଭାରତର ଏନସିସି ସଙ୍ଗଠନ ବିଶ୍ୱରେ ସର୍ବବୃହତ ଯୁବ ସଙ୍ଗଠନ । ବିଶ୍ୱର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସବୁ ସମୟରେ ଏନସିସି ଛାତ୍ରଛାତ୍ରୀ ଏନସିସି ଗୀତ ବୋଲନ୍ତି । ଯାହା ଆହ୍ୱାନ ଦେଇଥାଏ ଆମେ ସମସ୍ତେ ଏକ, ଆମ ଘରବି ଗୋଟିଏ, ଧର୍ମର ବିଭେଦତା ଆମକୁ ପରସ୍ପରଠାରୁ ବିଚ୍ଛିନ୍ନ କରିପାରିବ ନାହିଁ । ଆମେ ଏକାଠି ରହିବା । ପୁରାତନ ଛାତ୍ରଛାତ୍ରୀ ଫେରିଗଲେ । ଏନସିସି ପରିବାର ସେମାନଙ୍କୁ ସବୁ ସମୟରେ ମନେପକାଇଥାଏ। ପ୍ରୀତି ସବୁ ପୁରାତନ ଏନସିସି ଛାତ୍ରଛାତ୍ରୀଙ୍କର ପ୍ରତିକାୟକ ବ୍ୟକ୍ତି ବିଶେଷ। ସେ ସମସ୍ତଙ୍କୁ ପ୍ରେରଣା ଦେଉଥାଉ ।

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ. ୯୪୩୭୩୦୨୪୧୭*




ଭାରତ ଏକ ବିଶାଳ ଦେଶ । ଏହାର ପଶ୍ଚିମ, ଦକ୍ଷିଣ ଓ ପୂର୍ବପଟେ ଯଥାକ୍ରମେ ଆରବସାଗର, ଭାରତ ମହାସାଗର ଓ ବଙ୍ଗୋପସାଗର ବେଷ୍ଟିତ । ପଶ୍ଚିମ–ଉତ୍ତରକୁ ପାକିସ୍ତାନ, ବେଲୁଚିସ୍ଥାନ ଏବଂ ଆଫଗାନିସ୍ଥାନ ଇତ୍ୟାଦି ଦେଶ, ଉତ୍ତର ପଟେ ସୁଦୀର୍ଘ ଏବଂ ଆକାଶଛୁଆଁ ହିମାଳୟ ପର୍ବତଶ୍ରେଣୀ ଏବଂ ଉତ୍ତର–ପୂର୍ବକୁ ଲମ୍ବିଛନ୍ତି ଯଥାକ୍ରମେ, ନେପାଳ, ଭୁଟାନ୍, ତିବ୍ବତ, ଚୀନ୍ ଓ ମିଆଁମାର । ଏହାର ପୂର୍ବପଟେ ବଙ୍ଗୋପସାଗର କୂଳରେ ଏବଂ ଭାରତ ସହବନ୍ଧିତ ହୋଇଅଛି ବଙ୍ଗଳାଦେଶ ଏବଂ ବଙ୍ଗୋପସାଗର–ଭାରତ ମହାସାଗର ଦ୍ୱିସନ୍ଧିରେ ଅଛି ଶ୍ରୀଲଙ୍କା । ମୁଣ୍ଡ ଉପରେ ପରିବ୍ୟାପ୍ତ ଆକାଶ । ଏତେବଡ଼ ବିଶାଳ ଭୂଖଣ୍ଡକୁ ଯାହା ଉପର ବର୍ଣ୍ଣିତରୁ ଜାଣିଲେ ଶତ୍ରୁ ପକ୍ଷର ଧମକ ସବୁଦିଗରୁ ସଦାବେଳେ ଅଛି । ବିଶେଷକରି ଏହା ସ୍ୱାଧୀନତା ପରଠୁ ଆମର ନିରାପତ୍ତା ଓ ସାର୍ବଭୌମତ୍ୱ ପ୍ରତି ବେଶ୍ ସଚେତନତା ସୃଷ୍ଟି କରାଇଛି ।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୫ ଡିସେମ୍ବର ୨୦୨୫ ଶୁକ୍ରବାର








# ସେବାରେ ଭାରତୀୟ ନୌସେନା

ଭାରତ ତାହାର ବର୍ହିଆକ୍ରମଣରୁ ସୁରକ୍ଷା ନିମନ୍ତେ ସାମରିକବାହିନୀ ରଖିଛି । ଏହି ସାମରିକ ବାହିନୀ ୧ ଏପ୍ରିଲ ୧୯୫୫ ଠାରୁ ସ୍ୱତନ୍ତ୍ର ଭାବେ ତିନିଭାଗ ହୋଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଆମକୁ ନିରାପତ୍ତା ଦିଅନ୍ତି । ଏହି ତିନିଭାଗ ହେଲା : ସ୍ଥଳବାହିନୀ, ଆକାଶବାହିନୀ ଏବଂ ନୌବାହିନୀ ।

ଏହି ତିନିବାହିନୀ ମୁଖ୍ୟ ହେଉଛନ୍ତି ଭାରତର ରାଷ୍ଟ୍ରପତି ଯିଏକି କମାଣ୍ଡର ଇନ୍ ଚିଫ୍ । ତାଙ୍କ ତଳକୁ ଅଛନ୍ତି ତିନିବାହିନୀର ତିନି ସେନା ମୁଖ୍ୟ । ପ୍ରତ୍ୟେକ ମୁଖ୍ୟ ତାଙ୍କ ବିଭାଗ ପାଇଁ ଦାୟୀ ରୁହନ୍ତି । ନୌସେନାର ମୁଖ୍ୟ ହେଉଛନ୍ତି ଆଡମିରାଲ ଲେଫ୍‌ଟନାଣ୍ଟ କମାଣ୍ଡର । ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ୧୭ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀ ଭୋନସଲଙ୍କୁ ଆମେ ନୌବାହିନୀର ଜନକ ଆଖ୍ୟା ଦେଇଛୁ ।



ଭାରତର ନୌବାହିନୀର ମୁଖ୍ୟ କର୍ତ୍ତବ୍ୟ ହେଉଛି ଆମକୁ ସମୁଦ୍ର ପକ୍ଷରୁ ଆକ୍ରମଣରୁ ସୁରକ୍ଷା ଦେବା ତଥା ତଟରକ୍ଷୀ ରୂପେ ଦାୟିତ୍ୱ ତୁଲାଇବା । ଏସବୁ ଯୁଦ୍ଧ ସୁରକ୍ଷା ଓ ନିରାପତ୍ତା ସଂପର୍କିତ । ଏହା ସହିତ ବିଭିନ୍ନ ବିଦେଶୀ ବନ୍ଦର ପରିଦର୍ଶନ ଓ ସେମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି ସଂପର୍କର ସେତୁ ପରି କାର୍ଯ୍ୟ କରିବା, ଅନ୍ତର୍ଦେଶୀୟ ନୌସେନା ସହିତ ସମରଭ୍ୟାସ କରିବା , ପ୍ରାକୃତିକ ବିପର୍ଯ୍ୟୟ ବେଳେ ମାନବୀୟ ବିପତ୍ତିକାଳୀନ ସେବା ଓ ସହାୟତା ଦେବା, ସମୁଦ୍ର ମଧ୍ୟରେ ବିପଦଗ୍ରସ୍ତ ବିମାନ ବା ପାଣି ଜାହାଜ ଇତ୍ୟାଦିକୁ ଖୋଜିବା ବା ଉଦ୍ଧାର କରିବା ତଥା ଆବଶ୍ୟକ ବେଳେ ଅନ୍ୟ ଦେଶର ସାହାଯ୍ୟରେ ଛିଡ଼ା ହେବା ବି ଏହାର ଧର୍ମ ।

ଏବେ ପ୍ରଗତିପଥେ ଭାରତର ନୌସେନା । ଏକ ଆକଳନରୁ ଜଣାଯାଏ ଯେ ଏବେ ଏହାର କର୍ମଚାରୀ ସଂଖ୍ୟା ୫୮,୩୫୦, ଉଡ଼ାଜାହାଜମାନଙ୍କୁ ବହନ କରି ପାରୁଥିବା ବିରାଟ ଯୁଦ୍ଧ ପୋତ ଗୋଟିଏ (ଏୟାର କ୍ରାଫ୍‌ଟ କ୍ୟାରିୟର), ଗୋଟିଏ ବିରାଟ ପରିବହନକାରୀ ପୋତ (ଟ୍ରାନ୍ସପୋର୍ଟ ଡକ୍), ୧୫ଟି ଦ୍ରୁତଗାମୀ ନୌସେନା ଜାହାଜ (ଫ୍ରିଗେଟ୍‌ସ), ୮ଟି କ୍ଷେପଣାସ୍ତ୍ର ବିଧ୍ୱଂସକାରୀ ପୋତ (ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର), ୨୪ଟି ପଥପ୍ରଦର୍ଶକ କ୍ଷୁଦ୍ର ନୌସେନା ଯୁଦ୍ଧ ଜାହାଜ (କର୍ଭେଟିଜ), ୧୩ଟି ପରମ୍ପରାଗତ ବୁଡ଼ାଜାହାଜ(କନ୍‌ଭେନ୍‌ସନାଲ୍ ସବମେରିନ୍) ଗୋଟିଏ ଆଣବିକ ଆକ୍ରମଣକାରୀ ବୁଡ଼ାଜାହାଜ (ନିଉକ୍ଲିୟର ଅଟାକସନ୍ ମେରିନ୍), ୩୦ଟି ତଟ ଜଗୁଆଳୀ ଜାହାଜ (ପାଟ୍ରୋଲ ଭେସେଲ ୭ଟି ପ୍ରତ୍ୟାକ୍ରମଣ ନୌଜାହାଜ (ମାଇନ କାଉଣ୍ଟର ମିଜର ଭେସେଲସ୍) ଏବଂ ଆହୁରି ଅନେକ । ତେବେ ଏଠାରେ କେତୋଟି ଉଲ୍ଲେଖନୀୟ ନୌଜାହାଜରେ ଶକ୍ତି ସଂପର୍କରେ ଉପସ୍ଥାପନା କଲୁ ।

**ଆଇଏନ୍‌ଏସ୍ ବିକ୍ରମାଦିତ୍ୟ :** ସମୁଦ୍ରରେ ଚଳନ୍ତା ଅଭେଦଦୁର୍ଗ ଭାବେ ଏହା ବିବେଚିତ । ଏହାର ଲମ୍ବ ୨୮୩.୫ ମିଟର, ଉଚ୍ଚତା ୨୦ ମହଲା, ଓଜନ ୪୪.୫୦୦ ଟନ୍ । ଏଥିରେ ଏକ ସମୟରେ ୩୦ଟି ଯୁଦ୍ଧ ବିମାନ ରହିପାରିବେ । ଏହା ଉପରେ ମଧ ୬ଟି କୋମୋଭ–୩୧ ହେଲିକପ୍ଟର ମୁତୟନ ହୋଇପାରିବ । ବିକ୍ରମାଦିତ୍ୟରେ ୬ ନନୀ ବିଶିଷ୍ଟ ଏକେ–୬୩୦ ତୋପ, ବିପଜ୍ଜନକ ବରାକ କ୍ଷେପଣାସ୍ତ୍ର ଖଞ୍ଜା ଯାଇଛି । ଏହା ଘଣ୍ଟାକୁ ୫୬ କି.ମି ବେଗରେ ଗତି କରିଥାଏ । ନିଜର ଶକ୍ତିଶାଳୀ ରାଡ଼ାର ବ୍ୟବସ୍ଥା ଯୋଗୁଁ ନିଜ ଚାରିପଟେ ୫୦୦ କି.ମି ଅଞ୍ଚଳରେ ଏହା ଆକ୍ରମଣ କରିବାରେ ସକ୍ଷମ । ଏଥିରେ ଏକ ସମୟରେ ୧୬୦୦ରୁ ୧୮୦୦ ଯବାନ ମୁତୟନ ହୋଇପାରିବେ ।

**ଆଇଏନ୍‌ଏସ୍ ଚକ୍ର ୨ :** ପରମାଣୁ କ୍ଷମତା ଯୁକ୍ତ ଆଇଏନ୍‌ଏସ୍ ଚକ୍ର–୨ ନୌସେନାର ମାରାତ୍ମକ ଅସ୍ତ୍ର । ଏହି ବୁଡ଼ାଜାହାଜ ୬୦୦ ମିଟର ପର୍ଯ୍ୟନ୍ତ ସମୁଦ୍ର ତଳେ କ୍ରମାଗତ ୩ ମାସ ଯାଏଁ ରହିପାରିବ । ଏଥିରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଖଞ୍ଜା ଯାଇଛି ।

**ଆଇଏନ୍‌ଏସ୍ ବିକ୍ରାନ୍ତ :** ନୌସେନାର ବ୍ୟବହୃତ ଏହା ଏକ ଭୟଙ୍କର ମାରାତ୍ମକ ଅସ୍ତ୍ର ପ୍ରୟୋଗକାରୀ ଯୁଦ୍ଧ ଜାହାଜ । ଶତ୍ରୁପକ୍ଷକୁ ମୁକାବିଲା କରିବାରେ ଏହା ବେଶ୍ ମଜଭୁତ୍ ।

ଇତିମଧ୍ୟରେ ଆଇଏନ୍‌ଏସ୍ କୋମାଭା ଏବଂ ଆଇଏନ୍‌ଏସ୍ 'କଦ୍ଦମାଟ' ଭାରତୀୟ ନୌବାହିନୀରେ ସାମିଲ ହୋଇଛନ୍ତି । ଏଇ ୧୬ ସେପ୍ଟେମ୍ବର ୨୦୧୭ରେ ଆଇଏନ୍‌ଏସ୍ 'କିଲତାନ୍' ମଦ୍ୟ ଭାରତୀୟ ନୌସେନାରେ ଜଳାବତରଣ କରିଛି । ଏହା ସିବାଲିକ୍ ଶ୍ରେଣୀର ଯୁଦ୍ଧ ଜାହାଜ । ଲକ୍ଷାଦ୍ୱୀପ ଓ ମିନିକୟ ଦ୍ୱୀପର ମଧ୍ୟରେ ଥିବା ଏକ କ୍ଷୁଦ୍ର ଦ୍ୱୀପ 'କିଲତାନ' ନାମାନୁସାରେ ଏହା ନାମିତ ହୋଇଛି । ଏହା ଯେ କୌଣସି ବୁଡ଼ାଜାହାଜକୁ ଧ୍ୱଂସ କରିବାରେ ସକ୍ଷମ । ଉପରୋକ୍ତ ସାମର୍ଥ୍ୟ ସୂଚାଇଦିଏ ଯେ ଭାରତ ସମୁଦ୍ରପଟୁ ଯେ କୌଣସି ଆକ୍ରମଣକୁ ସାମ୍ନା କରିବାକୁ ପୂର୍ଣ୍ଣ ଦକ୍ଷତା ସହ ସମର୍ଥ ।

**ଆଇଏନ୍‌ଏସ୍ ଅରହନ୍ତ**



**ବୁଡ଼ାଜାହାଜ :** ଏଥିରେ ୧୨ଟି ସ୍ୱଳ୍ପ ଦ୍ରୁତଗାମୀ କେ–୧୫ କ୍ଷେପଣାସ୍ତ୍ର ଓ ୪ଟି ଦୂରଗାମୀ କେ–୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ରହିଥାଏ । ଏହା ୭୦୦ କିମିରୁ ନେଇ ୩୫୦୦ କିମି ଯାଏଁ ଆକ୍ରମଣ କରିବାକୁ ସକ୍ଷମ । ପାଣି ଭିତରୁ ପରମାଣୁ ଆକ୍ରମଣ କରିବାକୁ ଏହା ସିଦ୍ଧହସ୍ତ । ୬୦୦୦ ଟନ୍ ଓଜନ ବିଶିଷ୍ଟ ଅରିହନ୍ତ ହେଉଛି ଭାରତର ପରମାଣୁ କ୍ଷମତା ସଂପନ୍ନ ବୁଡ଼ାଜାହାଜ ।

ଭାରତର ପାକିସ୍ତାନ ସହିତ ୪ ଥର ଯଥାକ୍ରମେ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ ମସିହାରେ ଘମାଘୋଟ ଯୁଦ୍ଧ ସଂଗଠିତ ହୋଇଛି । ତେବେ ନୌସେନା ପାଇଁ ୧୯୭୧ପାକ୍–ଭାରତ ଯୁଦ୍ଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୪ ଡିସେମ୍ବର ୧୯୭୧ ମସିହାରେ ଭାରତର ନୌବାହିନୀ କରାଚି ବନ୍ଦର ଆକ୍ରମଣ କରି ନିଜର ଜୀବନକୁ ବାଜି ଲଗାଇ ସେଠି ରକ୍ତର ଗଙ୍ଗା ପ୍ରବାହିତ କରାଇଦେଲେ । ଏହା ଏକ ଐତିହାସିକ ବିରଳ ଯୁଦ୍ଧ । ଏଠାରେ ସୂଚାଇଦେବାକୁ ଚାହୁଁ ଯେ କ୍ୟାପ୍‌ଟେନ୍ ମୁଲ୍ଲା ସେତେବେଳେ ଆଇଏନ୍‌ଏସ୍ ଖୁକ୍ରୀର ପୋତାଧୀଶ ଥିଲେ । ଯୁଦ୍ଧବେଳେ ଶତ୍ରୁ ପକ୍ଷର କମାଣରେ



ଖୁକ୍ରୀରେ ଅଗ୍ନିସଂଯୋଗ ହେଲା । କ୍ୟାପ୍‌ଟେନ୍ ମୁଲ୍ଲା ସୈନିକମାନଙ୍କୁ ଜୀବନତରୀ ସାହାଯ୍ୟରେ କୂଳକୁ ପଠାଇଦେଇ ଡେକ୍‌ରେ ଜାହାଜ ଓ ନିଜେ ଜଳିବା ଯାଏଁ ସେମିତି ଅପେକ୍ଷା କରିଥିଲେ । ସେତେବେଳେ ସେ ଟାଣୁଥିଲେ ସିଗାରେଟ୍ ଆଉ ମୁଖରୁ ବାହାରୁଥାଏ 'ମେରା ଭାରତ ମହାନ୍' । ତାପରେ ସେ ପାଲଟିଗଲେ ମୁଠାଏ ପାଉଁଶ । ଏ ହେଉଛି ଭାରତୀୟ ନୌସେନାର ଜଣେ ସଚ୍ଚାଦେଶପ୍ରେମୀର ଉତ୍ସର୍ଗୀକୃତ ଜୀବନର ଗାଥା ।

୧୯୭୧ର ଯୁଦ୍ଧରେ ଭାରତ ବିଜୟୀ ହେଲା । ତେବେ ସ୍ମୃତିରେ ରହିଗଲା ୪ ଡିସେମ୍ବରର ଭାରତୀୟ ନୌସେନାର ଦୁଃସାହସିକ ଯୁଦ୍ଧକଥା । ଏହାକୁ ସ୍ମରଣ କରିବା ପାଇଁ ୪ ଡିସେମ୍ବର ୨୦୧୩ରେ ନୌସେନାର ୪୨ତମ ବାର୍ଷିକ ଉତ୍ସବରେ ଏକ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ସେଦିନର ସହିଦ ନୌସେନାଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା । ଏହାକୁ ସ୍ମୃତି କରିବା ପାଇଁ ଆମେ ପ୍ରତିବର୍ଷ ୪ ଡିସେମ୍ବରରେ ନୌସେନା ଦିବସ ପାଳନ କରୁ । ଏହା ହେଉଛି ସେମାନଙ୍କର ବୀରତ୍ୱ, ଦେଶପ୍ରେମ ଓ ବଳିଦାନ ପାଇଁ ଶ୍ରେଷ୍ଠ ସମ୍ମାନ ।

ଭାରତର ପଶ୍ଚିମତଟ ନୌସେନାର ମୁଖ୍ୟ କାର୍ଯ୍ୟାଳୟ ବା ନିୟନ୍ତ୍ରଣ କେନ୍ଦ୍ର ହେଉଛି ବମ୍ବେ ଏବଂ ପୂର୍ବତଟ ନୌସେନାର ନିୟନ୍ତ୍ରଣ କେନ୍ଦ୍ର ହେଉଛି ବିଶାଖାପାଟଣା । ଡିସେମ୍ବର ୪ ଅବସରରେ ସମସ୍ତ ନୌଯୁଦ୍ଧ ଜାହାଜ ଓ ନାବିକମାନେ ଯଥାକ୍ରମେ ସେମାନଙ୍କ ମୁଖ୍ୟ କେନ୍ଦ୍ରରେ ସମବେତ ହୋଇ ଦିବସଟିକୁ ଚମତ୍କାର ଭାବରେ ଉପଭୋଗ କରନ୍ତି । ଯେଉଁମାନେ ନୌସାମରିକ ସମ୍ମାନ ପାଇବାକୁ ହକ୍‌ଦାର, ସେଦିନ ସେମାନଙ୍କୁ ଦିଆଯାଏ । ସେଦିନ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଓ ଶପଥ ଥାଏ : ଏକ ମଜଭୁତ୍ ରାଷ୍ଟ୍ର ପାଇଁ ନିରାପଦ ସମୁଦ୍ର ଓ ତଟଦେଶ ଥାଉ ।

ଏହିଦିନ ନୌସେନାର ଯୁଦ୍ଧ ଜାହାଜ ଏବଂ ଏୟାରକ୍ରାଫ୍‌ଟ



ଇତ୍ୟାଦିକୁ ଦର୍ଶନାର୍ଥେ ଦର୍ଶକମାନଙ୍କୁ ବିଶେଷକରି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନିୟନ୍ତ୍ରଣ କରାଯାଇଥାଏ । ତା' ସହିତ ସାମରିକ କାର୍ଯ୍ୟକୁଶଳତାକୁ ନେଇ ଫଟୋ/ଚିତ୍ର ପ୍ରଦର୍ଶନୀ କରାଯାଇଥାଏ । ଏହା ବ୍ୟତୀତ ନୌସେନା କାର୍ଯ୍ୟାଳୟର ଆବାସିକ ବିଦ୍ୟାଳୟରେ ମଧ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଥାଏ ।

ଓଡ଼ିଶା ନୌସେନାକୁ ନେଇ ବିଶେଷ ଗର୍ବିତ । ଏଇଥିପାଇଁ ଯେ ଏହାର ଚିଲିକାରେ ଭାରତର ଏକମାତ୍ର ନୌତାଲିମ କେନ୍ଦ୍ର ଅବସ୍ଥିତ ଏବଂ ଏଇଥିପାଇଁ ଚିଲିକା ଓ ଓଡ଼ିଶା ବିଶ୍ୱପ୍ରସିଦ୍ଧ 'ଆଇଏନ୍‌ଏସ୍ ଚିଲିକା ନାଁ'ରେ । ପୁନଶ୍ଚ ଓଡ଼ିଶାର ସୁନାମ ଲାଗି ରମାଦେବୀ ନାମସ୍ୱ ଏକ ରଣତରୀ ଭାରତୀୟ ନୌସେନାରେ ସାମିଲ ହୋଇଛି । ରମାଦେବୀ ହେଉଛନ୍ତି ଜଣେ ପ୍ରଖ୍ୟାତ ଯଶସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ । ଏନେଇ ଓଡ଼ିଶା ନିଜକୁ ଧନ୍ୟ ମନେକରେ ।

ଦେଶସେବାରେ ନିଜକୁ ନିୟୋଜନ କରିବାରେ ଏବଂ ନିଜର ଭାଗ୍ୟକୁ ଗଢ଼ିବାରେ ନୌସେନା ଏବେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ଏନ୍‌ସିସି ଏବଂ ସ୍କାଉଟ୍ ପରି ଭାରତୀୟ ନେଭିର ପ୍ରାକ୍ ତାଲିମ ଦିଆଯାଏ । ଏ ଦେଶର ଯୁବପିଢ଼ି ଏହାର ସୁଯୋଗ ନେଇ ନିଜକୁ ଧନ୍ୟ କରିବା ଉଚିତ୍ । ନିଶ୍ଚୟ ଗାଇବି ମୋ ଦେଶ ମହାନ୍ । ଜୟ ନୌସେନା, ଜୟ ଯବାନ ।

***ବିପିନ ବିହାରୀ ମହାନ୍ତି***
*ମୋ. ୯୯୩୮୩୪୧୩୮*











# ମଧୁମେହକୁ ଡାକିଆଣେ ନିଦ୍ରାହୀନତା

ଆଜିକାଲି ଅଧିକାଂଶ ମହିଳା ମଧୁମେହ ରୋଗର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ମହିଳାମାନେ ଘରର ସମସ୍ତ ଟେନ୍‌ସନକୁ ମୁଣ୍ଡରେ ପୂରାଇଥାନ୍ତି । ଯାହାଫଳରେ ସେମାନେ ସବୁବେଳେ ଚିନ୍ତାରେ ରୁହନ୍ତି । ମଣିଷ ଚିନ୍ତାରେ ରହିଲେ ନିଦ ହୁଏନା । ନିଦ ଆମ ଶରୀର ପାଇଁ ନିତାନ୍ତ ଆବଶ୍ୟକ । ସାଧାରଣତଃ ୮ ଘଣ୍ଟା ନିଦ୍ରା ଆବଶ୍ୟକ ହୋଇଥାଏ । ରାତିରେ ସେମାନେ ବାରମ୍ବାର ନିଦ୍ରା ତେଜି ଉଠିବସନ୍ତି । ଏପରିକି ସକାଳ ନହେଉଣୁ ଏଭଳି ଲକ୍ଷଣ ଥିବା ଲୋକଙ୍କ ନିଦ ଭାଙ୍ଗିଯାଏ । ଏଭଳି ବେମାରୀର ନିଦ୍ରା ସମୟ ସାଧାରଣ ନିଦ୍ରା ସମୟ ଠାରୁ ୮୫ ପ୍ରତିଶତ କମ୍ ରହେ । ରାତିରେ ନିଦ ହେଉନଥିବାରୁ ସକାଳୁ ଆଦୌ ଭଲ ଲାଗେନି । ଏମିତିକି ଦିନସାରା ଚିଡ଼ଚିଡ଼ ଲାଗେ । ଦିନ ତମାମ ଥକା ଅଳସ ସାଙ୍ଗକୁ ନିଦ ନିଦ ଲାଗିଥାଏ । କୌଣସି କାର୍ଯ୍ୟ ପ୍ରତି ଧ୍ୟାନ ରହେନି । ଯାହାଦ୍ୱାରା କି ଦିନର କାର୍ଯ୍ୟରେ ବ୍ୟାଘାତ ପହଞ୍ଚେ । ଏଣୁ ମନୁଷ୍ୟ ପାଇଁ ତା'ର ଶାରୀରିକ ଓ ମାନସିକ ସୁସ୍ଥତା ସକାଶେ ପର୍ଯ୍ୟାପ୍ତ ପରିମାଣର ନିଦ୍ରା ଆବଶ୍ୟକ । ରାତିରେ ବାରମ୍ବାର ନିଦ ଭାଙ୍ଗିବା ସହ ପରିସ୍ରା ଲାଗିବା ଏକ ସାଧାରଣ ସମସ୍ୟା । ମାତ୍ର ଏହି ବାରମ୍ବାର ପରିସ୍ରା ସହିତ ଅନିଦ୍ରାର ସମ୍ପର୍କ ଅତି ଘନିଷ୍ଠ । ଡାଏବେଟିସ୍‌ରେ ପୀଡ଼ିତ ମଣିଷଠାରେ ଏଭଳି ଲକ୍ଷଣ ଦେଖା ଦେଇଥାଏ । ଡାଏବେଟିସ୍ ବି ମଣିଷକୁ କମ୍ ନିଦ୍ରା କରାଇଥାଏ । ଦ୍ୱିତୀୟତଃ ଯେଉଁ ଲୋକମାନେ ଦୀର୍ଘସମୟ ଶୋଇ ରୁହନ୍ତି ସେମାନଙ୍କ ଠାରେ ଡାଏବେଟିସ୍‌ର ଆଶଙ୍କା ଯଥେଷ୍ଟ ଅଧିକ ରହିଥାଏ ।

ଲକ୍ଷଣ : ସାଧାରଣତଃ ଡାଏବେଟିସ୍ ରୋଗରେ ପୀଡ଼ିତ ଲୋକଙ୍କ ମଧ୍ୟରୁ ୩୦ରୁ ୫୦ ପ୍ରତିଶତ ଲୋକ ହିଁ ନିଦ୍ରାଜନିତ ବ୍ୟାଧିରେ ପୀଡ଼ିତ ଥାନ୍ତି । ଏମାନଙ୍କ ଠାରେ ନିମ୍ନ ଲିଖିତ ଲକ୍ଷଣମାନ ପରିଲକ୍ଷିତ ହୋଇଥାଏ । ଯଥା – ଡେରିରେ ନିଦ ହେବା, ରାତିରେ ବାରମ୍ବାର ନିଦ ଭାଙ୍ଗିବା, ଦିନରେ ବସୁ ବସୁ ଘୁମେଇବା । ଗାଢ଼ ନିଦ୍ରା ବଦଳରେ ହାଲ୍‌କା ନିଦ ହେବା ।

ଅନିଦ୍ରା ଓ ଡାଏବେଟିସ୍ ସମ୍ପର୍କ : ଡାଏବେଟିସ୍ ରୋଗରେ ନିଦ୍ରାଜନିତ ଅସୁବିଧାର ନିମ୍ନ ଲିଖିତ କାରଣ ହୋଇପାରେ । ରାତିରେ ବାରମ୍ବାର ପରିସ୍ରା ଲାଗିବା । ରକ୍ତରେ ସର୍କରା ମାତ୍ରା ବୃଦ୍ଧି । ଶରୀରରେ ଇନ୍‌ସୁଲିନ୍ ଆବଶ୍ୟକତା ଠାରୁ କମ୍ । ଦରଜ ଓ ଅନ୍ୟାନ୍ୟ ଶାରୀରିକ ଅସୁବିଧା । ମାନସିକ ଉତ୍ତେଜନା ରହିବା ଏହାଛଡ଼ା ଅନିଦ୍ରା ରୋଗରୁ ଲୋକମାନଙ୍କୁ କାହିଁକି ଡାଏବେଟିସ୍ ହୁଏ ଏହାର ସଠିକ୍ କାରଣ ଏଯାଏଁ ମିଳି ନଥିଲେ ମଧ ନିମ୍ନଲିଖିତ କାରଣଗୁଡ଼ିକ ପରଖା ଯାଇପାରିଛି । କମ୍ ନିଦ୍ରା ଯୋଗୁଁ ଶରୀର ମଧ୍ୟରେ ଥିବା ସିମ୍ପେଥିଟିକ ନାମକ ତନ୍ତୁର ତୀବ୍ରତା ବଢ଼ିଯିବା ଫଳରେ ଗ୍ଲୁକୋଜ ଅସହନଶୀଳତା ହୋଇଥାଏ । ଯାହାଫଳରେ ଡାଏବେଟିସ୍ ଆଶଙ୍କା ଦେଖାଦିଏ । ଇନ୍‌ସୁଲିନ ଗୁଣବତ୍ତାରେ ଅଭାବ ହେବା । ଇଣ୍ଡୋକ୍ରାଇନ୍ ଗ୍ରନ୍ଥି ଗୁଡ଼ିକ କାର୍ଯ୍ୟ ଦକ୍ଷତାରେ ଅସୁବିଧା ଦେଖାଦିଏ ।



ଉପଚାର : ଅନିଦ୍ରାଜନିତ ଅସୁବିଧା ପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ଉଚ୍ଚ କ୍ଷମତା ସମ୍ପନ୍ନ ଔଷଧ ଦ୍ୱାରା ନିଦ୍ରାର ଉପଚାର କରାଯାଇପାରେ । ମାତ୍ର ଏଠାରେ ପ୍ରଶ୍ନ ଉଠେ ଏଭଳି ଔଷଧ ମାଧ୍ୟମରେ ଜଣେ ରୋଗୀ ନିଜକୁ କେତେଦିନ ପର୍ଯ୍ୟନ୍ତ ଶୁଆଇ ରଖିବ । ତେବେ ଏହି ଅସୁବିଧାକୁ ମଧ ପ୍ରାକୃତିକ ଉପାୟରେ ହଟାଯାଇ ପାରିବ । ଏଣୁ ଏଥିପାଇଁ ନିମ୍ନଲିଖିତ ନିୟମାବଳୀ ଉପରେ ଧ୍ୟାନ ରଖନ୍ତୁ । ନିୟମିତ ସମୟରେ ନିଦ୍ରା ଯାଆନ୍ତୁ ଓ ଠିକ୍ ସମୟରେ ବିଛଣା ଛାଡ଼ନ୍ତୁ । ନିଶା ଜାତୀୟ ପଦାର୍ଥ ଯଥା– କଫି, ତମାଖୁ, ମଦ ଆଦିକୁ ଅପରାହ୍ନ ୪ଟା ପରେ ଆଉ ବ୍ୟବହାର କରନ୍ତୁ ନାହିଁ । ଦିନରେ ନିଦ୍ରା ଯାଆନ୍ତୁ ନି । ଠିକ୍ ସମୟରେ ଜଳଖିଆ ଓ ମଧ୍ୟାହ୍ନ, ରାତ୍ର ଭୋଜନ କରନ୍ତୁ । ଶୋଇବା ସମୟରେ ଅଧିକ ଖାଦ୍ୟ ଗ୍ରହଣକୁ ଏଡ଼ାଇ ଯାଆନ୍ତୁ । ଅଧିକ ସମୟ ସେହି ପଟକୁ କଡ଼ମାଡ଼ି ଶୁଅନ୍ତୁ ଯେଉଁପଟରେ ଶୋଇଲେ ଜଲଦି ନିଦ ଆସେ । ଶୋଇବା ଘରେ କୌଣସି ପ୍ରକାର ଶବ୍ଦ ପ୍ରଦୂଷଣ କରନ୍ତୁ ନାହିଁ । ଶୋଇବା ଘରେ କମ୍ ଆଲୋକ ରଖନ୍ତୁ । ଯଦି ଆବଶ୍ୟକ ପଡ଼େ ଆଖି ଉପରେ ସ୍ଲିପ୍ ମାସ୍କ ବ୍ୟବହାର କରନ୍ତୁ । ଶୋଇବା ଘରର ତାପମାତ୍ରା ସର୍ବଦା ସାମାନ୍ୟ ରହିବା ଉଚିତ୍ । ଅଧିକ ଗରମ ବା ଥଣ୍ଡା ଶରୀର ଉପରେ ପ୍ରଭାବ ପକାଏ । ନିୟମିତ ବ୍ୟାୟାମ ନିଦ୍ରା ସମସ୍ୟା ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏଭଳି ବ୍ୟାୟାମକୁ ଆପଣାନ୍ତୁ ଯାହାକି ମାନସିକ ଏବଂ ଶାରୀରିକ ଚାପକୁ କମ୍ କରୁଥିବା ସହିତ ଶରୀର ପାଇଁ କିଛି ଲାଭପ୍ରଦ ହୋଇଥିବ । ଯେମିତିକି ଯୋଗ ଓ ଧ୍ୟାନ ସୁଫଳ ଦାୟକ । ଏଣୁ ଡାକ୍ତରଙ୍କ ଉଚିତ ପରାମର୍ଶ ଅନୁଯାୟୀ ନିୟମିତ ଭାବେ ଔଷଧ, ଖାଦ୍ୟ ଓ ବ୍ୟାୟାମ ଆଦି ଆପଣାନ୍ତୁ । ଯାହାଦ୍ୱାରା ଶରୀରରେ ରକ୍ତ ସର୍କରା ନିଦ୍ରା ନିୟମିତ କରାଯାଇ ପାରିବ । ମହିଳାଙ୍କ ପାଇଁ ଡାଇବେଟିସ୍ ଭୟାନକ ନୁହେଁ କିନ୍ତୁ ଏହା ଯନ୍ତ୍ରଣାଦାୟକ ହୋଇଥାଏ । ବିଶେଷକରି ନିତିଦିନିଆ ବ୍ୟସ୍ତମୟ ଜୀବନରେ ଏହା ସାଧାରଣତଃ ଅସ୍ତବ୍ୟସ୍ତ ଓ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଥାଏ । ତେଣୁ ଡାଇବେଟିସ୍‌ର ପ୍ରାଥମିକ ଲକ୍ଷଣ ଅନୁଭବ କଲାମାତ୍ରେ କୌଣସି ତୁଟୁକା ତୁଟୁକି ଚିକିତ୍ସା ନକରି ତୁରନ୍ତ ଡାଇବେଟିସ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ପ୍ରାଥମିକ ସମୟରେ ଚିକିତ୍ସା ଜାରି ରଖିଲେ ପରବର୍ତ୍ତୀ ସମୟର ଯନ୍ତ୍ରଣାକୁ ବଢ଼ାଇବାର ସମ୍ଭାବନା ନଥାଏ । ସଂପ୍ରତି ଏହି ଚିକିତ୍ସା ପାଇଁ ରାଜ୍ୟର ସମସ୍ତ ବଡ଼ ମେଡ଼ିକାଲ ସମେତ ଜିଲ୍ଲାସ୍ତରୀୟ ଡାକ୍ତରଖାନାରେ ଭେଷଜ ବିଶେଷଜ୍ଞ ଓ ମଧୁମେହ ବିଶେଷଜ୍ଞମାନେ ଚିକିତ୍ସା ସେବା ଯୋଗାଉଛନ୍ତି । ତେଣୁ ତୁରନ୍ତ ସେମାନଙ୍କ ପରାମର୍ଶ ନେଇ ଚିକିତ୍ସା ଜାରି ରଖିଲେ ଏହାର ଉପଶମ ମିଳିପାରିବ ।





## ଦ୍ୱିତୀୟ ଦିନରେ ଶ୍ରମିକ ଆନ୍ଦୋଳନ

ଭୁବନେଶ୍ୱର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବିଜେପି ନେତୃତ୍ୱାଧିନ ସରକାର ସାରା ଦେଶରେ ସମସ୍ତ ପ୍ରତିବାଦକୁ ବେଖାତିର କରି ଶ୍ରମିକମାନଙ୍କ ଉପରେ ଶ୍ରମ ସଂହିତା ଲାଗୁ କରିଛନ୍ତି, ଯାହାକି ଏକ ଫାସିବାଦି ମୋଦି ଶାସନ ଦ୍ୱାରା ଶ୍ରମିକ ଶ୍ରେଣୀ ଉପରେ ସବୁ ଠାରୁ ନୃସଂଶ ଆକ୍ରମଣ ବୋଲି ଅନେକ ଶ୍ରମିକ ନେତା ଡବଲ ଇଞ୍ଜିନ ସରକାରର ଏହି ଶ୍ରମିକ ମାରଣ ନୀତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଏଆଇଟିୟୁସିର ସଭାପତି ଅଶୋକ ଦାସ, ଏଚ୍‌ଏମ୍‌ଏସ୍‌ର ବିଏନ୍ ମହାପାତ୍ର, ସିଆଇଟିୟୁର ନେତା ବିଷ୍ଣୁ ମହାନ୍ତି, ଏଆଇୟୁଟୁୟୁସିର ନେତା ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀଙ୍କ ସଭାପତି ମଣ୍ଡଳୀ ନେତୃତ୍ୱରେ ସଭାପରିଚାଳନା କରାଯାଇଥିଲା । ଏହି ଦ୍ୱିତୀୟ ଦିବସରେ ବିଭିନ୍ନ ଶ୍ରମିକ ନେତାମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଶ୍ରମ କୋଡ ଆସିବା ପରେ ଶ୍ରମିକମାନଙ୍କର ଧର୍ମଘଟ ଅଧିକାର ରହିବ ନାହିଁ । ଏହା ଶିଳ୍ପ ବିବାଦ ଭାବରେ କରାଯାଇପାରେ ଏବଂ ଯଦି ଏହି ଧର୍ମଘଟରେ ରାଜି ନ ହୁଅନ୍ତି ତେବେ ସଂଘ ଧର୍ମଘଟ କରିପାରିବ ନାହିଁ । ଶ୍ରମ ସଂହିତା କେବଳ ସେହି କାରଖାନା ଗୁଡିକରେ କାର୍ଯ୍ୟକାରି ହେବ ଯେଉଁଠାରେ ଶ୍ରମିକଙ୍କ ସଂଖ୍ୟା ୩୦୦ରୁ ଅଧିକ ହେବ । ମାତ୍ର ୮୦ ପ୍ରତିଶତ କାରଖାନା କିମ୍ବା କର୍ମଶାଳା ୩୦୦ରୁ କମ୍ ଶ୍ରମିକ ସହିତ ଚାଲୁଛି । ତେଣୁ ମାଲିକ ସରକାରଙ୍କୁ କୌଣସି ପ୍ରକାର ପରାମର୍ଶ ନ କରି ୩୦୦ରୁ କମ୍ ଥିବା କାରଖାନାରେ ଶ୍ରମିକମାନଙ୍କୁ ବାହାର କରିଦେଇପାରିବ । ତେଣୁ ଏ ପ୍ରକାର ବ୍ୟବସ୍ଥାରେ ଅଧିକ ସଂଖ୍ୟାରେ ଅସଂଗଠିତ ଶ୍ରମିକଙ୍କ ଅଧିକାର କ୍ଷୁର୍ଣ୍ଣ ହେବ । ଶ୍ରମିକମାନେ ୧୦ ଘଣ୍ଟା କାମ କରି ଶୋଷିତ ହେବେ ଓ ଓଭରଟାଇମ୍ ସାମାଜିକ ସୁରକ୍ଷା ପାଇବେ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶ୍ରମ ଆଇନର ପରିବର୍ତ୍ତନ କରି ମାଲିକ ଓ ପୁଞ୍ଜିପତିଙ୍କୁ ଅଧିକ ଲାଭବାନ କରିବା ନିମନ୍ତେ ଡବଲ ଇଞ୍ଜିନ ସରକାରର ମୂଳମନ୍ତ୍ର ହୋଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।

ଆଜିର ଏହି ଗଣଧାରଣାରେ ଶ୍ରମିକନେତା ବିଦ୍ୟାଧର ମହାନ୍ତି, ବିଦ୍ୟାଧର ମହନ୍ତ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ହୃଦାନନ୍ଦ ଯାଦବ, ବିଶିଷ୍ଟ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ଡ. ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଦୁଷ୍ମନ୍ତ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ଶ୍ରମିକମାନଙ୍କର ଅଧିକାରକୁ ଛଡାଇ ନେଇଥିବା ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଉଭୟ ଦେଶରେ ଓ ରାଜ୍ୟରେ ଶ୍ରମିକ ଓ କୃଷକ ଆନ୍ଦୋଳନକୁ ତେଜିଆନ କରି ଶିଳ୍ପପତିମାଲିକମାନଙ୍କର ସ୍ୱାର୍ଥରେ ଡବଲ ଇଞ୍ଜିନ ସରକାରର ଯୋଜନାକୁ ଭଣ୍ଡୁର କରିବା ଲାଗି ରଣହୁଙ୍କାର ଦେଇଥିଲେ ।

## ବସ୍‌ରେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁର୍ବ୍ୟବହାର

କେନ୍ଦୁଝର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜଣେ ଦିବ୍ୟାଙ୍ଗ ନାବାଳିକା ତାଙ୍କ ମା'ଙ୍କ ସହିତ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ଯାଉଥିବା ବେଳେ ସେମାନଙ୍କୁ ଏକ ବସ୍‌ର କଣ୍ଡକ୍ଟର ଦୁର୍ବ୍ୟବହାର କରିବା ସହ ଓ ସରକାରୀ ପାସ୍‌କୁ ବେଖାତିର କରିବା ଘଟଣାକୁ ନେଇ ପ୍ରତିପ୍ରଜ୍ଞାଙ୍କ ବାପା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିବା ପରେ ଆରଟିଓ କେନ୍ଦୁଝର ମାନସ ରଞ୍ଜନ ସାହୁ ବସ୍ ମାଲିକ ବିକ୍ରମକେଶରୀ ଜେନା, ବସ୍ କଣ୍ଡକ୍ଟର ଓ ଡ୍ରାଇଭରଙ୍କୁ ଆସନ୍ତା ପାଞ୍ଚ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଆଦେଶ କରି ନୋଟିସ ପଠାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ବସର କଣ୍ଡକ୍ଟର ସରକାରଙ୍କ ପକ୍ଷରୁ ମିଳିଥିବା ବସ୍ ରିହାତି ପାସ୍‌କୁ ଅମାନ୍ୟ କରି ନାବାଳିକା ଦିବ୍ୟାଙ୍ଗ ପ୍ରତିପ୍ରଜ୍ଞା ଓ ତାଙ୍କ ମାଆ ଚିକିତ୍ସା ପାଇଁ ଭୁବନେଶ୍ୱର ଯିବା ସମୟରେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ କଟକରେ ବସ୍‌ରୁ ଓହ୍ଲାଇ ଦେବା ପାଇଁ ଧମକ ଦେଇଥିଲେ ଏବଂ ସମ୍ପୂର୍ଣ୍ଣ ଭଡ଼ା ନେଇଥିଲେ । ପୂର୍ବରୁ ଜିଲ୍ଲାର ଓ ବାହାର ଅନେକ ବେସରକାରୀ ବସ୍ କର୍ମଚାରୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ପାସ୍‌କୁ ମାନୁ ନ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପଦକ୍ଷେପ ନିଆ ଯାଉ ନ ଥିବାରୁ ଆନନ୍ଦପୁର ଅଞ୍ଚଳର ରତିକାନ୍ତ କାନ୍ତ ସାହୁ ଏ ନେଇ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରାଯାଇଛି । ଅଭିଯୋଗ ପରେ ଆରଟିଓ ଅଭିଯୋଗ ତ୍ୱରିତ ବିଚାର ପଣି ପଦକ୍ଷେପ ନେଇଥିବା ବେଳେ ଜିଲାର ଅନ୍ୟାନ୍ୟ ଦିବ୍ୟାଙ୍ଗ ସେମାନଙ୍କ ଚିକିତ୍ସା ପାଇଁ ଯିବା ଆସିବାରେ ବସ୍‌ରେ କିଭଳି ସୁବିଧା ପାଇ ପାରିବେ ସେ ନେଇ ପଦକ୍ଷେପ ନେବାକୁ ଦିବ୍ୟାଙ୍ଗ ପ୍ରତିପ୍ରଜ୍ଞାଙ୍କ ବାପା ଦାବି କରିଛନ୍ତି ।

## ଶିବାନନ୍ଦ ଆଶ୍ରମରେ ଗୀତା

କେନ୍ଦ୍ରାପଡ଼ା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତଗୀତା ସମ୍ପୂର୍ଣ୍ଣ ପାରାୟଣ ଓ ହବନ ଯଜ୍ଞ ସମ୍ପାଦନ ହୋଇଛି । ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ନାନ ଏବଂ ତର୍ପଣ କରାଯିବା ପରେ ରୀତି ନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଥିଲା । ଶିବାନନ୍ଦ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ଗୀତା ପାରାୟଣ, ପଠନ, ହବନ, ଯଜ୍ଞ ଏବଂ ଆରତୀ ପ୍ରଭୃତି କରାଯାଇଥିଲା । ଏଥିସହିତ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଏଥିରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ଶିବାନନ୍ଦ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ଏବଂ ବ୍ରହ୍ମଚାରୀ ନୃସିଂହ ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

କେନ୍ଦ୍ରାପଡ଼ା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୮୭ତମ ବୈଠକ ନହଙ୍ଗସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ନୂତନ ସଦସ୍ୟ ହିସାବରେ ଯୋଗଦେଇଥିବା ଦିବାକର ଥାଟୋଇଙ୍କୁ ସ୍ୱାଗତ କରାଯିବା ସହ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରାଯାଇଥିଲା । ସଦସ୍ୟମାନେ ବୟସର ଅପରାହ୍ନରେ ପହଞ୍ଚି ଥିବାରୁ ସମସ୍ତେ ନିଜ ନିଜର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ଜେନା ପରାମର୍ଶ ଦେଇଥିଲେ । ପ୍ରତିବର୍ଷ ଭଳି ଭଗବତ ଚିନ୍ତନ ଉଦେଶ୍ୟରେ ନୟାଗଡ଼ର ରାମମନ୍ଦିର ଓ ବୈଷ୍ଣୋଦେବୀ ଦର୍ଶନରେ ଯିବାକୁ ସ୍ଥିର କରାଯାଇଥିଲା । ସାମ୍ପ୍ରତିକ ସମୟରେ ଯୁବ ଗୋଷ୍ଠୀମାନଙ୍କର ସଭା ଆହ୍ୱାନକରି ସେମାନଙ୍କୁ ଉତ୍ତମ ମାର୍ଗଦର୍ଶନ ଓ ଦିଗଦର୍ଶନ ଦେବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା । ଆଗାମୀ ବୈଠକ ଚଳିତମାସ ୨୮ ତାରିଖରେ କରାଯିବାକୁ ସ୍ଥିର କରାଗଲା । ଶେଷରେ ବରିଷ୍ଠ ସଭ୍ୟ କ୍ଷୀରୋଦ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା'ତାରିଣୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡ

ମାର୍ଶାଘାଇ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁର ମା'ତାରିଣୀ ମନ୍ଦିର ଦ୍ୱିତୀୟ ଅଧିବେଶନ ବୁଧବାର ପୂର୍ବାହ୍ନରେ ମନ୍ଦିର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ।

ବୋର୍ଡ ପରିଚାଳନା ପରିଷଦର ଟ୍ରଷ୍ଟି ଭାରପ୍ରାପ୍ତ ମହାକାଳପଡା ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମନ୍ଦିରର ସୁପରିଚାଳନା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ମା'ତାରିଣୀଙ୍କ ସୁନା, ରୁପା ଗହଣା ଓ ଜମା ଅର୍ଥ ରାଶି ଆଦି ସର୍ବସମ୍ମୁଖରେ ଗଣତି ମଣତି କରାଯାଇ ଟ୍ରଷ୍ଟ ବୋର୍ଡ ଆକାଉଣ୍ଟରେ ଜମା ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ନୂତନ ମନ୍ଦିର ନିର୍ମାଣ କରାଯାଇ ମା'ଙ୍କ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ପରେ ଜାତୀୟ ରାଜପଥ ନିର୍ମାଣ ପାଇଁ ପୁରୁଣା ମନ୍ଦିର ଭଙ୍ଗାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇ ଥିଲା । ମାଷ୍ଟର ପ୍ଲାନ୍ ମୁତାବକ ନୂତନ ମନ୍ଦିର ପାଇଁ ଚିହ୍ନଟ ଜାଗା ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ପରିଦର୍ଶନ କରି ତଦାରଖ କରିବା ସହିତ ସୁନ୍ଦର, ଆକର୍ଷକ ଓ ଭବ୍ୟ ମନ୍ଦିର ନିର୍ମାଣାର୍ଥେ ଆଲୋଚନା କରିଥିଲେ । ଏହି ବୈଠକରେ ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ମାର୍ଶାଘାଇ ଥାନା ଅଧିକାରୀ ଇନ୍‌ସପେକ୍ଟର ତପନ କୁମାର ନାୟକ, ଟ୍ରଷ୍ଟ ବୋର୍ଡ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଦିନବନ୍ଧୁ ଲେଙ୍କା, ଭିକାରୀ ବେହେରା (ମଣ୍ଟୁ), କିଶୋର ଚନ୍ଦ୍ର ସାମଲ, ଅମୀୟ ସାମଲ, ନିର୍ମଳ ଚନ୍ଦ୍ର ସ୍ୱାଇଁ, ଅଭୟ କୁମାର ସାହୁ ଓ ନରୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବିକାଶ ଲକ୍ଷ୍ୟ ୨୦୩୦କୁ ନେଇ ତାଲିମ

କେନ୍ଦ୍ରାପଡ଼ା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ଆଖି ଆଗରେ ରଖି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ପୌରପରିଷଦର ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଡେପୁଟି ଡାଇରେକ୍ଟର ପ୍ଲାନିଂ ଆରତୀ ନାୟକଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମଗ୍ର ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ତଥା ସମାନତା ଆଣିବା, ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ଏକ ସୁସ୍ଥ ସୁନ୍ଦର ନିରାମୟ ଜୀବନ ବଞ୍ଚିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଏବଂ ବିଶ୍ୱକୁ ଶାନ୍ତି ଓ ପ୍ରଗତି ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୨୦୧୫ ମସିହାରେ ମିଳିତ ଜାତିସଂଘ ଅଧକ୍ଷତାରେ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ୧୯୩ଟି ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ୧୭ଟି ଲକ୍ଷ୍ୟ ସ୍ଥିର କରାଯାଇଥିଲା । ଯାହାକି ନିରନ୍ତର ବିକାଶ ଲକ୍ଷ୍ୟ କୁହାଯାଉଛି । ଜିଲ୍ଲାକୁ ଦାରିଦ୍ର୍ୟମୁକ୍ତ, କ୍ଷୁଧା ଦୂର କରିବା, ଖାଦ୍ୟ ସୁରକ୍ଷା ତଥା ଉନ୍ନତ ପୁଷ୍ଟିକର ଖାଦ୍ୟ ହାସଲ କରିବା ଓ ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟୀତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରେ ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି, ନ୍ୟାୟ ଏବଂ ଦୃଢ ପ୍ରତିଷ୍ଠାନ ଏବଂ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା । ସମସ୍ତଙ୍କୁ ନେଇ ବିକାଶ କରିବା ସହିତ ଲୋକଙ୍କୁ ସଚେତନ କରିବା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ । ଯାଜପୁରର ଡେପୁଟି ଡାଇରେକ୍ଟର ଡିପିଏମୟୁ ଅର୍ଚ୍ଚିତା ଦାସ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ନେଇ ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ ।

# କନ୍ଧମାଳରେ ଦେଶୀ ବନ୍ଧୁକ କାରଖାନା

କନ୍ଧମାଳ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍



କନ୍ଧମାଳରେ ଦେଶୀ ବନ୍ଧୁକ କାରଖାନା ଠାବ । ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ ହୋଇଛି । ବନ୍ଧୁକ ତିଆରି କରୁଥିବା ଜଣଙ୍କୁ ଗିରଫ କରିଛି ପୋଲିସ । କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା, କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଜୁ ଗାଁରେ ଚାଲିଥିଲା ବନ୍ଧୁକ ତିଆରି କାରଖାନା ।

ସୂଚନାଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଜୁ ଗାଁରେ ଏକ ନକଲି ଦେଶୀ ବନ୍ଧୁକ କାରଖାନା ଠାବ କରିଛି ପୋଲିସ । ବନ୍ଧୁକ ତିଆରି କରୁଥିବା ବାଞ୍ଛାନିଧି ବିଷ୍ଣାଣିଙ୍କୁ ଗିରଫ କରିଛି ପୋଲିସ । କାରଖାନାରୁ ୩ଟି ଦେଶୀ ବନ୍ଧୁକ, ୪ଟି ଅର୍ଦ୍ଧ ନିର୍ମିତ ବନ୍ଧୁକ ସହ ଦେଶୀ ବନ୍ଧୁକ ତିଆରି ସାମଗ୍ରୀ, ଗୋଟେ ଛୋଟ ଦେଶୀ ପିସ୍ତଲ, କଟର ମେସିନ, କାଠ ଫ୍ରେମ୍‌କୁ ଜବତ କରିଛି ପୋଲିସ । ୨୦୧୬ ମସିହାରେ ମଧ୍ୟ ବାଞ୍ଛାନିଧି ବନ୍ଧୁକ ତିଆରି ମାମଲାରେ ଗିରଫ ହୋଇଥିଲା ।

ଗୋଚ୍ଛାପଡ଼ା ଥାନା ଅଞ୍ଚଳ ମାଓ ପ୍ରବଣ ଅଞ୍ଚଳ । ଗଞ୍ଜେଇ ଚାଷ ଓ ମାଫିଆଙ୍କ ଚରାଭୂଇଁ ଭାବେ ପରିଚିତ । ଏଠାରେ ବନ୍ଧୁକ କାରଖାନା ମାଫିଆଙ୍କୁ ସୁହାଇବା ଭଳି ହୋଇଛି । ତେବେ ଗିରଫ ବ୍ୟକ୍ତି ବନ୍ଧୁକ ତିଆରି କରି କାହାକୁ ଚାଲାଣ କରିଥିଲେ ବା କେଉଁ କାମରେ ବ୍ୟବହାର କରିବା ପାଇଁ ତିଆରି କରୁଥିଲେ ତାକୁ ନେଇ ତଦନ୍ତ ଆରମ୍ଭ କରିଛି ପୋଲିସ । ତେବେ ପ୍ରାରମ୍ଭିକ ତଦନ୍ତରୁ ମୁଖ୍ୟତଃ ଜଙ୍ଗଲୀ ପଶୁ ଶିକାର ପାଇଁ ଏହି ବନ୍ଧୁକ ତିଆରି ହେଉଥିବା ସନ୍ଦେହ କରାଯାଉଥିବା ଏସ୍‌ପି ହରିଶ ବିଶି ସୂଚନା ଦେଇଛନ୍ତି ।

## ବୃଦ୍ଧାଙ୍କୁ ଦୋଳାରେ ବୁହାହେବା ଘଟଣା ପରେ ଆରମ୍ଭ ହେଲା ରାସ୍ତାକାମ

ପାତ୍ରପୁର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର ତରମଣ୍ଡା ଗାଁରେ ଜଣେ ବୃଦ୍ଧାଙ୍କର ଗୋଡ଼ ଭାଙ୍ଗିଯିବା ପରେ ତାଙ୍କୁ ଦୀର୍ଘ ୭ କିଲୋମିଟର ଦୋଳାରେ ବୋହି ନେବା ବିଷୟ ସାଗତ ଶନିବାର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତ୍ୱରିତ ପଦକ୍ଷେପ ନେଇ ପ୍ରାୟ ୫ କିଲୋମିଟର ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ।

ଏହି ରାସ୍ତା ନିର୍ମାଣ ପାଇଁ ୩ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ରାସ୍ତା ତିଆରି ହେଲେ ତସରଙ୍ଗ, ତରମଣ୍ଡା, କମ୍ପଟ, କୁମ୍ଭାରଦଲହୀ, ଯୁବାସାହି, ମାଇଁଶିଖତ ସହିତ ୪ଟି ପଡ଼ୋଶୀ ଆଦିବାସୀ ଗାଁର ଲୋକେ ଯାତାୟାତ ସୁବିଧା ପାଇପାରିବେ । ଜଙ୍ଗଲଘେରା ଏହି ଗାଁ ଗୁଡିକରେ ବଜାର ସଉଦା, ବିଦ୍ୟାଳୟ, ବ୍ଲକ, ତହସିଲ, ଡାକ୍ତରଖାନା ଓ ପଞ୍ଚାୟତକୁ ଯିବାରେ ଦୀର୍ଘଦିନ ଧରି ଅସୁବିଧା ସୃଷ୍ଟି ହେଉଥିଲା । ଗତ ବର୍ଷା ଋତୁରେ ପଥର ଖାଲଖମା ହୋଇ ମାଟି ଧୋଇ ହେବା ସହ ପଥର ବାହାରି ଦୁଇଚକିଆ ଯାନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଥିଲା ।

ସୂଚନା ଅନୁଯାୟୀ ଗତ ରବିବାର ତରମଣ୍ଡା ଗାଁର କୋରା କାର୍ଜି (୬୫)ଙ୍କର ଗୋଡ଼ରେ ଆଘାତ ପରେ ସେ ଠିଆ ହୋଇପାରୁନଥିଲେ । ତାଙ୍କୁ ଦୋଳାରେ ବୋହି ଚିକିତ୍ସା ପାଇଁ ୭ କିମି ନେଇଯିବା ଘଟଣା ଚର୍ଚ୍ଚାରେ ଥିଲା । ରାସ୍ତା ପାଇଁ ଟେଣ୍ଡର ପୂର୍ବରୁ ହୋଇଥିଲା, କିନ୍ତୁ କିଛି ଆନୁଷଙ୍ଗିକ କାର୍ଯ୍ୟ ବାକି ଥିଲା । ଖବର ପ୍ରକାଶ ପରେ ତ୍ୱରିତ ଭାବେ କାମ ଆରମ୍ଭ ହୋଇଛି । ରାସ୍ତା ନିର୍ମାଣ ଆରମ୍ଭ ହେବାରୁ ଗାଁରେ ଆନନ୍ଦର ଲହରୀ ଖେଳିଯାଇଛି ।

## ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ



ନିମାପଡା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ସମ୍ମାନ ବିଭାଗ ଆନୁକୂଲ୍ୟରେ 'ଅନଲାଇନ ବ୍ୟବସାୟରେ ମୌଳିକତା, ରଣକୌଶଳ ଏବଂ କ୍ଷତି ପରିଚାଳନା' ଶୀର୍ଷକ ଏକ ଦିବସୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଂଗୋଷ୍ଠୀରେ ମୁଖ୍ୟ ଆଧାର ବ୍ୟକ୍ତିତ୍ୱ ଭାବେ ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଚନ୍ଦ୍ରଶେଖର ତ୍ରିପାଠୀ ଯୋଗଦେଇ ତାଙ୍କର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ.ଅଶୋକ ବିଶ୍ୱାଳ ଏବଂ ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ.ଶ୍ରିଲେଖା ନାୟକ ଯୋଗଦେଇଥିଲେ । ଏହି ସଂଗୋଷ୍ଠୀର ସଂଯୋଜକ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ କର ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ପରିଶେଷରେ ବିଭାଗୀୟ ଅଧ୍ୟାପକ ବିଷ୍ଣୁ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଚର୍ଚ୍ଚାସତ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍



ଭୁବନେଶ୍ୱରର ଗୀତ ଗୋବିନ୍ଦ ଭବନରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି ଫୋରମରେ ସରକାରୀ ଭାଷା ହିନ୍ଦୀର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଡକ୍ଟର ଅଶୋକ କୁମାର ହୋତା, ଉପ-ନିର୍ଦ୍ଦେଶକ ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ, ସୁଜାତା ଦାସ, ବରିଷ୍ଠ ନିର୍ଦ୍ଦେଶିକା (ବୈଷୟିକ) ତଥା ସରକାରୀ ଭାଷା କମିଟିର ଉପାଧକ୍ଷ ଏବଂ ଡକ୍ଟର ଅଳକା ପ୍ରଧାନ, ହିନ୍ଦୀ ଅନୁବାଦିକା ଏହି ପୁରସ୍କାର ଗ୍ରହଣ କରିଥିଲେ ।

ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସରକାରୀ ଭାଷା ନୀତି ଅନୁଯାୟୀ କାର୍ଯ୍ୟ କରି, ଏହାର କାର୍ଯ୍ୟ ପ୍ରଦର୍ଶନରେ ହିନ୍ଦୀକୁ ପ୍ରାଥମିକତା ଦେବା ସହିତ ପତ୍ରାଳାପ, ରିପୋର୍ଟ, ବିବରଣୀ ପ୍ରଦାନ, ଇ-ଫାଇଲ, ହିନ୍ଦୀ ପତ୍ରିକା ପ୍ରକାଶନ ଏବଂ ଡିଜିଟାଲ୍ ଯୋଗାଯୋଗରେ ହିନ୍ଦୀକୁ ପ୍ରୋତ୍ସାହିତ କରିଛି । କାର୍ଯ୍ୟାଳୟ ଅଧିକାରୀଙ୍କ ଭାଷାଗତ ଦକ୍ଷତା ବୃଦ୍ଧି କରିବା ପାଇଁ କର୍ମଶାଳା ଏବଂ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ହିନ୍ଦୀ ବ୍ୟବହାର ପ୍ରତି ଭାବଧାରାକୁ ପ୍ରୋତ୍ସାହିତ କରିଥିଲା । ଏହି ସଫଳତା କେବଳ ହିନ୍ଦୀ ଭାଷା ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ନାହିଁ ବରଂ ହିନ୍ଦୀର ନିରନ୍ତର ଏବଂ ସୁଗମ ବ୍ୟବହାର ପ୍ରତି ପ୍ରୟାସର ଗୁରୁତ୍ୱକୁ ମଧ୍ୟ ପ୍ରମାଣିତ କରେ ।

ଏହି ସଫଳତା ହାସଲ କରିବାରେ ସମସ୍ତ ଅଧିକାରୀମାନଙ୍କ ସହଯୋଗ ଏବଂ ସମୟୋଚିତ ମାର୍ଗଦର୍ଶନ ପାଇଁ ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି ।

## ସମ୍ବର୍ଦ୍ଧିତ ହେଲେ ବରିଷ୍ଠ ଡାକ୍ତର ଓ ରୋଟାରିଆନ

ଖଣ୍ଡପଡ଼ା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ବ୍ଲକ ଅଧିନ କିଆଝର ଗ୍ରାମର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଶ୍ୟାମସୁନ୍ଦର ସ୍ୱାଇଁ ଓ ରୋଟାରିଆନ ତଥା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ଡଃ ଯୁଗଳ କିଶୋର ସାହୁଙ୍କୁ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି । ବିଶିଷ୍ଟ ବ୍ୟକ୍ତି ୨ଜଣ ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଭାବେ ଦେଶ ବିଦେଶରେ ବେଶ ଖ୍ୟାତି ଅର୍ଜନ କରି ଜନ୍ମମାଟି ଖଣ୍ଡପଡ଼ାକୁ ଗୌରାବନ୍ୱିତ କରିଥିବା ଜଣାଯାଇଛି । ଅସ୍ଥିଶଲ୍ୟ ବିଶେଷଜ୍ଞ ଶ୍ରୀ ସ୍ୱାଇଁ ସୁଦୂର ଆମେରିକାର ଫ୍ଲୋରିଡା ପ୍ରଦେଶରେ ସ୍ଥାୟୀ ଭାବେ ଅବସ୍ଥାନ କରି ରୋଗୀ ସେବାରେ ନିୟୋଜିତ ଥିବାବେଳେ ରୋଟାରିଆନ ସାହୁ ଜଣେ ବିଶିଷ୍ଟ ସମାଜସେବୀ ଭାବେ ବିଭିନ୍ନ ମହଲରେ ବେଶ ପରିଚିତ ଅଟନ୍ତି । ସମାଜରେ ପ୍ରତିଷ୍ଠିତ ହୋଇ ପାରିଥିବା ଉଭୟେ ବିଶିଷ୍ଟ ବ୍ୟକ୍ତି ୧୯୬୬ ମସିହାରେ ଖଣ୍ଡପଡ଼ା ସହରସ୍ଥିତ ସୁନାମଧନ୍ୟ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିଲେ ବୋଲି ସାକ୍ଷାତକାରରେ ପ୍ରକାଶ କରିଥିଲେ । ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ୨ ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ବାବାଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ



ମାହାଙ୍ଗା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତସ୍ଥିତ ଲଳିତଗିରି ଠାରେ ଶ୍ରୀ ଶ୍ରୀ ଦିନମଣି ଦେବଦାସ (ଅଖା ପାଳିଆ) ବାବାଙ୍କ ସମାଧି ପ୍ରତିଷ୍ଠା ମହୋତ୍ସବ ଓ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଲାଶୁଣୀ ମଠ ମହନ୍ତ ନାମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧୁ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଅଖା ପାଳିଆ ବାବାଙ୍କ ମହିମା ସଂପର୍କରେ ଆଲୋଚନା କରିବା ସହ ସାଧୁସନ୍ଥଙ୍କ ଆର୍ଶୀବାଦ କାମନା କରିଥିଲେ । ମାନବ ସେବା ହିଁ ମାଧବ ସେବା । ସାଧୁସନ୍ଥ ବିନା ସମାଜ ତିଷ୍ଠିବା ଅସମ୍ଭବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ପ୍ରଧାନ ବ୍ରହ୍ମାନନ୍ଦେ ସ୍ମରଣେ ସ୍ମରଣିକା ଉନ୍ମୋଚନ କରିଥିଲେ । ଭାଗ୍ୟଧର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ମହନ୍ତ ସୁଧାକର ଦାସ, ମହାନ୍ତ ପରମେଶ୍ୱର ମହାରାଜ, ମହନ୍ତ ସରୋଜ ରାମ ଦାସ, ମହାନ୍ତ ଆତ୍ମାରାମ ଦାସ, ମହନ୍ତ ପର୍ଶୁରାମ ଦାସ, ମହନ୍ତ ପରାସର ଦାସ, ମହନ୍ତ ହିମାଂଶୁ ଶେଖର ଦାସ, କ୍ଷେତ୍ରମୋହନ, ଜିତେନ୍ଦ୍ର ଶତପଥି, ସାମ୍ବାଦିକ ଭକ୍ତଚରଣ ସାହୁ, ଅମରେନ୍ଦ୍ର ସିଂହ, ଅଖିଳେଶ ମହାନ୍ତି, ଅଜୟ ମହାନ୍ତି, ବିଳାସ ଚନ୍ଦ୍ର ବାରିକ, ଯଯାତୀ ସିଂହ, ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇ ବାବାଙ୍କ ଅହିଂସା ଓ ଆଦର୍ଶ ଯୁବ ସମାଜ ପାଇଁ ଧେୟ ହେଉ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ ଓ ବାବାଙ୍କ ଆଶ୍ରିତ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଏହି ଅବସରରେ ସମାଧି ପ୍ରତିଷ୍ଠା, ଗୀତା, ଭଗବତ ପଠନ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି ।

## ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା

ଶେରଗଡ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍



ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଗଞ୍ଜାମ ଜିଲ୍ଲା ପକ୍ଷରୁ ଗୁରୁବାର ଶେରଗଡ ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ମିସ ତୃପ୍ତିମୟୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପକ୍ଷରୁ ଗବେଷକ ଅଶ୍ୱିନୀ କୁମାର ଶଡଙ୍ଗୀ ଏବଂ ମହିଳା ସୁପରଭାଇଜର ବାସନ୍ତୀ ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବାଲ୍ୟବିବାହକୁ ବନ୍ଦ କରିବା ଲାଗି ସମୂହ ଶପଥପାଠ କରାଯାଇଥିଲା । ଏହି ସଭାରେ ଗଞ୍ଜାମ ଜିଲ୍ଲା ଗବେଷକ ଅଶ୍ୱିନୀ କୁମାର ଷଡଙ୍ଗୀ ପ୍ରକାଶ କରିଛନ୍ତି ଯେ, ବାଲ୍ୟବିବାହ ଭଳି କୁପ୍ରଥାକୁ କିଭଳି ଉଚ୍ଛେଦ କରାଯିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଦିଗରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ମହିଳା ସୁପରଭାଇଜର ବାସନ୍ତୀ ଦାସ ବାଲ୍ୟବିବାହକୁ ରୋକିବା ଲାଗି ପ୍ରଶାସନ, ସମାଜସେବୀ, ଏନଜିଓ, ସଚେତନ ନାଗରିକ, ବିଭିନ୍ନ ସମାଜ, ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଏ ବିଷୟରେ ଅତିଥିମାନେ ବିସ୍ତୃତ ଆଲୋଚନା କରି ସେମାନଙ୍କ ମତ ରଖିଥିଲେ । ବାଲ୍ୟବିବାହକୁ ଦୃଢତାର ସହ ସାମନା କରିଥିବା ମହିଳାମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ ଏବଂ ବାଲ୍ୟବିବାହ ଭଳି କୁପ୍ରଥାକୁ ଉଚ୍ଛେଦ କରିବା ଲାଗି ସମସ୍ତ ମା'ମାନଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକର ସମସ୍ତ ଆଶାକର୍ମୀ ଉପସ୍ଥିତ ଥିଲେ ।

# ସଚେତନ ମହିଳା ହିଁ ସଶକ୍ତ ମହିଳା

ବ୍ରହ୍ମପୁର,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍



ଦକ୍ଷିଣ ଓଡ଼ିଶା ଇକୋନମିକ୍ ଆସୋସିଏସନ ଏବଂ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ଆନୁକୂଲ୍ୟରେ 'ମହିଳା ସଶକ୍ତିକରଣ' ଉପରେ ଏକ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆସୋସିଏନର ସଭାପତି ତଥା ବନାରସ ବିଶ୍ୱବିଦ୍ୟାଳୟର ପ୍ରଫସର ଡ଼ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ସମ୍ମାନର ଉଦଘାଟନୀ ଉତ୍ସବରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ମୁଖ୍ୟଅତିଥି ରୁପେ ଯୋଗଦାନ କରି ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା ଅରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫସର ଡ଼.ପ୍ରେରଣା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ସମ୍ପାଦିକା ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ସଂଧ୍ୟାରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ସମ୍ମାନର ଆଭିମୁଖ୍ୟ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ବରେଣ୍ୟ ପ୍ରାଧ୍ୟାପିକା ଡ଼.ମିନତୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରି ସମସ୍ତଙ୍କର ପ୍ରଂଶସାଭାଜନ ହୋଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଶାନ୍ତ ଦାସ ସମସ୍ତ ଅତିଥିଙ୍କୁ ମହାବିଦ୍ୟାଳୟକୁ ସ୍ୱାଗତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଅଜୟ କୁମାର ତ୍ରିପାଠୀ ପ୍ରାସଙ୍ଗିକ ଅଭିବ୍ୟକ୍ତି ବ୍ୟକ୍ତ କରିବା ସହ ସମସ୍ତଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ସହ ପ୍ରଫସର ରଶ୍ମି ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସର୍ଭେରେ ଆୟୋଜିତ ପ୍ରଫେସର ବିବେକାନନ୍ଦ ମେମୋରିଆଲ ଅଭିଭାଷଣରେ ପ୍ରଫସର ଭଗବାନ ପାତ୍ର, ଓଡିଶା ସରକାର ଅର୍ଥବିଭାଗର ଉପଦେଷ୍ଟା ସୁଜାତା ପ୍ରହରାଜ ଏବଂ ମୁମ୍ବାଇ ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ବ୍ୟାକିଂ ଆଣ୍ଡ ଫାଇନାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱକେତନ ଦାସ ନିଜର ବହୁମୂଲ୍ୟ ତଥ୍ୟ ଉପସ୍ଥାପନ କରିଥିଲେ । ଦୀର୍ଘ ଚାରିଟି ପାରାଲାଲ୍ ସେଶନରେ ଏକଶତରୁ ଅଧିକ ଡେଲିଗେଟ୍ସ ନିଜର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଉଦଯାପନୀ ଉତ୍ସବରେ ବିଭୁ ପ୍ରସାଦ ସାହୁ,, ପ୍ରଫସର ନିଳାଚଳ ଆଚାର୍ଯ୍ୟ, ଡ଼ ବିବିଲତା ସ୍ୱପ୍ନ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇତ୍ୟବସରରେ ଆସୋସିଏନର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ଓଡ଼ିଶା ଇକୋନୋମିକ ଆସୋସିଏସନ ପକ୍ଷରୁ ଡ.ଅଜୟ କୁମାର ପାଢୀ, ସୁଶାନ୍ତ ଦାସ ଏବଂ ଡ.ପ୍ରେରଣା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଅର୍ଥନିତି ବିଭାଗର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଡ଼ ସସ୍ମିତା ବେହେରା, ଡ଼ ପ୍ରଭାକର ପାଢ଼ୀ, ଡ଼ ଗଙ୍ଗାଧର ନାୟକ, ପାରଳା ମହାରାଜା ସରକାରୀ ବୈଷୟିକ ମହାବିଦ୍ୟାଳୟର ସହାୟକ ପ୍ରଫେସର ଡ଼.ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଏବଂ ସମସ୍ତ ଛାତ୍ରଛାତ୍ରୀ ସହାୟତା ପ୍ରଦାନ କରିଥିଲେ । ଉତ୍ସବର ସଫଳତା ନିମନ୍ତେ ଅଧକ୍ଷ ଡ଼.ଅଜୟ କୁମାର ତ୍ରିପାଠୀ ସମ୍ପାଦକ ପ୍ରଫେସର ସଂଧ୍ୟାରାଣୀ ଦାଶ ଏବଂ ପ୍ରଶାସନିକ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

ଶେରଗଡ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଉଦୟ ପ୍ରତାପ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା ସ୍ଥାନୀୟ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଶୁଭାରମ୍ଭ ହୋଇଯାଇଛି । ଏହି କ୍ରୀଡାକୁ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଡତ୍ୟା ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଲାଗି ଏହି କ୍ରୀଡାର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ମଶାଲ ଶୋଭାଯାତ୍ରା ଉଦୟ ପ୍ରତାପ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ବାହାରି ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଥିଲା । ଏହି କ୍ରୀଡା ୪ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ସଟପୁଟ, ଡିସକସ, ଉଚ୍ଚ ଡିଆଁ, ଲମ୍ବା ଡିଆଁ, ଦୌଡ ଭଳି କ୍ରୀଡା ଅନୁଷ୍ଠିତ ହେବ । ଏହି ଖେଳକୁ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କାହ୍ନୁଚରଣ ଲେଙ୍କା ପରିଚାଳନା କରିଥିଲେ ।

## ସତ୍ୟପ୍ରକାଶ ସ୍ୱାଇଁ ସମ୍ମାନିତ



ଅସ୍ତରଙ୍ଗ,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଅସ୍ତରଙ୍ଗ କୁହୁଡି ଲବଣ ସତ୍ୟାଗ୍ରହୀ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବ ୨୦୨୫ ମସିହାର ସୃଜନଶୀଳ ଲୀଖନ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ସତ୍ୟପ୍ରକାଶ ସ୍ୱାଇଁ କୃତିତ୍ୱ ଲାଭ କରିଛନ୍ତି । ପୁରୀ ଜିଲ୍ଲାରେ ରାଜ୍ୟସ୍ତରରେ ସମ୍ମାନିତ ହେବା ସହିତ ପୁରୀ ଜିଲ୍ଲାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତଥା ଶିକ୍ଷା ଅଧିକାରୀଙ୍କ ଠାରୁ ପୁରସ୍କାର ଲାଭ କରି ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି । ପୁରୀ ଜିଲ୍ଲାରେ ବ୍ଲକସ୍ତରୀୟ ପ୍ରତିଯୋଗିତା ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଛାତ୍ର ସତ୍ୟପ୍ରକାଶ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୫ ଡିସେମ୍ବର ୨୦୨୫ ● ଶୁକ୍ରବାର


## ବାପାଙ୍କ ଆଖି ସାମ୍ନାରେ ଝିଅକୁ ଚାପିଦେଲା ଟ୍ରକ୍

**ଛତ୍ରପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ଜାତୀୟ ରାଜପଥ ଡିଆରଡିଏ ଛକ ନିକଟରେ ସଡ଼କ ଦୁର୍ଘଟଣା ଜଣଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ବ୍ରହ୍ମପୁର ଅଞ୍ଚଳର ଜେ. ସ୍ୱାତୀ । ସେ ତାଙ୍କ ସହ ଛତ୍ରପୁର ଆରଟିଓ ଅଫିସକୁ ଗାଡ଼ି ଲାଇସେନ୍ସ ପାଇଁ ଆସି ସ୍କୁଟିରେ ବାପ ଓ ଝିଅ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହ ଦୁର୍ଘଟଣା ଘଟିଥିଲା । ଫଳରେ ବାପାଙ୍କ ଆଖି ସମ୍ମାରେ ଚାଲିଗଲା ଝିଅର ଜୀବନ । ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ବନ ବିଭାଗ ଦ୍ୱାରା ଜବତ ଟ୍ରାକ୍ଟରକୁ ନେଇ ଚର୍ଚ୍ଚା

**ଖଣ୍ଡପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡା ବନାଞ୍ଚଳର ସିଙ୍ଘାପଡା ସେକ୍ସନ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବେଆଇନ ଭାବେ ଚଳାଚଳ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଟିମ ଗୁରୁବାର ଜବତ କଲା ପରେ ରାଜନୈତିକ ଚାପରେ ଉକ୍ତ ଟ୍ରାକ୍ଟରଟିକୁ କର୍ତ୍ତୃପକ୍ଷ ଛାଡି ଦେବା ପାଇଁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଏହି ଘଟଣା ଏବେ ଖଣ୍ଡପଡ଼ା ଓ ସିଂଘାପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ମିଳିଥିବା ସୂଚନାନୁଯାୟୀ ସିଙ୍ଘାପଡା ବନପାଳ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଏହି ଟ୍ରାକ୍ଟର ଟିକୁ ଜବତ କରିଥିଲେ । ପରେ ଜବତ ଟ୍ରାକ୍ଟରଟିକୁ ଖଣ୍ଡପଡା ବନପାଳଙ୍କ କାର୍ଯ୍ୟାଳୟ ପରିସରକୁ ପଠାଇ ଦିଆଯାଇଥିଲା । ତେବେ କାହା ନିର୍ଦ୍ଦେଶରେ ସନ୍ଧ୍ୟାରେ ଜବତ ଟ୍ରାକ୍ଟରଟିକୁ ଛାଡି ଦେବା ପାଇଁ ବନ ବିଭାଗ ପକ୍ଷରୁ କସରତ ଆରମ୍ଭ ହୋଇଛି ବୋଲି ପଚାରିଲେ ବିଭାଗୀୟ କର୍ତ୍ତୃପକ୍ଷ ସେଭଳି କୌଣସି ସୂଚନା ନଦେଇ ଅଭିଯୋଗକୁ ଏଡାଇ ଯାଇଥିବା ଜଣାପଡିଛି । ତେବେ କାହା ସ୍ୱାର୍ଥରେ ଜବତ ଟ୍ରାକ୍ଟରଟିକୁ ଛାଡି ଦେବା ପାଇଁ ବନ ବିଭାଗ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି ସେ ସଂପର୍କରେ ନୟାଗଡ ବନଖଣ୍ଡ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଘଟଣାର ଖୋଳତାଡ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ନନ୍ଦନକାନନକୁ ଆସିବ ଆଫ୍ରିକୀୟ ଚିତା




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଖୁବ୍‌ଶୀଘ୍ର ଆସିବ ଆଫ୍ରିକୀୟ ଚିତା । ଚିତା ଦେଖିବା ପାଇଁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିବ । ଚିତା ରହିବା ପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ମିଳିସାରିଛି । ରହିବା ପାଇଁ ଅନୁମତି ମିଳିବା ପରେ ଖୁଆଡ଼ କାର୍ଯ୍ୟ ଆରମ୍ଭ ହୋଇଛି । ଚିତା ପାଇଁ ବାଉାନୁକୂଳ ପରିବେଶ ତିଆରି କରାଯାଉଛି । ଯେଉଁଠାରେ ଚିତା ସହଜରେ ରହିପାରିବ । ସେଥିପାଇଁ ୧୮୫୨ ବର୍ଗ ମିଟର ଅଞ୍ଚଳରେ ଖୁଆଡ଼ ନିର୍ମାଣ ହେଉଛି । ଏଥିପାଇଁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ୨୮୮ ବର୍ଗ ମିଟର ଅଞ୍ଚଳରେ ଚିତା ରହିବା ପାଇଁ ୬ଟି ଘର ତିଆରି ହେଉଛି । ଯେଉଁଠାରେ ଚିତା ରାତିରେ ରହିବ, ବିଶ୍ରାମ ନେଇପାରିବ । ମଝି ଭାଗରେ ଚିତା ବୁଲିବା ପାଇଁ ୧୩୫୨ ବର୍ଗମିଟର ସ୍ଥାନ ରହିଛି । ସେଥିରେ ଏକ ଛୋଟ ପୋଖରୀ ସହିତ ବଡ଼ ବଡ଼ ପଥର ରଖାଯିବ । ଚିତା ପୋଖରୀରୁ ପାଣି ପିଇବା ସହିତ ଖୋଲା ସ୍ଥାନରେ ବୁଲି ପାରିବ ।

ଅଧିକ ପର୍ଯ୍ୟଟକ ଚିତା ଦେଖିବା ପାଇଁ ୨୧୨ ବର୍ଗ ମିଟରରେ ବଡ଼ ଗ୍ୟାଲେରୀ ତିଆରି ହେଉଛି । ଗ୍ୟାଲେରୀରେ ଥାଇଲାଣ୍ଡରୁ ୫ଟି କାଚ୍ ଆସି ଲାଗିବ । ଯେଉଁଥିରେ ପର୍ଯ୍ୟଟକ ସୁବିଧାରେ ଅତି ନିକଟରୁ ଚିତାର ମଜା ନେଇପାରିବେ । ସେପଟେ ଆଫ୍ରିକାରୁ ଚିତା ଆସିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ଜୁନ୍ ମାସ ସୁଦ୍ଧା ଖୁଆଡ଼ କାର୍ଯ୍ୟ ଶେଷ ହେବା ପରେ ଚିତା ଆସିବ ।

ନନ୍ଦନକାନନ ପ୍ରାଣୀଉଦ୍ୟାନ ବିଶ୍ୱ ସ୍ତରୀୟ ଚିଡ଼ିଆଖାନା ହେବା ପାଇଁ ଆଧୁନିକ ଖୁଆଡ଼ ସହିତ ଦେଶ ବିଦେଶର ଜୀବଜନ୍ତୁ ଆସୁଛନ୍ତି । ୨୦୨୨ରେ ଆଫ୍ରିକାରୁ ଚିତା ଅଣାଯାଇ ମଧ୍ୟପ୍ରଦେଶର କୁନା ଜାତୀୟ ଉଦ୍ୟାନରେ ଛଡ଼ାଯାଇଥିଲା । ଏବେ ନନ୍ଦନକାନନ ଆସିବେ ଆଫ୍ରିକୀୟ ଚିତା ।

## ଭିସିଆଇ କେମିକାଲ ଜଙ୍ଗଲ, ପରିବେଶ ଆଇନର ମହାଉଲ୍ଲଂଘନ

### ଏନଜିଟିର ନିର୍ଦ୍ଦେଶ ପରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ସ୍ଥିତ ଭିସିଆଇ କେମିକାଲ କମ୍ପାନୀ ବିରୋଧରେ ଜଙ୍ଗଲ ଓ ପରିବେଶ ଆଇନର ଗୁରୁତର ଉଲ୍ଲଘନ ଅଭିଯୋଗ ହୋଇଛି । ଜଙ୍ଗଲ ଜମି ଉପରେ ବେଆଇନ ଭାବେ କୋଲଟାର କାରଖାନା ନିର୍ମାଣ, ୪୦ ହଜାରରୁ ଅଧିକ ଗଛ କଟା ଏବଂ ମହାପରିମାଣରେ ବେଆଇନ ମୋରମ୍ ଉତ୍ତୋଳନ ମାମଲାରେ କମ୍ପାନୀ ଚାରିଦିଗରେ ସଙ୍କଟ ଘନୀଭୂତ ହୋଇଛି ।ଏହାସମ୍ବନ୍ଧୀ ଅଭିଯୋଗ ଆବେଦକ ସୁବ୍ରତ କୁମାର ସାହୁ ଦ୍ୱାରା ଏନ୍‌ଜିଟିକୁ ପ୍ରସ୍ତୁତ କରିବା ପରେ, ଟ୍ରିବ୍ୟୁନାଲ୍ ଏପରି ଦୃଢ଼ ଆଦେଶ ଜାରି କରିଥିଲେ । ଜଖପୁରା–କଚେରୀଗାଁ ଅଞ୍ଚଳର ମୋଟ ୨୨ ଏକର ଲିଜ୍ ଜମିରୁ ୧୧ ଏକର 'ଜଙ୍ଗଲ କିସମ୍' ଥିବା ସତ୍ତ୍ୱେ, କମ୍ପାନୀ ଏହି ତଥ୍ୟକୁ ଲୁଚାଇ ଗୋଟିଏ ବି ଜଙ୍ଗଲ ସଫା କରିବାର ବିନା ନିର୍ମାଣ କାମ ଆରମ୍ଭ କରିଥିବା ଗୁରୁତର ଅଭିଯୋଗ କରାଯାଇଛି ।

ଅଭିଯୋଗ ପତ୍ର ଅନୁସାରେ ୪୦ ହଜାରରୁ ଅଧିକ ଗଛ ବେଆଇନଭାବେ କଟା, ମହୋରମ୍ ଉତ୍ତୋଳନ କରି ହଜାର ହଜାର ଟ୍ରିପ୍‌ରେ ବିକ୍ରି, ପରିବେଶ ଓ ପ୍ରଦୂଷଣ ନିୟମର ମହା ଉଲ୍ଲଂଘନ ଏତେ ଗୁରୁତର ଅପରାଧ ସତ୍ତ୍ୱେ, କମ୍ପାନୀଙ୍କୁ ମାତ୍ର ୪୭ ଲକ୍ଷ ଟଙ୍କା ଜରିମାନା ଲଗାଯାଇଥିବାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ପରିବେଶ ପ୍ରେମୀମାନେ ପ୍ରଶ୍ନ ଉଠାଇଛନ୍ତି ଜଷ୍ଟିସ୍ ଅରୁଣ କୁମାର ତ୍ୟାଗି ଓ ଜୁଡିସିଆଲ୍ ମେମ୍ବର ଇଶ୍ୱର ସିଂହଙ୍କ ବେଞ୍ଚ ଏହି ମାମଲାରେ ଗଠନ କରିଛନ୍ତି ଏକ ଉଚ୍ଚସ୍ତରୀୟ ତଦନ୍ତ ଦଳ ଏନଜିଟିର କଡା ଆଦେଶ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ପରିବେଶ, ଅଟବୀ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ,କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯାଜପୁର କଲେକ୍ଟର ମିଳିତ ତଦନ୍ତ ଆରମ୍ଭ । ମୁଖ୍ୟତଃ ଏହି ଟିମ୍ ର କାର୍ଯ୍ୟ ମଧ୍ୟରେ କାରଖାନା ପରିସରର ଡ୍ରୋନ୍ ସର୍ଭେ, ଜଙ୍ଗଲ ଏବଂ ପ୍ରାକୃତିକ କ୍ଷତିର ମୂଲ୍ୟାୟନ, ବେଆଇନ ମୋରମ୍ ଉତ୍ତୋଳନର ଆକସୁଆଲ୍ ମାପି, ସ୍ଥାନୀୟ ଲୋକଙ୍କର ମତାମତ ସଂଗ୍ରହ, ଡିସେମ୍ବର ୧୨ ମଧ୍ୟରେ ରିପୋର୍ଟ ଦାଖଲ କରିବା । ଜିଲ୍ଲାପାଳଙ୍କ ସହ ଟିମ୍ ଆଜିଠୁ କାରଖାନା ପରିସରରେ ସ୍ଥଳତଦନ୍ତ ଆରମ୍ଭ କରିଛି । ରେଡ୍ କ୍ୟାଟାଗୋରି 'କୋଲଟାର' କାରଖାନା ଗୁରୁତର ପ୍ରଦୂଷଣ ଆଶଙ୍କା ସିପିସିବି ଶ୍ରେଣୀକୃତି ଅନୁଯାୟୀ କୋଲଟାର କାରଖାନା ରେଡ୍ କ୍ୟାଟାଗୋରି ଭିତରକୁ ପଡ଼େ ଯାହାଠାରୁ ବାହାରୁଥିବା ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ, ଫିନୋଲ୍, ନାଫଥାନିଲ୍ ଡେରିଭେଟିଭ୍ସ ଭଳି ବହୁ ବିଷାକ୍ତ ପ୍ରଦୂଷକ, ଯାହା ମାନବଦେହରେ କର୍କଟ ସହିତ ଗୁରୁତର ରୋଗ ସୃଷ୍ଟି କରିପାରେ । ଆଇନ ଉଲଘଂନ କାରି କମ୍ପାନୀ ପାଇଁ ବଢୁଛି ଆଇନି ସଙ୍କଟ ବାଦଲ ଚିନ୍ତାରେ କମ୍ପାନୀ କର୍ତ୍ତୃପକ୍ଷ । ଟିମ୍ ରିପୋର୍ଟରେ ଅଭିଯୋଗ ସତ୍ୟ ସିଦ୍ଧ ହେଲେ କାରଖାନାକୁ କ୍ଲୋଜର୍ ନୋଟିସ୍, ସିଏଫଓ /ସିଟିଓ ଅନୁମତି ବାତିଲ୍, ଲିଜ୍ ଜମି ରାଜ୍ୟକୁ ଫେରତ, କମ୍ପାନୀ ଓ ଅଧିକାରୀଙ୍କୁ ବିରୋଧରେ କ୍ରିମିନାଲ୍ ମାମଲାସ୍ଥାନୀୟ ଜନମତ 'ଅଞ୍ଚଳ ପାଇଁ ବିପଦ ସଙ୍କେତ' ଜଙ୍ଗଲ କଟା, ମାଟି ନଷ୍ଟ, ପାଣି–ବାୟୁ ପ୍ରଦୂଷଣ ଆଶଙ୍କାରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି 'ଏହି କାରଖାନା ଚାଲୁ ହେଲେ ସାରା ଅଞ୍ଚଳ ପାଇଁ ଗମ୍ଭୀର ବିପଦ ସୃଷ୍ଟି ହେବ ।'

## ଅର୍ଥ ଆତ୍ମସାତ୍ ଘଟଣାରେ ପିଇଓ ଗିରଫ

**ଭଞ୍ଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ବ୍ରାହ୍ମଣପଦର ପିଇଓ ବିରେନ୍ଦ୍ର କୁମାର ଶାସ୍ତ୍ରୀଙ୍କୁ ତାରସିଂ ପୋଲିସ ଗୁରୁବାର ଗିରଫ କରିଛି । ବିରେନ୍ଦ୍ର ପଞ୍ଚାୟତ ଆକାଉଣ୍ଟରେ ଥିବା ବାର୍ଦ୍ଧକ୍ୟ ଭତ୍ତା ଏବଂ ଅଖା ବିକ୍ରି ଟଙ୍କାଙ୍କୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ୬ ଲକ୍ଷ ୭୦ ହଜାର ଟଙ୍କା ସେ ଉଠାଇ ନେଇଥିଲେ । ଏନେଇ ତାରସିଂ ପୋଲିସ ୪୨୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି । ଟଙ୍କା ଉଠାଇବା ସମୟରେ ଏକାଧିକ ବ୍ୟକ୍ତିଙ୍କ ଦସ୍ତଖତ ଦରକାର ପଡୁଛି । ତେଣୁ ଦସ୍ତଖତ କରିଥିବା କର୍ମଚାରୀ ଏବଂ ଅନ୍ୟମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ଏଥିରେ ଯଦି ସେମାନେ ମଧ୍ୟ ଜଡ଼ିତ ଥିବାର ପ୍ରମାଣ ମିଳିବ ତେବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକର ଜଣେ ଅଧିକାରୀ ଏଠାରେ ସୂଚନା ଦେଇଛନ୍ତ ।

ପ୍ରକାଶ ଯେ, ପଞ୍ଚାୟତ ଆକାଉଣ୍ଟଗୁଡ଼ିକ ଠିକ୍ ଭାବେ ପରିଚାଳିତ ହେଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଏହିଭଳି ପରିସ୍ଥିତିରେ ଗତମାସରେ ବିଡିଓ ଭାରତୀ ଦେବୀ କେତେକ ପଞ୍ଚାୟତରୁ ଏଭଳି ଅଭିଯୋଗ ପାଇବା ପରେ ଏକ ଟିମ୍ ଗଠନ କରିଥିଲେ ତଦନ୍ତ ପାଇଁ । ତଦନ୍ତ ସମୟରେ ବ୍ରାହ୍ମଣପଦର ପିଇଓ ପଞ୍ଚାୟତ ଆକାଉଣ୍ଟରୁ ଉକ୍ତ ଟଙ୍କା ଉଠାଇଥିବା ଜଣାପଡ଼ିଥିଲା । ତଦନ୍ତ ଟିମ୍ ଉଠା ଯାଇଥିବା ନଗଦ ଟଙ୍କା ପଞ୍ଚାୟତ ଲକରରେ ଅଛି କି ଜାଣିବାକୁ ଚାହିଁଥିଲେ । କିନ୍ତୁ ଟଙ୍କା ସେଠି ମଧ୍ୟ ନ ଥିଲା । ତେଣୁ ବେନିୟମ ଭାବେ ଟଙ୍କା ଉଠାଇ ଅର୍ଥ ଆତ୍ମସାତ କରିଥିବା ନେଇ ଟିମ୍ ବିଡିଓଙ୍କୁ ରିପୋର୍ଟ ଦାଖଲ କରିଥିଲେ । ଏହା ପରେ ବିଡିଓ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରି ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ଏହିଭଳି ଅର୍ଥ ଆତ୍ମସାତ୍ ଆଉ କିଛି ପଞ୍ଚାୟତରେ ମଧ୍ୟ ହୋଇଥିବା ଆଶଙ୍କା କରାଯାଉଛି । ତେଣୁ ତଦନ୍ତକୁ ଜୋରଦାର କରାଯାଇଛି ।

## ଶୃଙ୍ଖଳା କମିଟି ଅଧ୍ୟକ୍ଷ ସମ୍ବର୍ଦ୍ଧିତ

**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ୩୬ତମ କୋଣାର୍କ ଉତ୍ସବ ଅବସରରେ କୋଣାର୍କ ସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଯୁବ ଉଦ୍ୟୋଗପତି ବିଶିଷ୍ଟ ସମାଜସେବୀ ତଥା ଓଡ଼ିଶା କର୍ମଜୀବି ସାମ୍ବାଦିକ ପୁରୀ ଜିଲ୍ଲା ଶାଖାର ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା, ପତ୍ନୀ ସ୍ମିତାରାଣୀ ଦଳାଇ ଏବଂ ସପତ୍ନିକ ଆଲୋକ ବେହେରାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ସଭାପତି ଶରତ ଚନ୍ଦ୍ର ପରିଡ଼ାଙ୍କ ସହ ଅତିଥିମାନଙ୍କୁ ଓଡ଼ିଶା କର୍ମଜୀବି ସାମ୍ବାଦିକ ଗୋପ କୋଣାର୍କ ଶାଖା ଆବାହକ ଜ୍ୟୋତିଶଙ୍କର ଦାଶ ସମ୍ବର୍ଦ୍ଧିତ କରିଥିବା ବେଳେ ପୁରୀ ଜିଲ୍ଲା କୋଷାଧ୍ୟକ୍ଷ ବିଚିତ୍ର ଓଝା, ସାମାଜିକ ଗଣମାଧ୍ୟମ ସଂଯୋଜକ ଅଲେଖ କୁମାର ବିଶ୍ୱାଳ ଏବଂ ବରିଷ୍ଠ ସଭ୍ୟ ଅରୁଣ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ଅତିଥିମାନେ କୋଣାର୍କ ମୁକ୍ତ ଆକାଶ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହେଉଥିବା କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ପାରମ୍ପରିକ ଓଡ଼ିଶୀ ନୃତ୍ୟ ଏବଂ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ହେଉଥିବା ଆନ୍ତର୍ଜାତୀୟ ବାଲୁକା କଳା ଶିଳ୍ପ ଆଦି ପରିଦର୍ଶନ କରିଥିଲେ ।

## କିଟ୍‌କୁ 'ବେଷ୍ଟ ଇମର୍ଜିଂ ୟୁନିଭର୍‌ସିଟି' ପୁରସ୍କାର




**ଭୁବନେଶ୍ୱର,୪।୧୨**

**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଡୁଚେରୀରେ ଅନୁଷ୍ଠିତ ୫୫ତମ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଆଇଏସ୍‌ଟିଇ) ଜାତୀୟ ଅଧ୍ୟାପକ ସମ୍ମିଳନୀରେ କିଟ୍ ବିଶ୍ୱବିଦ୍ୟାଳୟକୁ 'ବେଷ୍ଟ ଇମର୍ଜିଂ ୟୁନିଭରସିଟି' (ଶ୍ରେଷ୍ଠ ଉଦୀୟମାନ ବିଶ୍ୱବିଦ୍ୟାଳୟ) ପୁରସ୍କାର ପ୍ରଦାନ କରାଯାଇଛି ।

ଏହି ସମ୍ମାନଜନକ ସମ୍ମାନ ଭାରତର ସବୁଠାରୁ କ୍ରିୟାଶୀଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ କିଟ୍ ବିଶ୍ୱବିଦ୍ୟାଳୟର ନିରନ୍ତର ବୃଦ୍ଧିକୁ ସୂଚାଉଛି । ଦୀର୍ଘ ବର୍ଷ ଧରି କିଟ୍ ଶୈକ୍ଷିକ ଉତ୍କର୍ଷତା, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ସଂପ୍ରଦାୟ ସେବା ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରଶଂସା ଅର୍ଜନ କରି ମୂଲ୍ୟବୋଧ ଓ ସାମାଜିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଆସିଛି ।

ବୈଷୟିକ ଶିକ୍ଷା ଓ ପ୍ରତିଷ୍ଠାନ ବିକାଶରେ କିଟ୍‌ର ଅବଦାନକୁ ସ୍ୱୀକୃତି କିଟ୍ ଓ କିସ୍ ପ୍ରତିଷ୍ଠତା ଅଚ୍ୟୁତ ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଛନ୍ତି । ଏହା ସହ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାର ସହିତ ଏହି ସଫଳତାକୁ ସମ୍ଭବ କରିଥିବାରୁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ।

## ବିରୂପା ନଦୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତ ଦେହ



**କଟକ: ଏକ୍ସପ୍ରେସ୍ ନ୍ୟୁଜ୍**

ବିରୂପା ନଦୀରେ କାର୍ ବୁଡ଼ି ଘଟଣା । ପ୍ରାୟ ୧୬ ଘଣ୍ଟା ଅପରେସନ୍ ପରେ ନିଖୋଜ ଥିବା ଯୁବକ ଅତୁଲ ସାହୁ ଓରଫ ଉଦିତଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରାଯାଇଛି । ଏହା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି । ମୃତକ ଜଣକ ହେଉଛନ୍ତି ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳର ଅତୁଲ ସାହୁ ଓରଫ ଉଦିତ ବୋଲି ଜଣାପଡିଛି ।

ବୁଧବାର ଜଗତପୁର ଥାନା ଅନ୍ତର୍ଗତ ବିରୂପା ନଦୀ କୂଳରେ ଘଟିଥିଲା ଏଭଳି ଅଘଟଣ । ବ୍ୟାଟେରୀ ଚାଳିତ ଧଳା ରଙ୍ଗର କାର୍ (ନଂ.ଓଡ଼ି ୩୩ ଏଏମ୍୨୦୦୨) ଭାରସାମ୍ୟ ହରାଇ ସ୍ଥାନୀୟ ଆଇବି ରୋଡ ସ୍ଥିତ ଡାକବଙ୍ଗଳା ପାର୍ଶ୍ୱ ଫକୀରପୁର (ପଣ୍ଡାସାହି) ନିକଟରେ ବିରୂପା ନଦୀକୁ ପଶିଯାଇଥିଲା । କାର୍‌ରେ ଥିବା ଦୁଇ ଜଣ ଯୁବକଙ୍କ ମଧ୍ୟରୁ ଜଣେ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ କାର୍ ସହ ପାଣିରେ ନିଖୋଜ ହୋଇଯାଇଥିଲେ । ନିଖୋଜ ଯୁବକ ହେଲେ ଅତୁଲ ସାହୁ ଓରଫ ଉଦିତ (୨୦) । ସେ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ବିବିଏ ଛାତ୍ର ବୋଲି ଜଣାପଡିଛି । ତାଙ୍କ ଘର ନିଧିପୁର ବୋଲି କୁହାଯାଉଛି । ତେବେ କାରଟି ପାଣିରେ ବୁଡିବା ପୂର୍ବରୁ ସେଠାରେ ଥିବା କିଛି ସ୍ଥାନୀୟ ଯୁବକ ଗାଡିରେ ଥିବା ଅଂଶୁମାନ ପଣ୍ଡା(୨୧)ଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ଖବର ପାଇ ଜଗତପୁର ଥାନା ପୋଲିସ, ଅଗ୍ନିଶମ ବାହିନୀ ଓ ସ୍କୁବା ଟିମ୍ ବହୁ ଖୋଜାଖୋଜି କରିଛନ୍ତି । କାରଟି ପ୍ରାୟ ୩୦ ଫୁଟ୍ ଗଭୀର ନଦୀ ଗର୍ଭରେ ପଡିଯାଇଥିବାରୁ ଉଦ୍ଧାର କରିବାରେ ସମସ୍ୟା ସୃଷ୍ଟି ହୋଇଛି । ଦୀର୍ଘ ସମୟ ପରିଶ୍ରମ ପରେ ରାତି ପ୍ରାୟ ୧୦ଟା ବେଳେ ସ୍କୁବା ଟିମ୍ କାରକୁ ଠାବ କରିଥିଲେ । କାରକୁ ଏକ ଦଉଡିରେ ଉପରକୁ ଉଠାଇବାକୁ ଉଦ୍ୟମ କରିବା ବେଳେ ଦଉଡିଟି ଛିଣ୍ଡି ଯିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଉପୁଜିଥିଲା । ଶେଷରେ ରାତି ପ୍ରାୟ ସାଢେ ୧୨ଟା ବେଳେ କାରଟି ପାଣିରୁ ବାହାର କରାଯାଇଥିଲା । ଗୁରୁବାର ସକାଳୁ ପୁଣି ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଉଦ୍ଧାରୀକାରୀ ଟିମ୍ ନଦୀ ଭିତରେ ଖୋଜାଖୋଜି ଆରମ୍ଭ ହୋଇଥିଲା । ୧୬ ଘଣ୍ଟା ଉଦ୍ୟମ ପରେ ଗଭୀର ପାଣି ଭିତରୁ ନିଖୋଜ ଥିବା ଅତୁଲ ସାହୁ ଓରଫ ଉଦିତ ଉଦ୍ଧାର କରାଯାଇଛି । ପୋଲିସ ଉଦିତଙ୍କ ମୃତଦେହ ଜବତ କରିଛି । ଏହା ପରେ ତାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି ।

ମିଳିଥିବା ଖବର ମୁତାବକ, ବୁଧବାର ଭୁବନେଶ୍ୱର ଧଉଳିରୁ ଏକ କାର୍‌ରେ ୫ ଜଣ ଯୁବକ ଏକ ରେଷ୍ଟୁରାଣ୍ଟ ଉଦଘାଟନ କାର୍ଯ୍ୟକ୍ରମରେ ଆସିଥିଲେ । ଖାଇବା ପିଇବା ସାରି ଜଗତପୁର ଆଇବି ରୋଡକୁ ବୁଲାବୁଲି କରିବାକୁ ଆସିଥିଲେ । ଫକୀରପୁର ପଣ୍ଡାସାହି ରାସ୍ତା ପାର୍ଶ୍ୱରେ ୩ ଜଣ ଯୁବକ ଗାଡିରୁ ଓହ୍ଲାଇ ଠିଆ ହୋଇଥିଲେ । ଅନ୍ୟ ଦୁଇ ଜଣ ଗାଡିରେ ଥିଲେ । କିନ୍ତୁ ହଠାତ୍ କାରଟି ଫକୀରପୁର ବିରୂପା ନଦୀ ତୁଠକୁ ଦ୍ରୁତ ଗତିରେ ମାଡିଯାଇ ନଦୀ ଭିତରକୁ ପଶିଯାଇଥିଲା । ନଦୀକୂଳରେ ଏବେ ଶହ ଶହ ଲୋକ ରୁଣ୍ଡ ହୋଇଥିଲେ । ଘଟଣାସ୍ଥଳରେ ପୋଲିସ୍ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓଙ୍କ ସମେତ ଏସିପି ଅରୁଣ ସ୍ୱାଇଁ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚିଥିଲେ । ପାଖାପାଖି ସାଢେ ୫ଘଣ୍ଟା ପରେ ଖାଲି ଗାଡିକୁ ଉଦ୍ଧାର କରାଯାଇଥିଲା । ୧୬ ଘଣ୍ଟା ପରେ ଗଭୀର ନଦୀରୁ ଉଦିତ୍‌ଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

## ମହିଳା ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଣୀ ଶୁକଦେଇ ମହିଳା ଡିଗ୍ରି ମହାବିଦ୍ୟାଳୟ ବାଙ୍କୀର ଯୁବରେଡକ୍ରସ୍ ସଂସ୍ଥା ଆନୁକୁଲ୍ୟରେ ଏଡ୍‌ସ ସଚେତନତା ପଦଯାତ୍ରା କଲେଜ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲେ । ଯୁବରେଡକ୍ରସ୍ କାଉନସିଲର ଅଧ୍ୟାପିକା କୀର୍ତ୍ତିମୟୀ ପଣ୍ଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ପ୍ଲାକକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଏଡ୍‌ସରୁ କିପରି ସୁରକ୍ଷିତ ହୋଇପାରିବ ସେ ସଂପର୍କରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ରେଡକ୍ରସ୍‌ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଏଡ୍‌ସ ସମ୍ବନ୍ଧରେ ଆଲୋକପାତ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ଭିନ୍ନକ୍ଷମ ଦିବସ

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ବନ୍ଦର ପକ୍ଷରୁ ନୂଆବଜାରସ୍ଥିତ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଜାଗୃତି ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏସି ସାହୁ ଯୋଗ ଦେଇ ଏହି ସ୍ୱତନ୍ତ୍ର ଶିକ୍ଷାର୍ଥୀମାନଙ୍କୁ ସହଯୋଗର ହାତ ବଢାଇଲେ ସେମାନଙ୍କର ସାମଗ୍ରୀକ ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ବନ୍ଦର ସିଏମଇ ସୁଶୀଲ କୁମାର ନାହାକ, ପାରାଦୀପ ଲେଡିଜ୍ କ୍ଲବ୍ ସମ୍ପାଦିକା ପୁଷ୍ପାଂଜଳୀ ସାହୁ, କୋଷାଧ୍ୟକ୍ଷା ଗେମିମା ଏଡିସନ୍, କାର୍ଯ୍ୟକାରୀ ସଭାନେତ୍ରୀ କବିତା ନାହାକ, ସଦସ୍ୟା ସବିତା ସାହୁ, ଜାଗୃତିର ଅଧ୍ୟକ୍ଷା ନଳିନୀ ମହାନ୍ତି ମଞ୍ଚାସୀନ ହୋଇଥିଲେ । ବନ୍ଦର ଉପମୁଖ୍ୟ ଅର୍ଥ ପରାମର୍ଶଦାତା ପ୍ରଶାନ୍ତ କୁମାର ମହାରଣା ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବନ୍ଦରରେ କାର୍ଯ୍ୟରତ ୫୧ଜଣ ଦିବ୍ୟାଙ୍ଗ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଜାଗୃତି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ପଠନ ସାମଗ୍ରୀ ବନ କରାଯିବା ସହିତ ଜାଗୃତି କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଜାଗୃତି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବନ୍ଦର କଲ୍ୟାଣ ଅଧିକାରୀ ରାମ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୃତି କୋଷାଧ୍ୟକ୍ଷା ସୀମାଶ୍ରୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ପାରାଦୀପ ବନ୍ଦର ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ବହୁବିଧ କାର୍ଯ୍ୟ ଜାରି ରଖିଥିବା ନେଇ ସୂଚନା ମିଳିଛି ।

## ମାତିଲେଣି ଚୋର: ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି



**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ଅଞ୍ଚଳରେ ବ୍ୟାପିଛନ୍ତି ଝରକା କବାଟ ତଡା ଚୋର ଟିକେ ସୁବିଧା ପାଇଲେ କବାଟ ଝରକା ତାଡି ଲୁଟି ନେଉଛନ୍ତି । ଲକ୍ଷାଧିକ ଟଙ୍କାର ସୁନାଗହଣା ଆସବା ପତ୍ର ଓ ନଗଦଟଙ୍କା, ସର୍ବଶାନ୍ତ ହେଉଛନ୍ତି ଚୋରି ହେଉଥିବା ପରିବାର ଲୋକେ । ଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ ଗୋବିନ୍ଦପୁର ଥାନା ଠାରୁ ଦୁଇଶହ ମିଟର ଦୂରରେ ଗୋବିନ୍ଦପୁର ଗ୍ରାମର ଓକିଲ ଥିବା ଲକ୍ଷ୍ମଣ ଭୋଇଙ୍କ ଘରେ ଲକ୍ଷ୍ମଣ ଓ ତାଙ୍କ ପରିବାର ଗତ ୩୦ ତାରିଖରେ ଭୁବନେଶ୍ୱର ଚିକିତ୍ସା ହେବାକୁ ଯାଇଥିବାବେଳେ ଘରେ କେହି ନଥିଲେ, ୧ ତାରିଖ ଦିନ ସକାଳୁ ଘର ଗେଟେ ଖୋଲିବାରୁ ଦେଖିବାକୁ ପାଇଥିଲେ । ପୋଟିକ ଗେଟେ କଟାଯାଇଥିବା ସହ ଘର ତାଲା କଟାଯାଇଛି ଘର ଭିତରେ ଥିବା ଆଲିମିରା ଲକ୍ କଟାଯାଇଥିବା । ଏନେଇ ଲକ୍ଷ୍ମଣ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି । ସେ ଅଭିଯୋଗରେ ହାର ୧ଟା, ଚେନ୍ ୪ଟା, ଚୁଡି ୪ଟା, ମଙ୍ଗଳସୂତ୍ର, ପାଉଁଜି, କାନଫୁଲ, ଓ ନଗଦ ୫୦ ହଜାର ଟଙ୍କା ଏନେଇ ଗୋବିନ୍ଦପୁର ପୋଲିସ୍ ୩୦୭/୨୫ ମାମଲା ରୁଜୁକରି ସନ୍ଧନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ସଦର ଏସ୍‌ଡ଼ି ପିଓ ବିଜୟ କୁମାର ମଲ୍ଲିକ୍, ଗୋବିନ୍ଦ ପୁର ଥାନା ଅଧିକାରିଣୀ ସୋନାଲି ଆନନ୍ଦ, ଏସ୍‌ଆଇ ଚିନ୍ମୟୀ ଦିବେଦୀ ଚୋରି ହୋଇଥିବା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏତେ ବଡ଼ର ଚୋରି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିବାବେଳେ ପରିବାର କଥାରେ ତାଳ ମେଳ ରହୁନାହିଁ । ଯାହାକୁ ନେଇ ସାରା ଗୋବିନ୍ଦପୁର ଅଞ୍ଚଳରେ ଚର୍ଚ୍ଚା । ଖୁବଶୀଘ୍ର ଉକ୍ତ ଘଟଣା ଉପରୁ ପରଦା ହଟିବ ବୋଲି ଆଲୋଚନା ହେଉଛି ।

## ବିଦ୍ୟାପୀଠରେ ପୋଷାକ ବିତରଣ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର-ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ଜୟନ୍ତୀ ବେଳା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୋଷାକ ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦ୍ମନାଭ ନନ୍ଦ, ହରିରାଜପୁର ସରପଞ୍ଚ ଅଦୈତ୍ୟ ବେଉରା, ଶିମିଳିପୁର ସରପଞ୍ଚ ସୁକାନ୍ତ କୁମାର ବେହେରା, ବିଜୟ କୁମାର ନନ୍ଦ, ବସନ୍ତ କୁମାର ମହାନ୍ତି, ପିତବାସ ନାୟକ, ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ । ଶିକ୍ଷକ ସନ୍ତୋଷ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ନଟବର ସ୍ୱାଇଁ ଓ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ଦାସରଥି ବେଉରା ଧନ୍ୟବାଦଦ ଅର୍ପଣ କରିଥିଲେ ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-60-25

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ନିମନ୍ତେ ଭୁବନେଶ୍ୱର (BBS) କୋଚିଙ୍ଗ୍ ଡିପୋ ଠାରେ ମେଲ୍/ଏକ୍ସପ୍ରେସ୍/ସୁପରଫାଷ୍ଟ/ରାଜଧାନୀ ଟାଇପ୍ ଟ୍ରେନ୍‌ଗୁଡ଼ିକରେ AC କୋଚ୍‌ଗୁଡ଼ିକର ମାର୍ଗଦର୍ଶନ ନିମନ୍ତେ ଜନଶକ୍ତି (କୁଶଳୀ-08 ଗୋଟି ଏବଂ ଅର୍ଦ୍ଧ-କୁଶଳୀ-116 ଗୋଟି)ର ବହିଃସ୍ରୋତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 12,23,94,164.31, EMD (₹) : 7,62,000.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍

PR-868/Q/25-26


## ମହିଳା ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ମହିଳା ମହାବିଦ୍ୟାଳୟରେ ୩୭ତମ କ୍ରୀଡ଼ା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ଆଥଲେଟିକ କ୍ଲବ ସହ ସମ୍ପାଦିକା ପ୍ରଫେସର୍ ଗୀତାଞ୍ଜଳି ନାଏକ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀ ବର୍ଷାରାଣୀ ଦେହୁରୀଙ୍କୁ ମଞ୍ଚ ପରିଚାଳନା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ପ୍ରଫେସର୍ ଡକ୍ଟର ଲଳିତ ରଞ୍ଜନ ସାହୁ କ୍ରୀଡା ସାଂପ୍ରତିକ ସମୟରେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । ତେଣୁ କ୍ରୀଡାକୁ ନିଜ ବୃତ୍ତି ଭାବେ ମଧ୍ୟ ବାଛି ପାରିବେ ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଚିତ୍ତରଞ୍ଜନ ସାହୁ ଉଦଯାପନୀ ଦିବସରେ ଯେ କୌଣସି ଦୁଇଟି ବ୍ୟାୟାମ ପ୍ରତ୍ୟେକ ଦିନ କରିବା ପାଇଁ କହିଥିଲେ । ଏହି ଅବସରରେ ଏକାଡେମୀ ବର୍ଷର ପ୍ରଫେସର୍ ଡକ୍ଟର ବିଷ୍ଣୁ ଚରଣ ଦାସ କ୍ରୀଡାବିତ୍‌ମାନଙ୍କ ପାଇଁ ସାମ୍ପ୍ରତିକ ସମୟ ଗୋଟିଏ ସୁବର୍ଣ୍ଣ ଯୁଗର ସମୟ । ଏହାକୁ ବିନିଯୋଗ କର ଦେଖିବ ଜଣେ ସମାଜର ପରିଚିତ ନାମ ହୋଇ ଉଭା ହେବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପାରା ଅଲମ୍ପିୟାଡ ଭାନୁମତି ବେହେରା ଛାତ୍ରୀମାନଙ୍କୁ ନିଜର ଚେଷ୍ଟା ଓ ଉଦ୍ୟମ ଯୋଗୁଁ ଜଣେ ସଫଳ ମଣିଷ ହୋଇପାରିବ ଓ ଦେଶର ନାମକୁ ସର୍ବାଗ୍ରେ ରଖି ପାରିବ । ଅନ୍ୟତମ ସମ୍ମାନୀତ ଅତିଥି ରେଣୁବାଳା ମହାନ୍ତ ନିଜର ପାରଙ୍ଗମତା ଓ ଶୃଙ୍ଖଳା ଯୋଗୁଁ ସଫଳ ନିଶ୍ଚିତ ଆଣିଦେବ । ଖେଳରେ ହାରିବା ଜିତିବା ଆସେ । ତେଣୁ ହାରିବା ଭିତରେ ଜିତିବା, ଜିତିବା ଭିତରେ ହରାଇବାକୁ ହୃଦୟଙ୍ଗମ କରିବା ପାଇଁ ପଡିବ ତେବେ ଯାଇ ସଫଳତାର ସ୍ୱାଦକୁ ଚାଖି ପାରିବେ । ଅନ୍ୟତମ ମୁଖ୍ୟ ଅତିଥି ସରୋଜ କୁମାର ଜୀବନର ମୂଲ୍ୟକୁ କିପରି ବିନିଯୋଗ କରିବ ଓ କିପରି ସମୟକୁ ଭାଗ ଭାଗ କରି ବ୍ୟବହାର କରିବ ତାହାକୁ ଧ୍ୟାନ ଦେବା ଉଚିତ୍ । କ୍ରୀଡା, ଯୋଗ, ଧ୍ୟାନ ଆଦି ମାଧ୍ୟମରେ ନିଜର ସଂଯମତା ଆଣିବା ସହ ଜଣେ ନ୍ୟାୟିକ ମଣିଷ ଭାବେ ସମାଜରେ ଛିଡା ହୋଇପାରିବ । ଯୁକ୍ତ ୨ ଆଥଲେଟିକ ସହ ସମ୍ପାଦିକା ପ୍ରଫେସର୍ ଦେବାନନ୍ଦ ମାଲିକ କ୍ରୀଡାକୁ ବର୍ତ୍ତମାନ ସମୟରେ କୁଟନୈତିକ, ରାଜନୈତିକ, ଅର୍ଥନୈତିକ ଆଦି କ୍ଷେତ୍ରରେ ପ୍ରୟାଗ କରାଯାଉଛି, ତେଣୁ ଏହା ଏକ ସମାଜର ବଡ଼ ସ୍ଥାନ ବୋଲି ପିଲାଙ୍କୁ ସୂଚନା ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର, ମେଡାଲ ସହ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏଥିସହିତ ଯୁକ୍ତ ୨ ଶ୍ରେଣୀର ଚମ୍ପିଅନ ସୂପି ଦେହୁରୀ ଏବଂ ସ୍ନାକୋତ୍ତ ଓ ସ୍ନାତକୋତ୍ତର ଶ୍ରେଣୀର ଚମ୍ପିଆନ ତପସ୍ୱିନୀ ମୁଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା ।

## ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ




**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ଜୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ସକାଳ ୧୦ ଘଟିକା ସମୟରେ ଶୁଭାରମ୍ଭ ହୋଇଯାଇଛି । ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ଉଦଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାକୁ ଉପଭୋଗ କରିବାପାଇଁ ପ୍ରେରଣା ଦେଇଥିଲେ । ଏ ଅଞ୍ଚଳର ବିଶିଷ୍ଟ କ୍ରୀଡା ଶିକ୍ଷକ ହରିଶଚନ୍ଦ୍ର ରାଉତ କ୍ରୀଡା ସଞ୍ଚାଳନ କରିଥିଲେ । କ୍ରୀଡା ବିଭାଗର ମୁଖ୍ୟ ବରିଷ୍ଠ ଅଧ୍ୟାପକ ମହେନ୍ଦ୍ର କୁମାର କର କ୍ରୀଡାକୁ ସୁଚାରୁ ରୂପେ ପରିଚାଳନା ପାଇଁ ମାର୍ଗଦର୍ଶନ ଦେଇଥିଲେ । କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ସ୍ୱେଚ୍ଛାସେବୀ ପ୍ରତିଯୋଗୀମାନଙ୍କୁ କ୍ରୀଡା ଉତ୍ସବରେ ଭରପୁର ସହଯୋଗ କରିଥିଲେ । ଆନନ୍ଦର କଥା ଚଳିତ ବର୍ଷ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଯୋଗଦେଇ କ୍ରୀଡା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.8570 date-04-12-2025. I Subhadra Mandal, W/O- Ajit Mandal, Vill-Khamarsahi, Post- Dangamal -, P.S. - Rajnagar, Dist-Kendrapara, State- Odisha, PIN-754248, declare that, I have changed my minor daughter's name from Ankita Priyadarshini to Ankita Priyadarshin Mandal. Henceforth, she shall be known as Ankita Priyadarshin Mandal for all purposes.

S/d-
Subhadra Mandal.

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 5th December, 2025 Friday | RNI Regd. No. ODIODI/2009/28880

## ହେଲ୍‌ଥ ଟନିକ୍



### ଟେଷ୍ଟି କାଜୁ !

ପତିଦେବ ଜରି ପ୍ୟାକେଟ୍‌ରୁ କାଢ଼ି କିଛି ସୁଆଦିଆ ଜିନିଷ ଖାଉଥିଲେ । ପତ୍ନୀଦେବୀ ଘର ଭିତରକୁ ପଶିଆସି ସ୍ୱାମୀଙ୍କୁ ପାକୁଳି କରୁଥିବାର ଦେଖି ପଚାରିଲେ- କ'ଣ ଖାଉଛ କିଓ ?

ପତିଦେବ କହିଲେ- କାଜୁବାଦାମ ଖାଉଛି ।

ପତ୍ନୀଦେବୀ କହିଲେ- ଗୋଟେ ଦେଲ, ଖାଇକି ଦେଖେ କେମିତି ସୁଆଦ ?

ପତିଦେବ ତୁରନ୍ତ ଜରି ପ୍ୟାକେଟ୍‌ରୁ ଗୋଟେ କାଜୁବାଦାମ କାଢ଼ି ପତ୍ନୀଦେବୀଙ୍କ ହାତକୁ ବଢ଼ାଇ ଦେଲେ ।

ପତ୍ନୀଦେବୀ ତାକୁ ଖାଇବା ପରେ କହିଲେ- ଆଉ ଦୁଇ ଚାରିଟା ଦଉନ ଖାଇକି ଦେଖିବା ।

ପତିଦେବ କହିଲେ- ତମେ ଯୋଉଟା ଖାଇଲ ତା'ର ଯେମିତି ଟେଷ୍ଟ ଅନ୍ୟଗୁଡ଼ା ପୁରା ସେଇ ଟେଷ୍ଟ ।

## ଅପହରଣ ମାମଲା: ୫ ଜଣଙ୍କୁ ଉଠାଇ ଆଣିଲା ପୋଲିସ

**ରାଜନଗର,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ଥାନା ଅନ୍ତର୍ଗତ ଡିଅ ।ପାରି ଗାଁର ବଳରାମ ସେଠୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି ଏହି ବ୍ଲକ ସାନବଡ ଗୋପାଳପୁର ବଜାରରେ ବିଦେଶୀ ଠିପି ବନ୍ଦ ମଦ ଦୋକାନ ନିକଟରେ ଘଖଣା ଦୋକାନ ରହିଛି ବଳରାମଙ୍କର ୫ ଦିନ ତଳେ ବଳରାମଙ୍କୁ ଅପହରଣ କରଯାଇଥିଲା ବଳରାମଙ୍କ ପୁଅ ଗୁଡ୍ଡୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ପୋଲିସ ଏହି ଘଟଣାରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ମାସେ ତଳେ ଘଖଣା କିଣିବା ସମୟରେ ବଳରାମଙ୍କ ସହ କିଛି ଯୁବକଙ୍କର ପାଟିତୁଣ୍ଡ ହୋଇଥିଲା ପୋଲିସ ଏହି ଘଟଣାରେ ଆଜି କୋଇଲିପୁର ଅଞ୍ଚଳରୁ ୫ ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି

## ବାରବାଟୀରେ ପ୍ରଥମଥର ଖେଳିବେ ସୂର୍ଯ୍ୟ କୁମାର, ଅଭିଷେକ ଓ ତିଳକ

**କଟକ,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାରବାଟୀ ଟି-ଟ୍ୱେଣ୍ଟି ପାଇଁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ନିଜ ପ୍ରିୟ ଖେଳାଳିଙ୍କୁ ପାଖରୁ ଦେଖିବାର ସୁଯୋଗ ହାତଛଡା କରିବେନି ପ୍ରଶଂସକ । ତେଣୁ ଟିକେଟ ଖଣ୍ଡେ ପାଇବାକୁ ଚାତକ ଭଳିଚାହିଁ ବସିଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ପାଇଁ ଦଳ ଘୋଷଣା ହୋଇଛି । ଦଳରେ କିଛି ତାରକା ଘରୋଇ ଖେଳାଳି ପ୍ରଥମ ଥରବାରବାଟୀରେ ଖେଳିବେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମାଓ ତିଳକ ବର୍ମା ପ୍ରଥମଥର ପାଇଁ ବାରବାଟୀ ଷ୍ଟାଡିୟମ୍ ଆସୁଛନ୍ତି ।

ବାରବାଟୀରେ ଏ ପର୍ଯ୍ୟନ୍ତ ମାତ୍ର ୩ଟି ଟି-ଟ୍ୱେଣ୍ଟି ଖେଳାଯାଇଛି । ୨୦୧୫ରେ ପ୍ରଥମ ଥର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଭ୍ରମଣକାରୀ ଦଳମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଭାରତକୁ ୬ ୱିକେଟରେ ହରାଇଥିଲା । ଏହି ମ୍ୟାଚ୍‌ରେ ଧୋନିଙ୍କ ସମେତ ରୋହିତ ଶର୍ମା, ବିରାଟ କୋହଲି, ସୁରେଶ ରାଇନା, ଶିଖର ଧାୱନ ଓ ଆର୍.ଅଶ୍ୱିନୀଙ୍କ ଭଳି କ୍ରିକେଟରଙ୍କୁ ଦେଖିବାକୁ ମିଳିଥିଲା । ୨ ବର୍ଷ ଅନ୍ତରରେ ୨୦୧୭ରେ ପୁଣି ଥରେ ବାରବାଟୀକୁ ଫେରିଥିଲା ଟି-ଟ୍ୱେଣ୍ଟି । ଭାରତ ସାମ୍ନାରେ ଥିଲା ଶ୍ରୀଲଙ୍କା । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଶ୍ରୀଲଙ୍କାକୁ ଏକତରଫା ଭାବେ ୯୩ରନ୍‌ରେ ହରାଇଥିଲା । ଏଥିରେ ଶ୍ରେୟାଶ ଆୟର, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡା, କୁଲଦୀପ ଯାଦବଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା । ୨୦୨୨ ଜାନୁୟାରୀ ୧୨ରେ ଅନୁଷ୍ଠିତ ବାରବାଟୀର ତୃତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଘରୋଇ ଦଳକୁ ହରାଇଥିଲା । ରିଷଭ ପନ୍ଥଙ୍କ ନେତୃତ୍ୱରେ ଖେଳିଥିଲା ଭାରତ ।

## ସାମ୍ବାଦିକଙ୍କୁ ପେନସନ୍ ପ୍ରସ୍ତାବ ବିଚାରାଧିନ

**ଭୁବନେଶ୍ୱର,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ କରିବା ପ୍ରସ୍ତାବ ଓଡ଼ିଶା ସରକାରଙ୍କ ବିଚାରାଧୀନ ରହିଛି ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ।

ଭାଜପା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ସଂଗଠନ ପକ୍ଷରୁ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ ମିଳିଛି । ଏହି ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ପ୍ରିଣ୍ଟ୍, ଇଲେକ୍‌ଟ୍ରୋନିକ୍, ଡିଜିଟାଲ୍ ଓ ୱେବ୍ ମିଡିଆରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯାଉଛି ।

ଏହି ଯୋଜନା ଅଧୀନରେ କାର୍ଯ୍ୟରତ ସାମ୍ବାଦିକ ଏବଂ ତାଙ୍କ ପରିବାର ଏମ୍‌ପ୍ୟାନେଲ୍ଡ ହସ୍ପିଟାଲ୍‌ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରୁଛନ୍ତି ।

### ଓଇଆରସିରେ ମାମଲା ବିଚାରାଧିନ

## ଟାଟାର ଅତିରିକ୍ତ ସୁରକ୍ଷା ଜମା ଆଦାୟକୁ ନେଇ ଲୋକେ କ୍ଷୁବ୍ଧ

**ଭୁବନେଶ୍ୱର,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ୟାନ୍ୟ ସେବା କିମ୍ବା ବସ୍ତୁକୁ ଦୀର୍ଘକାଳ ବ୍ୟବହାର କରିବା ପାଇଁ ଯେପରି ଦୁଇମାସର ସୁରକ୍ଷା ଜମାଟଙ୍କା ବାନ୍ଧିବାକୁ ପଡୁଛି ନୂତନ ବିଦ୍ୟୁତ ସଂଯୋଗ ନେବାବେଳେ ସେପରି ବିଦ୍ୟୁତ ଉପଭୋକ୍ତାଙ୍କୁ ବାନ୍ଧିବାକୁ ପଡୁଛି । ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ପ୍ରଣିତ କରିଥିବା ଅଧିନିୟମ ଅନୁସାରେ ନୂତନ ବିଦ୍ୟୁତ ସଂଯୋଗ ନେବା ସମୟରେ ଉପଭୋକ୍ତାମାନେ ଦୁଇମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ସୁରକ୍ଷା ଜମାଟଙ୍କା ବିତରଣ କମ୍ପାନୀଗୁଡ଼ିକୁ ପଇଠ କରନ୍ତି । କିନ୍ତୁ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଅଦାୟ କରିବା ପାଇଁ ବିତରଣ କମ୍ପାନୀଗୁଡ଼ିକୁ ଓଇଆରସି ଅଧିନିୟମ ମଞ୍ଜୁର କରିଥିଲେବି ଏହାକୁ ଅଦାୟ କରିବା ବିତରଣ କମ୍ପାନୀଗୁଡ଼ିକର ଇଚ୍ଛାଧୀନ ବ୍ୟାପାର । କାରଣ ସାଧାରଣତଃ ଉପଭୋକ୍ତାଙ୍କର ବିଦ୍ୟୁତ ଚାଳିତ ଉପକରଣ ସଂଖ୍ୟା ଓ ଲୋଡ ପ୍ରତିବର୍ଷ ବୃଦ୍ଧି ହୁଏନାହି । ତେଣୁ ସାଧାରଣ ଉପଭୋକ୍ତାଟିର ପ୍ରତିବର୍ଷ ବିଦ୍ୟୁତ ବ୍ୟବହାର ପରିମାଣ ବୃଦ୍ଧି ପାଇବା ଆଶା କ୍ଷୀଣ । ଟାଟା ଓଡିଶା ବିଦ୍ୟୁତ ବିତରଣ ଭାର ଗ୍ରହଣ କରିବା ପୂର୍ବରୁ ପ୍ରତିବର୍ଷ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ ହେଉ ନଥିଲା । ଆଶ୍ଚର୍ଯ୍ୟର କଥା ଗତ ୪ ବର୍ଷଧରି ଟାରିଫ ବୃଦ୍ଧି ହୋଇନଥିଲେବି ଟାଟା ପ୍ରତିବର୍ଷ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରୁଛି । ଅଭିଯୋଗ ଉଠିଛି, ଟାଟା ଅନ୍ୟାୟ ଭାବେ ଉପଭୋକ୍ତାର ହାରାହାରି ମାସିକ ବିଦ୍ୟୁତ ବ୍ୟବହାର ବୃଦ୍ଧିକରି ଅଧିକ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରୁଛି । ମାମଲାଟି ଓଇଆରସିରେ ବିଚାରାଧିନ ଥିଲେବି ଟାଟା ଉତ୍ତର ନରଖି ଓ ନିୟାମକ ବ୍ୟବସ୍ଥାକୁ ବେଖାତିର କରି ଚଳିତ ବର୍ଷରେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ ପାଇଁ ବିଜ୍ଞାପନ କରିଛି ।

ଓଇଆରସି ଅଧିନିୟମ ଅନୁସାରେ ବିତରଣ କମ୍ପାନୀ ପାଖରେ ଗଚ୍ଛିତ ଥିବା ଉପଭୋକ୍ତାଙ୍କର ସୁରକ୍ଷା ଜମାଟଙ୍କା ପରିମାଣକୁ ପ୍ରତିବର୍ଷ ସମୀକ୍ଷା କରିବା ପାଇଁ କୁହାଯାଇଛି । ଉକ୍ତ ଅଧିନିୟମ ସ୍ପଷ୍ଟ କରି କହିଛି ଯେ ସାଧାରଣତଃ ଯେଉଁ ବର୍ଷ ଟାରିଫ ବୃଦ୍ଧିଘଟିବ ତା ପରବର୍ଷ ଉପଭୋକ୍ତାଙ୍କର ସୁରକ୍ଷା ଜମାଟଙ୍କାକୁ ବିତରଣ କମ୍ପାନୀମାନେ ସମୀକ୍ଷା କରି ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିପାରିବେ । ପୂର୍ବବର୍ଷ ୨୦୨୪-୨୫ରେ ଟାଟା କମ୍ପାନୀ ଗୋଟିଏ ବିଜ୍ଞାପନ ଦେଇ ପ୍ରଚୁର ଅତିରିକ୍ତ ସୁରକ୍ଷା ଜମାଟଙ୍କା ଅଦାୟ କରିଥିଲା । ଅଭିଯୋଗ ଆସିବା ପରେ ୨୧.୦୩.୨୦୨୫ରେ ଏହି ଖବରକାଗଜରେ ଏକ ଖବର ପ୍ରକାଶ ପାଇଥିଲା । ଅନୁସନ୍ଧାନରୁ ଜଣାପଡିଥିଲାଯେ ଦୁଇମାସର ବିଦ୍ୟୁତ ବ୍ୟବହାରକୁ ଅନ୍ୟାୟ ଭାବେ ବୃଦ୍ଧିକରି ଧାର୍ଯ୍ୟ ପରିମାଣ ଠାରୁ ଟାଟା ଅଧିକ ଅଦାୟ କରୁଛି । ସମାଜର ସମ୍ପାଦକ ତପନ ମିଶ୍ରଙ୍କ ୨୦୨୩-୨୪ରେ ହାରାହାରି ଦୁଇମାସର ବିଦ୍ୟୁତ ବ୍ୟବହାର ୧୦୩୦ୟୁନିଟ ହୋଇଥିବାବେଳେ ତାହାକୁ ବଢାଇ ୧୦୪୮ ୟୁନିଟ ଧାର୍ଯ୍ୟକରି ଅନ୍ୟାୟ ଭାବେ ତାଙ୍କଠାରୁ ଅଧିକ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଟାଟା ଅଦାୟ କରିଛି । ଶ୍ରୀ ମିଶ୍ର ଏପରି ଶୋଷଣ ରହସ୍ୟ ଜାଣିବା ପରେ ସମାଧାନ ପାଇଁ ସାମାଜିକ ଗଣମାଧ୍ୟମରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କୁ ଅନୁରୋଧ କଲେ । ଶ୍ରୀ ମହାପାତ୍ର ବ୍ୟକ୍ତିଗତ ଭାବେ ଟାଟା କାର୍ଯ୍ୟାଳୟରେ ଉପସ୍ଥିତ ରହି ମାମଲାଟିକୁ ଯାଞ୍ଚ କରି ଜାଣିବାକୁ ପାଇଲେଯେ ଶ୍ରୀ ମିଶ୍ରଙ୍କ ଦୁଇମାସର ହାରାହାରି ବିଦ୍ୟୁତ ବ୍ୟବହାରକୁ ଅନ୍ୟାୟ ଭାବେ ୨୪ ୟୁନିଟ ବୃଦ୍ଧିକରି ତାଙ୍କଠାରୁ ଅଧିକ ୧୦୯ ଟଙ୍କା ଅତିରିକ୍ତ ସୁରକ୍ଷା ଜମାଟଙ୍କା ଅଦାୟ ହୋଇଛି । ଶ୍ରୀ ମିଶ୍ରଙ୍କ ଅତିରିକ୍ତ ସୁରକ୍ଷା ଜମାଟଙ୍କା ପରିମାଣ ଓଇଆରସି ଅଧିନିୟମ ଅନୁସାରେ ୪୪୦୫ ଟଙ୍କା ଦେୟ ହେଉଥିବାବେଳେ ଟାଟା ଅନ୍ୟାୟ ଭାବେ ହାରାହାରି ବିଦ୍ୟୁତ ବ୍ୟବହାର ବୃଦ୍ଧିକରି ୪୫୧୪ ଟଙ୍କା ବିଲ କରିଛି । ଅନୁସନ୍ଧାନରୁ ଜଣାପଡିଲା ଟାଟା ପ୍ରୟୋଗ କରିଥିବା ବୈଷୟିକ ଜ୍ଞାନ କୌଶଳ ଉପଭୋକ୍ତାର ମାସିକ ହାରାହାରି ବିଦ୍ୟୁତ ବ୍ୟବହାରକୁ ନିର୍ଣ୍ଣୟ କରିବା ପାଇଁ ୧୩ ମାସ ବିଚାରକୁ ନେଇଛି କିନ୍ତୁ ଓଇଆରସି ଅଧିନିୟମ ୧୨ ମାସ ପ୍ରଣିତ କରିଛି ।

### ଚଳିତବର୍ଷ ପାଇଁ ଆଦାୟ ବିଜ୍ଞାପନ ବେଆଇନ; ଶକ୍ତି ଶମୀକ୍ଷକ

ତେବେ ଟାଟାର ଗତ ପାଞ୍ଚବର୍ଷର କାର୍ଯ୍ୟଦକ୍ଷତା ଉପରେ ଓଇଆରସି ପ୍ରଶ୍ନ ଉଠାଇ ନିଜଆଡୁ ଏକ ମାମଲା ୫୧/୨୦୨୫ ଆରମ୍ଭ କରି ଜନସାଧାରଣଙ୍କ ମତାମତ ଆହ୍ୱାନ କରିଥିଲେ । ଉକ୍ତ ମାମଲାରେ ଶ୍ରୀ ମହାପାତ୍ର ଅଂଶଗ୍ରହଣ କରି ଶ୍ରୀ ମିଶ୍ରଙ୍କ ସହିତ ହୋଇଥିବା ଶୋଷଣକୁ ପ୍ରମାଣ ଭାବେ ଦର୍ଶାଇ ଟାଟାର ଉପଭୋକ୍ତା ଶୋଷଣ ନୀତି ବିରୁଦ୍ଧରେ ଅବଶ୍ୟକୀୟ ଦସ୍ତାବିଜ ଉପସ୍ଥାପନ କରିଥିଲେ । ଜନଶୁଣାଣୀ ସମୟରେ ଶ୍ରୀ ମହାପାତ୍ର ଟାଟାର ବୈଷୟିକ ଜ୍ଞାନ କୌଶଳରେ ଥିବା ତ୍ରୁଟିକୁ ସଂଶୋଧନ କରିବା ପାଇଁ ଆୟୋଗଙ୍କୁ ନିବେଦନ କଲେ ଏବଂ ଅନ୍ୟାୟ ଭାବେ ଶ୍ରୀ ମିଶ୍ରଙ୍କ ସହିତ ଏକକୋଟି ଉପଭୋକ୍ତାଙ୍କ ଠାରୁ ଅଧିକ ଆଦାୟ ହୋଇଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କାକୁ ସୁଧସହ ଫେରସ୍ତ କରିବା ପାଇଁ ଓଇଆରସିଙ୍କୁ ପାର୍ଥନା କରିଥିଲେ । ଶ୍ରୀ ମହାପାତ୍ରଙ୍କ ଯୁକ୍ତିକୁ ଟାଟା ବିରୋଧ ନକରି ନୀରବ ରହିଲେ । ଏପର୍ଯ୍ୟନ୍ତ ଉକ୍ତ ମାମଲାଟି ଫଇସଲା ନହୋଇ ଆୟୋଗଙ୍କ ବିଚାରଧିନ ଅଛି । ଇତିମଧ୍ୟରେ ଦୁଇମାସ ବିତି ଯାଇଥିଲେବି ଟାଟା ଅନ୍ୟାୟ ଭାବେ ଗତବର୍ଷ ଆଦାୟ କରିଥିବା ଅଧିକ ଅତିରିକ୍ତ ସୁରକ୍ଷା ଜମାଟଙ୍କାକୁ ଏପର୍ଯ୍ୟନ୍ତ ଉପଭୋକ୍ତାଙ୍କୁ ଫେରସ୍ତ କରିନାହି । ତେବେ ମାମଲାଟି ଆୟୋଗଙ୍କ ବିଚାରଧିନ ଥିବାବେଳେ ଚଳିତ ବର୍ଷରେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ପାଇଁ ଟାଟା ବିଜ୍ଞାପନ ଦେବା ଘଟଣା ଓଇଆରସି କୋର୍ଟକୁ ସମ୍ପୂର୍ଣ୍ଣ ଅବମାନନା ଓ ରାଜ୍ୟପାଇଁ ବିଡମ୍ବନା ହୋଇଛି ।

### ଓଡ଼ିଆ ଯୁବକ ଚାକିରୀ ପାଉନାହାନ୍ତି

## ଅଣଓଡ଼ିଆ ସର୍ଭିସ୍ ପ୍ରୋଭାଇଡ଼ର ଶହ ଶହ କୋଟି ଟଙ୍କା ଲୁଟି ଚାଲିଛନ୍ତି !

**ଭୁବନେଶ୍ୱର,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଚାଲିଥିବା ବିଜେଡ଼ି ଶାସନରେ ସଚେତନ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ । ଯଦିଓ ଜଣେ ଅଣଓଡ଼ିଆ ଅଫିସରଙ୍କ ହାତରେ ଶାସନ ରହିବାକୁ କେହି ଗ୍ରହଣ କରିପାରୁନଥିଲେ ତଥାପି ଆହୁରି ବହୁ କାରଣ ଜନଅସନ୍ତୋଷ ବୃଦ୍ଧି କରିଥିଲା । ବିଶେଷ କରି ରାଜ୍ୟର ଖଣି,ପାଣି,ବାଲି,ଜଙ୍ଗଲ,ଜମି ଆଦି ସମ୍ବଳକୁ ମୂଲ୍ୟଯୁକ୍ତ କରିବା ପରିବର୍ତ୍ତେ ଏହାର ସାହାଣମେଲା ଲୁଟ୍ , ଲୋକଙ୍କ ଟିକସ୍ ଅର୍ଥ ର ଯୋଜନାବଦ୍ଧ ହରିଲୁଟ୍ ଓ ରାଜ୍ୟର ଦୀର୍ଘ ମିଆଦୀ ବିକାଶ କୁ ଗୌଣ କରି ନାନାଦି ସ୍କିମ୍ ଜରିଆରେ କ୍ରମାଗତ ଭାବେ ଭୋଟ ସଂଗ୍ରହ କରାଯିବା ପ୍ରୟାସକୁ ସଚେତନ ଲୋକେ ଆଉ ଗ୍ରହଣ କରିବା ଅବସ୍ଥାରେ ନଥିଲେ । ଫଳରେ ବିଜେପି ଗତ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଲାଭ କରି କ୍ଷମତାସୀନ ହେଲା । ଇତି ମଧ୍ୟରେ ପାଖାପାଖି ଦେଢ ବର୍ଷ ଅତିକ୍ରାନ୍ତ ହୋଇଗଲାଣି ।ହେଲେ ବିଜେଡ଼ି ଶାସନର ଅବ୍ୟବସ୍ଥା ଏଯାଏ ବଳବତ୍ତର ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ଅନେକଙ୍କ କହିବା କଥା ହେଲା ପୂର୍ବପରି ସମ୍ବଳର ଠିକଣା ଉପଯୋଗ କରାନଯାଇ କିଛି ଅଣଓଡ଼ିଆଙ୍କୁ ଲୁଟ୍ ପାଇଁ ଛାଡ଼ିଦିଆଯାଇଛି । ଆଉ ଲୋକଙ୍କ ଟିକସ ଅର୍ଥ କୁ ବିକାଶ ଆଳରେ ଅଣଓଡ଼ିଆ ଠିକାଦାର ବା ଠିକାଦାରୀ ସଂସ୍ଥା ଜରିଆରେ ଚଂଚକତା କରାଯାଇ ପୂର୍ବରୁ ଯେପରି ହରିଲୁଟ୍ କରାଯାଉଥିଲା ଏବେ ସେହି ରାସ୍ତାରେ ଚାଲିଛନ୍ତି ତଥାକଥିତ ଲୋକଙ୍କ ସରକାର । ରାଜ୍ୟରେ ପଂଜିକୃତ ବେକାରୀଙ୍କ ସଂଖ୍ୟା ୧୩ଲକ୍ଷ ଟପିସାରିଥିବାବେଳେ ନିଯୁକ୍ତି କିମ୍ବା କର୍ମ ନିଯୁକ୍ତି ର କୌଣସି ସୁଯୋଗ ସୃଷ୍ଟି କରାଯାଉନାହିଁ । ଫଳରେ ରାଜ୍ୟରେ ଯୁବବର୍ଗ ଅତିଷ୍ଠ ହୋଇଗଲେଣି । ସରକାରୀ ସ୍ତରରେ ଖାଲି ପଡ଼ୁଥିବା ପଦବୀ ସଂଖ୍ୟା ବଢିଚାଲିଥିଲାବେଳେ ସରକାର ପୂର୍ବପରି ଆଉଟ୍‌ସୋର୍ସିଂ,ସର୍ଭିସ୍ ପ୍ରୋଭାଇଡ଼ର ଓ କନ୍ସଲଟାନ୍ସି ଜରିଆରେ ସରକାରୀ କାମ ଚଳାଇ ନେଉଛନ୍ତି । ଆଉ ଏହି ଆଉଟ୍‌ସୋର୍ସିଂ,ସର୍ଭିସ୍ ପ୍ରୋଭାଇଡ଼ର ଓ କନ୍ସଲଟାନ୍ସି ସଂସ୍ଥାମାନେ ଶହ ଶହ କୋଟି ଟଙ୍କା ଲୋକଙ୍କ ଟିକସ ଅର୍ଥରୁ ନେଇ ଚାଲିଛନ୍ତି । ସେମାନଙ୍କ ଅଧିନରେ କାମ କରୁଥିବା ଯୁବବର୍ଗଙ୍କ ହାତକୁ ଦରମା ଆକାରରେ ଯାହା କିଛି ଟୋକନ୍ ମନି ଆସିବା ସାର ହେଉଛି । ପୂର୍ବ ସରକାରଙ୍କ ଅମଳରେ ପ୍ରକ୍ରୀୟା ଶେଷ ହୋଇ ଅଦାଲତି ମାମଲା ଯୋଗୁ ନିଯୁକ୍ତି ଦିଆଯାଇନଥିବା ପ୍ରାୟ ୧୫ହଜାର ଶିକ୍ଷକଙ୍କୁ ଏ ସରକାର ନିଯୁକ୍ତି ଦେଇ ବାହାବା ନେଉଥିଲେ ମଧ୍ୟ ଆଉ ସେମିତି ବଡ଼ ନିଯୁକ୍ତି ବିଗତ ଦେଢବର୍ଷ ମଧ୍ୟରେ ସମ୍ଭବ ହୋଇନାହିଁ । ଯାହାର ପରିଣାମରେ ଯେକୌଣସି ସରକାରୀ ଅଫିସ୍ କୁ ଗଲେ ଅଧିକାରୀ କର୍ମଚାରୀ ଅଭାବ ଜଳଜଳ ହୋଇ ଦେଖାଯାଉଛି । ଯାହା ସରକାରୀ କାମକୁ ପ୍ରଭାବିତ କରିଛି । ଜନଗଣଙ୍କୁ ତ୍ୱରିତ ସରକାରୀ ସେବା ଯୋଗାଇ ଦେବା କ୍ଷେତ୍ରରେ ହେଉ କି ସରକାରୀ ଯୋଜନା କାର୍ଯ୍ୟକାରୀକରିବା କ୍ଷେତ୍ରରେ ହେଉ ଅଚଳାବସ୍ଥା ଦେଖାଦେଇଛି । ଲୋକଙ୍କୁ ଆଉ ତହସିଲ ଅଫିସ୍‌କୁ ଦୌଡ଼ିବାକୁ ପଡ଼ିବନି, ଘରେ ବସି ଅନଲାଇନ୍‌ରେ ସମସ୍ତ ସେବା ପାଇପାରିବେ ବୋଲି ସରକାର ବାହାସ୍ଫୋଟ ମାରୁଥିବାବେଳେ ଆବଶ୍ୟକ ଅଧିକାରୀ ନଥିବାରୁ ପୂର୍ବପରି ଲୋକେ ବିଭିନ୍ନ କାମ ପାଇଁ ଅନ୍ ଲାଇନ୍ ରେ ଆବେଦନ କଲା ପରେ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । ସରକାର ଆଉଟସୋର୍ସିଂରେ ରଖିଥିବା କିଛି ଡ଼ାଟା ଏଣ୍ଟ୍ରି ଅପରେଟର ବା କମ୍ପ୍ୟୁଟର ପ୍ରୋଗ୍ରାମର ଯଦି ଲୋକଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବେ ବୋଲି ଭାବୁଥାନ୍ତି ତାହା ବିଡ଼ମ୍ବନା ବୋଲି କୁହାଯାଉଛି । ସେହିପରି ବିଭିନ୍ନ ବ୍ଲକ୍ ରେ ଜେଇ ଙ୍କ ଅଭାବରୁ ଉନ୍ନୟନ ପ୍ରକଳ୍ପ ଗୁଡ଼ିକ ଆଗେଇ ପାରୁନି ଏବଂ ଯେଉଁଠି କିଛି କିଛି ହେଉଛି ତା'ର ମାନ ଠିକ୍ ରହୁନାହିଁ । ଜଣେ ଜଣେ ଜେଇ ଙ୍କ ହାତରେ ୪/୫ଟି ପଂଚାୟତ ଟେକି ଦିଆଯାଇଛି । ଫଳରେ ସେମାନେ କାମର ମାନ ଦେଖିପାରୁ ନାହାଁନ୍ତି । ସରକାରୀ ଚାପରୁ ନିସ୍ତାର ପାଇଁ ଅନେକ ଜେଇ ବ୍ୟକ୍ତିଗତ ଭାବେ ଜଣେ ଜଣେ କା ରଖି ସେମାନଙ୍କ ଜରିଆରେ ଉନ୍ନୟନ ପ୍ରକଳ୍ପର ତଦାରଖ କରୁଛନ୍ତି । ବିଭିନ୍ନ ଲାଇନ୍ ଡ଼ିପାର୍ଟମେଣ୍ଟ ଅବସ୍ଥା ଆହୁରି ସଂଗୀନ । କୌଣସି ବିଭାଗରେ ସେକ୍ସନ ୱାଇଜ୍ ଆଉ ଜେଇ ନାହାଁନ୍ତି । ବରଂ ଗୋଟିଏ ସବ୍ ଡ଼ିଭିଜନରେ ଜଣେ ଲେଖାଏଁ ଜେଇ କାମ କରୁଛନ୍ତି । ୨୦୨୫ମସିହା ସରିବାକୁ ବସିଲାଣି ,ହେଲେ ସରକାର ୨୦୨୪ମସିହାର ଜେଇ ନିଯୁକ୍ତି କରୁନାହାଁନ୍ତି । ଥାନା ଫାଣ୍ଡିର ଅବସ୍ଥା କହିଲେ ନସରେ । ଚଳିତ ବର୍ଷ ଗୁଡ଼ାଏ ହୋମଗାର୍ଡ଼ ନିଯୁକ୍ତି ଦେଇ ହୋମଗାର୍ଡ଼ ଚାକିରୀ ବିକ୍ରିର କଳଙ୍କ କିଛି ଜିଲ୍ଲା ପୋଲିସ ମୁଣ୍ଡାଇଲେ ସିନା, ହେଲେ ଆବଶ୍ୟକ ପୋଲିସ ଅଧିକାରୀ ନଥିବାରୁ ଲୋକଙ୍କ ଅଭିଯୋଗ ଗୁଡ଼ିକର ତଦନ୍ତ ହୋଇପାରୁନାହିଁ କିମ୍ବା ରୁଜୁ ହେଉଥିବା ମାମଲା ଗୁଡ଼ିକର ଚାର୍ଯସିଟ୍ ହୋଇପାରୁନାହିଁ । ସିଧାସଳଖ ଲୋକଙ୍କ ସହିତ ଜଡ଼ିତ ତହସିଲ,ବ୍ଲକ୍ ଓ ଥାନା ଗୁଡ଼ିକର ଏହି ଅଚଳାବସ୍ଥାକୁ ଦେଖିଲେ ଅନ୍ୟାନ୍ୟ ବିଭାଗରେ କିଭଳି ଚାଲିଥିବ ତାହା ସହଜରେ ଅନୁମେୟ । ତେବେ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କରେ ଆଉଟସୋର୍ସିଂ କର୍ମଚାରୀ ଭରି ରହିଥିବାବେଳେ ନିୟମିତ କର୍ମଚାରୀଙ୍କ ପାଇଁ ଯେତିକି ଖର୍ଚ୍ଚ ହୋଇଥାନ୍ତା ତା'ର ବହୁଗୁଣା ଅର୍ଥ ସେମାନଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥାମାନେ ଉଠାଇ ନେଉଛନ୍ତି । ଏହାକୁ ପ୍ରୋତ୍ସାହିତ କରି ସରକାରୀ ବାବୁ ଓ ନେତାମାନେ କେତେ ଭାଗ ପାଉଛନ୍ତି କି ନାହିଁ ତାହା ତ ଭିନ୍ନ କଥା ,ଏହା ଯୁବବର୍ଗ ଙ୍କ ନିଯୁକ୍ତି ରେ ବାଧକ ସାଜିଛି ଏବଂ ଲୋକଙ୍କ ଟିକସ ଅର୍ଥର ଅପବ୍ୟୟ ବା ହରିଲୁଟ୍ ପାଇଁ ରାସ୍ତା ଫିଟାଇ ଦେଇଛି ବୋଲି କୁହାଯାଇଛି ।

### ପ୍ରଥମ ପୃଷ୍ଠାରୁ...

#### ବାଂଲାଦେଶରେ ଭୂମିକମ୍ପର...

ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଏହାର କେନ୍ଦ୍ରସ୍ଥଳ ନରସିଂଡି ଜିଲ୍ଲାରେ ପ୍ରାୟ ୩୦ କିଲୋମିଟର ଗଭୀର ଥିଲା । ଗଭୀରତା କମ୍ ଥିବାରୁ ଭୂମିକମ୍ପ ଶକ୍ତିଶାଳୀ ନଥିଲା, ତେଣୁ କୌଣସି ବଡ଼ ସମସ୍ୟା ସୃଷ୍ଟି ହୋଇନାହିଁ ।

#### ଭାରତରେ ରୁଷ...

ଏହି ଗସ୍ତ ସମୟରେ ରୁଷର ସର୍ବାଧୁନିକ ଏସ୍-୫୦୦ ପ୍ରତିରକ୍ଷା ପ୍ରଣାଳୀ ଭାରତ କିଣିବା ନେଇ ଚୁକ୍ତି ହେବାର ସମ୍ଭାବନା ଅଛି । ଏହା ସାଟାଲାଇଟକୁ ମଧ୍ୟ ଧ୍ୱଂସ କରିଦେଇପାରେ ।

#### ବର୍ଷକ ଭିତରେ ବନ୍ଦ...

ପାଖରେ ମଧ ଏକ ହାଇଡ୍ରୋଜେନ୍-ଚାଳିତ କାର ଅଛି, ଏବଂ ଏହା ଟୟୋଟାରୁ ଆସିଛି । ଏହା ମର୍ସିଡିଜ୍ ଭଳି ଆରାମଦାୟକ । କାରର ନାମ 'ମିରାଇ', ଏହା ଏକ ଜାପାନୀ ଶବ୍ଦ, ଯାହାର ଅର୍ଥ 'ଭବିଷ୍ୟତ' ।

ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ଅକ୍ଟୋବରରେ, କେନ୍ଦ୍ର ସରକାର ଫାସଟ୍ୟାଗ୍ ନଥିବା ଗାଡ଼ି ଚାଳକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଏଥିରେ କୁହାଯାଇଥିଲା ଯେ ଯଦି କୌଣସି ଗାଡ଼ିରେ ଫାସଟ୍ୟାଗ୍ ନାହିଁ କିମ୍ବା ଏହା କାର୍ଯ୍ୟ କାମ କରୁନାହିଁ, ତେବେ ଟୋଲ୍ ପ୍ଲାଜାରେ ନଗଦ ଆକାରରେ ଦୁଇଗୁଣ ଟୋଲ୍ ଟ୍ୟାକ୍ସ ଦେବା ପରିବର୍ତ୍ତେ, ୟୁପିଆଇ ବ୍ୟବହାର କରି ଦେୟ କଲେ କେବଳ ୧.୨୫ ଗୁଣ ଟୋଲ୍ ଟ୍ୟାକ୍ସ ଆଦାୟ କରାଯିବ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା । ନଭେମ୍ବର ୧୫ ତାରିଖରୁ ଦେଶବ୍ୟାପୀ ଟୋଲ୍ ପ୍ଲାଜାରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

#### ଗାନ୍ଧିଜୀଙ୍କ ପ୍ରତି ଶାସକ...

ଅଷ୍ଟମ ଦିନରେ ବେସରକାରୀ କାର୍ଯ୍ୟ ଦିବସ ପ୍ରସଙ୍ଗରେ ଆଲୋଚନା ପାଇଁ ସୁଯୋଗ ନ ଦିଆଯିବାରୁ ହଟଗୋଳ କରିଥିଲେ କଂଗ୍ରେସ ବିଧାୟକ । ବାଚସ୍ପତିଙ୍କ ପୋଡିୟମ ତଳେ ସମସ୍ତେ ଏକାଠି ହୋଇ ନାରାବାଜି କରିଥିଲେ । ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ କଂଗ୍ରେସ ବିଧାୟକ । ଏହି ସମୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେଇଥିଲେ । ଏହାକୁ ନେଇ ଗୃହରେ ଜୋରଦାର ହଙ୍ଗାମା ହୋଇଥିଲା । ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ ସନ୍ତୋଷ ଖଟୁଆ କ୍ଷମା ପ୍ରାର୍ଥନା କରିବାକୁ ଅଡି ବସିଥିଲେ । ଏହାସହିତ ବିଧାନସଭା ପରିସରରେଥିବା ଗାନ୍ଧି ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଥିଲେ । ବିଜେଡି ଓ କଂଗ୍ରେସର ସମସ୍ତ ବିଧାୟକ ଧାରଣାରେ ବସିଥିଲେ । ବିଧାୟକ ସନ୍ତୋଷ ଖଟୁଆ କ୍ଷମା ପ୍ରାର୍ଥନା ନକରିବା ଯାଏ ଧାରଣାରୁ ଉଠିବେ ନାହିଁ ବୋଲି କହିଥିଲେ । ତେବେ ବାଚସ୍ପତି ସୁରମା ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାରଣା ସ୍ଥଳକୁ ଆସି ବିରୋଧୀଙ୍କୁ ବୁଝାସୁଝା କରିଥିଲେ । ବିଧାୟକ ସନ୍ତୋଷ ଖଟୁଆ ଗାନ୍ଧିଙ୍କୁ ନେଇ ଦେଇଥିବା ବୟାନ ଭୁଲ ବୋଲି କହିଥିଲେ । ଏହାସହିତ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ପ୍ରତିଶ୍ରୁତି ମିଳିବା ପରେ ଗୃହ କାର୍ଯ୍ୟକୁ ଫେରିଥିଲେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକ ।

#### ବାରବାଟୀ ଟି-୨୦...

କଳାବଜାରୀ ଉପରେ ସତର୍କ ଦୃଷ୍ଟି ରଖିବ କମିଶନରେଟ ପୋଲିସ । ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଉପରେ କମିଶନରେଟ ପୋଲିସର ସାଇବର ଶାଖା କଡ଼ା ନଜର ରଖିବ । ଏହା ବ୍ୟତୀତ ସମସ୍ତ ଥାନାଗୁଡ଼ିକୁ ମଧ୍ୟ ଟିକେଟ କଳାବଜାରୀ ଉପରେ ନଜର ରଖିବା ପାଇଁ କଟକ ଡିସିପି ରିଶିକେଶ ଖିଲାରୀ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୯ ତାରିଖ ଦିନ ବାରବାଟୀରେ ହେବାକୁ ଥିବା ଭାରତ-ସାଉଥ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ଶୁକ୍ରବାର ଅଫଲାଇନରେ ଟିକେଟ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବ । ଏହାକୁ ଦୃଷ୍ଟିରେ ରଖି ଗୁରୁବାର କମିଶନରେଟ ପୋଲିସର ବ୍ରିଫିଂ ଅନୁଷ୍ଠିତ ହୋଇଯାଇଛି । ଷ୍ଟାଡ଼ିୟମର ୫ନଂ ଗ୍ୟାଲେରୀ ଏହି ବ୍ରିଫିଂ ଅନୁଷ୍ଠିତ ହୋଇଛି । କେଉଁ ଅଧିକାରୀ କେଉଁ କେଉଁ ସ୍ଥାନରେ ରହିବେ, କେଉଁଠାରେ କେତେ ପୋଲିସ ମୃତୟନ ହେବେ, ସେ ନେଇ ସବିଶେଷ ବିବରଣୀ ବ୍ରିଫିଂ ବେଳେ ଦିଆଯାଇଛି । ନିୟମ ଉଲଘଂନକାରୀଙ୍କ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି । ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ପାଇଁ ପ୍ରସ୍ତୁତ କରାଯାଇଥିବା ବ୍ଲୁଟ ପ୍ରିଣ୍ଟ ଅନୁଯାୟୀ ଡ୍ୟୁଟି କରିବାକୁ ଡିସିପି ନିର୍ଦ୍ଦେଶ ଦେଇଚନ୍ତି ।

#### ନାଇଟ୍ ସିଫ୍ଟରେ କାମ...

ହେବ ନାହିଁ । ଏହା ଦୈନିକ ମଜୁରୀରେ କାମ କରୁଥିବା ଲୋକଙ୍କ ପାଇଁ ମଧ୍ୟ ଲାଗୁ ହେବ ।

ବିଧେୟକରେ କୌଣସି ଆର୍ଥିକ ବର୍ଷର ଏକ ତ୍ରୈମାସିକ କାଳରେ ଓଭର ଟାଇମ ସୀମା ୫୦ ଘଣ୍ଟାରୁ ବଢାଇ ୧୪୪ ଘଣ୍ଟା କରିବାକୁ ପ୍ରସ୍ତାବ ରହିଛି । ଏହା ଦ୍ୱାରା ବାଣିଜ୍ୟିକ ପ୍ରତିଷ୍ଠାନଙ୍କୁ କାମର ଚାପ ମୁକାବିଲା ଓ ନିଯୁକ୍ତିଦାତାଙ୍କୁ ଦୀର୍ଘ ଅବଧିରେ ଅଧିକ କୁଶଳତାର ସହ ଜନଶକ୍ତିର ପ୍ରବନ୍ଧନ ପାଇଁ ସହାୟତା ମିଳିବ । ମନ୍ତ୍ରୀ କହିଛନ୍ତି ଯେ ଓଭର ଟାଇମର ବର୍ଦ୍ଧିତ ସୀମା ଇଚ୍ଛୁକ କର୍ମଚାରୀ ଓ ଶ୍ରମିକଙ୍କୁ ସାଧାରଣ ବେତନର ୨ଗୁଣା ଅଧିକ ଆୟ କରିବାକୁ ସହାୟତା କରିବ ।

ବିଧେୟକରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣକାରୀ ଉପାୟରେ ରାତ୍ରି ସିଫ୍ଟରେ କାମ କରିବା ପାଇଁ ଏ ପର୍ଯ୍ୟନ୍ତ ଥିବା କଟକଣା ହଟାଇଛି । ମନ୍ତ୍ରୀ କହିଛନ୍ତି ଯେ ଏହାର ଉଦ୍ଦେଶ୍ୟ ଲିଙ୍ଗଭେଦ ଦୂର କରିବା ଓ ସଙ୍ଗଠିତ କ୍ଷେତ୍ରରେ ମହିଳାଙ୍କ ନିମନ୍ତେ ରୋଜଗାରର ଅଧିକ ଅବସର ସୃଷ୍ଟି କରିବା । ମନ୍ତ୍ରୀ କହିଛନ୍ତି ଯେ ସଂଶୋଧିତ ପ୍ରାବଧାନ ରାଜ୍ୟରେ ଯେଉଁଦିନ ସପ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ (ସଂଶୋଧନ) ଅଧ୍ୟାଦେଶ ଜାରି ହୋଇଥିଲା ସେହି ଦିନରୁ ଅର୍ଥାତ ନଭେମ୍ବର ୮ରୁ ଲାଗୁ ହେବ ।

#### ସ୍ମାର୍ଟ ଫୋନର ଚିନ୍ତା...

ଚଳାଇବା ପାଇଁ ଯେଉଁ ଟଙ୍କା ବି ମିଳୁଛି, ତାହା ନିଅ ପଡୁଛି । ମାସକୁ ଯେଉଁଠି ୨୪୯ ଟଙ୍କା ଖର୍ଚ୍ଚ ହେଉଛି ।

ସେଠାରେ ସରକାର ମାସକୁ ୨୦୦ ଟଙ୍କା ଦେଉଛନ୍ତି । ଅନେକ ଅଭିଯୋଗ ଓ ଆନ୍ଦୋଳନ ପରେ କିଛି ବର୍ଷ ତଳେ ସ୍ମାର୍ଟ ଫୋନ୍ ମିଳିବା ନେଇ ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ, ଏହାରି ଭିତରେ ପ୍ରତିଶ୍ରୁତିକୁ ୨ ବର୍ଷ ବିତିବାକୁ ବସିଲାଣି । ଆଜିଯାଏଁ ମୋବାଇଲ୍ ମିଳିଲା ନାହିଁ ତେଣୁ ଏତେ ଅସୁବିଧା ଭିତରେ ବି କର୍ମୀମାନେ ସରକାରଙ୍କ ବିଭିନ୍ନ କାମ ବହୁ କଷ୍ଟରେ କରିଚାଲିଛନ୍ତି । ଅଙ୍ଗନୱାଡି କର୍ମୀମାନଙ୍କ କାମକୁ ସହଜ ଓ ସରଳ ଏବଂ ଅନଲାଇନରେ କାର୍ଯ୍ୟ କରିବା ପାଇଁ ସ୍ମାର୍ଟ ଫୋନ (ମୋବାଇଲ ୨-ଜି) ଯୋଗାଇ ଦେଇଥିଲେ । ଯାହାକି ମିଳିବାର କିଛି ଦିନ ମଧ୍ୟରେ ଖରାପ ହୋଇଗଲା । ଖାଲି ସେତିକି ନୁହେଁ ୫-ଜି ଯୁଗରେ ୨-ଜି ରେ କାମ କରିବେ କେମିତି ? କେହି ଜଣେ ବି କର୍ମୀ ଏହି ମୋବାଇଲ୍କୁ ବ୍ୟବହାର କରୁନାହାନ୍ତି । ଗୋଟିଏ ପଟେ ସରକାର ଆପରେ । ତେଣୁ ସମସ୍ତ କର୍ମୀ ବାଧହୋଇ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ମୋବାଇଲ୍ କିଣିଛନ୍ତି ।

## ଚାଷୀ ସମସ୍ୟା ନେଇ କେନ୍ଦ୍ରାପଡା କିଷାନ କଂଗ୍ରେସର ଦାବିପତ୍ର

**କେନ୍ଦ୍ରାପଡ଼ା,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ କୁହାଯାଇଛି ଯେ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ । ଓଡିଶାରେ ଖରିଫ୍ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ମିଲର ଓ ସରକାରଙ୍କ କଳି ପଦାକୁ ଆସିଛି । ଏହା କଳି ନା କୋଳାକୋଳି ବୋଲି ଚାଷୀ ସନ୍ଦେହ ପ୍ରକାଶ କରିଛି । ସବୁ ଦିଗରୁ ଚାଷୀ ଏ ସରକାର ସମୟରେ ଏକ ଗମ୍ଭୀର ପରିସ୍ଥିତି ମଧ୍ୟରେ କାଳ କାଟୁଛି । ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି । ତେଣୁ ପ୍ରଦେଶ କିଷାନ କଂଗ୍ରେସ ଦାବି କରିଛି ଯେ ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ଏକ ହୋଇ ଚାଷ, ଚାଷୀ ଓ ଭାଗଚାଷୀ ମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ । କିଷାନ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଚାଷୀଙ୍କ ଦାବି ଗୁଡିକ ପୂରଣ ହେଲେ ଚାଷୀ ସମସ୍ୟାମୁକ୍ତ ହୋଇ ପାରିବ । ନଚେତ କ୍ରମବର୍ଦ୍ଧିଷ୍ଣୁ ଅସନ୍ତୋଷ ଆନ୍ଦୋଳନର ରୂପ ନେବ । ବିନା କଟନୀ ଛଟନୀରେ ସରକାର ଚାଷୀ ଓ ଭାଗଚାଷୀଙ୍କ ସମସ୍ତ ବଳକା ଧାନ କିଣନ୍ତୁ । ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସାସ୍ଥ୍ୟ ବୀମାଭୁକ୍ତ କରାଯାଉ । ୫୫ ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ମାସିକ ୧୦ହଜାରଟଙ୍କା ଭତ୍ତା ପ୍ରଦାନ କରାଯାଉ । କେନ୍ଦ୍ରାପଡା ଜିଲ୍ଲାର ଚାଷୀମାନଙ୍କ ଉତ୍ପାଦିତ ଶସ୍ୟକୁ ସାଇତି ରଖିବା ପାଇଁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲା ଯାଉ । ଅଣ ଜଳସେଚିତ ଚାଷ ଜମିରେ ଉଠା ଜଳସେଚନର ବ୍ୟବସ୍ଥା କରାଯାଉ । ଚାଷୀମାନଙ୍କୁ ଠିକ ସମୟରେ ବିହନ, ସାର ଓ କୀଟନାଶକ ଯୋଗାଇବାର ବ୍ୟବସ୍ଥା କରାଯାଉ ବୋଲି ଜିଲ୍ଲା କିଷାନ କଂଗ୍ରେସ ଦାବି କରିଛି । ଜିଲ୍ଲା କିଷାନ କଂଗ୍ରେସ ସେଲର ଅଧ୍ୟକ୍ଷ ଜୟଦେବ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ. ସିପ୍ରା ମଲ୍ଲିକ, ବିଭ୍ରାଂଶୁ ଲେଙ୍କା, ମହମ୍ମଦ ଆକବର ଅଲ୍ଲୀ, ରାଜ୍ୟ କିଷାନ କଂଗ୍ରେସର ଉପସଭାପତି ଶିତିକଣ୍ଠ ମହାନ୍ତି, ଭାଗିରଥୀ ଜେନା, ରବିନ୍ଦ୍ର କୁମାର ବେହେରା, ମଙ୍ଗୁଳି ଚରଣ ବେହେରା, ବିଧୁଭୂଷଣ ମହାପାତ୍ର, ସୁମନ୍ତ ସେଠୀ, ଜ୍ୟୋତିରଞ୍ଜନ ପରିଡା, ଗୌରାଙ୍ଗ ମହାରଣା, ନିରଞ୍ଜନ ସାହୁ, ରଶ୍ମିରଞ୍ଜନ ଚୌଧୁରୀ, ସସ୍ମିତା ପଣ୍ଡା, ରଜନୀକାନ୍ତ ସାମଲ ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ହୁମାୟୁନଙ୍କୁ ଦଳରୁ ବିଦା କଲେ ମମତା

**କୋଲକାତା,୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାବରି ମସଜିଦ ତୋଳିବା ନେଇ ବୟାନ ଦେଇଥିବା ତୃଣମୂଳ କଂଗ୍ରେସ ବଧାୟକ ହୁମାୟୁନ କବୀରଙ୍କ ପାଇଁ ବଢିଛି ଅଡୁଆ । ବିବାଦ ବଢିବା ପରେ ଦଳ ତାଙ୍କୁ ସସପେଣ୍ଡ କରିଛି । କିଛି ଦିନ ତଳେ ସେ ମୁର୍ସିଦାବାଦରେ ବାବରି ମସଜିଦ ଭଳି ସମାନ ଢାଞ୍ଚାରେ ଏକ ମସଜିଦ ଗଢିବାକୁ କହିଥିଲେ । ଯାହା ପରେ ତାଙ୍କୁ ଅନେକ ସମାଲୋଚନା କରିଥିଲେ ।

ଦଳରୁ ନିଲମ୍ବନ ପରେ ଟିଏମସି କହିଛି ଯେ, ମୁର୍ସିଦାବାଦ ବିଧାୟକ ବାବରି ମସଜିଦ ଗଢିବା ପାଇଁ ଘୋଷଣା କରିଥିଲେ । କାହିଁକି ହଠାତ ବାବରି ମସଜିଦ ବୋଲି ଆମେ ତାଙ୍କୁ ପ୍ରଶ୍ନ କରିଥିଲୁ । ଏହାସହ ତାଙ୍କୁ ଏଥିପାଇଁ ସତର୍କ କରାଯାଇଥିଲା । ଏବେ ଦଳ ତାଙ୍କୁ ସସପେଣ୍ଡ କରିଛି ।

ସୂଚନାଯୋଗ୍ୟ, ଆସନ୍ତା ବର୍ଷ ହେବାକୁଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମସି ବିଧାୟକ କବୀର ବଡ଼ ଘୋଷଣା କରିଥିଲେ । ସେ କହିଥିଲେ ଯେ, ପଶ୍ଚିମବଙ୍ଗରେ ନିର୍ମାଣ ହେବ ନୂଆ ବାବରି ମସଜିଦ । ମୁର୍ସିଦାବାଦ ଅଞ୍ଚଳର ବେଲଡାଙ୍ଗାରେ ବାବରି ମସଜିଦ ନିର୍ମାଣ କରାଯିବ ଏବଂ ଏଥିପାଇଁ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ । ହୁମାୟୁନଙ୍କ ଅନୁସାରେ, ଡିସେମ୍ବର ୬ରେ ନୂଆ ବାବରୀ ମସଜିଦ ଲାଗି ଶିଳାନ୍ୟାସ ହେବ ଏବଂ ୩ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବ । ସେପଟେ ହୁମାୟୁନଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରିଥିଲା ବିଜେପି । ଟିଏମସି ତୁଷ୍ଟିକରଣ ରାଜନୀତି କରୁଛି ବୋଲି ବିଜେପି ଅଭିଯୋଗ କରିଥିଲା ।

## ଇଣ୍ଡିଗୋରେ ବିଭ୍ରାଟ : ୨ ଶହରୁ ଅଧିକ ଫ୍ଲାଇଟ ବାତିଲ

**ନୂଆଦିଲ୍ଲୀ,୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇଣ୍ଡିଗୋ ବିମାନ ଚଳାଚଳରେ ଭୟଙ୍କର ବିଭ୍ରାଟ । ୨ ଶହରୁ ଅଧିକ ଫ୍ଲାଇଟ ବାତିଲ କରାଯାଇଛି । ମୁମ୍ବାଇ, ଦିଲ୍ଲୀ, ବେଙ୍ଗଲୁରୁ, ହାଇଦ୍ରାବାଦ, କୋଲକାତାରେ ଗୁରୁତର ଭାବେ ପ୍ରଭାବିତ ଏହାର ଅପରେସନ । ହଜାର ହଜାର ଯାତ୍ରୀ ହଇରାଣ ହୋଇଛନ୍ତି । ଏୟାରପୋର୍ଟରେ ସେମାନେ ଫସି ରହିଛନ୍ତି । ଏହି ବିଭ୍ରାଟ ପାଇଁ ଡିଜିସିଏ ପକ୍ଷରୁ ଇଣ୍ଡିଗୋ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଦିଲ୍ଲୀରୁ ୩୦ଟି, ହାଇଦ୍ରାବାଦରୁ ୩୩ଟି, ମୁମ୍ବାଇରୁ ମଧ ବହୁତ ଫ୍ଲାଇଟ ବାତିଲ ହୋଇଛି ।

ଏହି ବିଭ୍ରାଟ ପାଇଁ ଇଣ୍ଡିଗୋ ସ୍ୱୀକାର କରିଛି ଯେ, କମ୍ପାନୀର ଅପରେସନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏଥିପାଇଁ କମ୍ପାନୀ ପକ୍ଷରୁ କ୍ଷମାପ୍ରାର୍ଥନା କରାଯାଇଛି । ଟେକ୍ନିକାଲ ତ୍ରୁଟି, ସମୟରେ ପରିବର୍ତ୍ତନ, ପ୍ରତିକୂଳ ପାଗ ପରିସ୍ଥିତି, ଭିଡ଼ ଏବଂ ଅପଡେଟ୍ କର୍ମଚାରୀଙ୍କ ରୋଷ୍ଟର ନିୟମରେ ପରିବର୍ତ୍ତନ ଯୋଗୁଁ ଏହି ସମସ୍ୟା ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି । ଏହାକୁ ସ୍ୱାଭାବିକ କରିବାକୁ ଉଦ୍ୟମ ଚାଲିଥିବା ଇଣ୍ଡିଗୋ ପକ୍ଷରୁ କୁହାଯାଇଛି । ଏଥିପାଇଁ ୪୮ ଘଣ୍ଟା ଲାଗିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଡିଜିସିଏର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ହୋଇଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ